


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 JULY 2021
Vol.No. 32 ■ No. 193 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ମମତା



ନୂଆଦିଲ୍ଲୀ,୨୮/୦୭: ଦିଲ୍ଲୀ ଗସ୍ତରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ମମତା ସୋନିଆଙ୍କୁ ଭେଟିବା ପୂର୍ବରୁ ପୁଣିଥରେ ଚିରାଚରିତ ଢଙ୍ଗରେ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି । ପେଗାସସ୍ ମାମଲାରେ ମମତା କହିଛନ୍ତି କି ମୋ ଫୋନ, ଅଭିଷେକର ଫୋନ ଓ ପି.କେର ଫୋନ ହ୍ୟାକ୍ ହୋଇଛି । ଏବେ ଦେଶରେ କୌଣସି ପ୍ରକାର ସ୍ୱାଧୀନତା ବଞ୍ଚି ନାହିଁ । ଅନ୍ୟପଟେ ତ୍ରିପୁରା ଓ ଆସାମ ମଧ୍ୟରେ ଚାଲିଥିବା ହିଂସାକୁ ନେଇ ମମତା କହିଛନ୍ତି କି ମୁଁ ଯେଉଁମାନଙ୍କୁ ତ୍ରିପୁରା ପଠାଇଥିଲି ସେମାନଙ୍କୁ ବିଜେପି ସରକାର ଗିରଫ୍ କରିଛନ୍ତି । ଏହାସହ ପେଗାସସ୍ ଏକ ଭୟାନକ ଭୂତାଣୁ, ଯାହାକୁ ବ୍ୟବହାର କରି ଆମର ସୁରକ୍ଷାକୁ ବିପଦରେ ପକାଇଛନ୍ତି ସରକାର । ସଂସଦରେ କିଛି ଆଲୋଚନା ହୋଇପାରୁ ନାହିଁ, ସରକାର ବିରୋଧୀମାନଙ୍କୁ ଚାପରେ ରଖୁଛନ୍ତି । ଏହାକୁ ନେଇ ମମତା କହିଛନ୍ତି କି ଦେଶରେ ବର୍ତ୍ତମାନ ଜରୁରୀକାଳୀନ ପରିସ୍ଥିତି ଠାରୁ ସ୍ଥିତି ଅଧିକ ଖରାପ ହୋଇଛି । ବିରୋଧୀ ମାନଙ୍କ ଏକତାକୁ ନେଇ ମମତା କହିଛନ୍ତି କି, ପୁରା ସିଷ୍ଟମ ରାଜନୈତିକ ଦଳମାନଙ୍କ ଉପରେ ନିର୍ଭର କରୁଛି । ଯଦି କେହି ନେତୃତ୍ୱ ନେବାକୁ ଚାହୁଁଛନ୍ତି ତେବେ ତାଙ୍କର କୌଣସି ଅଭିଯୋଗ ନାହିଁ ବୋଲି କହିବା ସହ ଏବେ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି , ସଂସଦ ଅଧିବେଶନ ପରେ ସବୁ ବିରୋଧୀଦଳମାନଙ୍କ ସହ ଭେଟି ସେ ଆଲୋଚନା କରିବେ ବୋଲି କହିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି କି ସେ ସୋନିଆ ଗାନ୍ଧୀ ଓ ଅରବିନ୍ଦ କେଜ୍ରିୱାଲଙ୍କ ସହ ବୈଠକ କରିବେ । ଲାଲୁ ଯାଦବଙ୍କ ସହ ତାଙ୍କର ଆଲୋଚନା ହୋଇଛି । ସମସ୍ତ ବିରୋଧୀ ଏକଜୁଟ୍ ହେବାର ସମୟ ଆସିଛି । ସେ ଆହୁରି କହିଛନ୍ତି କି ବିରୋଧୀ ମେଣ୍ଟକୁ ନେଇ କେହିଯଦି ଗରୁତର ସହ କାମ କରିବେ ତେବେ ୬ ମାସରେ ଦେଶର ରାଜନୈତିକ ସ୍ଥିତି ବଦଳିଯିବ । ଏହି କ୍ରମରେ ମମତା ବାନାର୍ଜୀ କହିଛନ୍ତି କି ପଶ୍ଚିମବଙ୍ଗ ପରେ ଏବେ ପୁରାଦେଶରେ 'ଖେଲା ହବେ'

## କଥାକାର ରାମଚନ୍ଦ୍ର ବେହେରାଙ୍କୁ ଅତିବଡ଼ୀ ପୁରସ୍କାର ପ୍ରଦାନ



ଭୁବନେଶ୍ୱର,୨୮/୦୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ୨୮ତମ ପୁରସ୍କାର ବିତରଣୀ ଉତ୍ସବରେ ଏକାଡେମୀର ସର୍ବୋଚ୍ଚ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଶିଷ୍ଟ କଥାଶିଳ୍ପୀ ତଥା ସାରସ୍ୱତ ସାଧକ ଡ. ରାମଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରାଯାଇଛି । ସ୍ଥାନୀୟ ସଂସ୍କୃତି ଭବନଠାରେ ନିରାଡମ୍ବର ଭାବେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଡ. ବେହେରାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଏଥି ସହିତ ସାରସ୍ୱତ ସାଧନା ଓ ଓଡ଼ିଆ ବାଣୀଭଣ୍ଡାରକୁ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ୧୫ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ/ ସାଧିକାଙ୍କୁ ମଧ୍ୟ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ସାରସ୍ୱତ ବ୍ୟକ୍ତିତ୍ୱମାନେ ହେଲେ ରାସେଶ୍ୱରୀ ମିଶ୍ର, ମହେଶ୍ୱର ମୂଳିଆ, ଡ. ଜୀବନକୃଷ୍ଣ ମହାପାତ୍ର, ଶ୍ରୀମତୀ ନିର୍ମଳପ୍ରଭା ନାୟକ, ରାଧାବିନୋଦ ନାୟକ, ଡ. କୃପାସିନ୍ଧୁ ନାୟକ, ଡ. ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ର, ▶▶ପୃଷ୍ଠା ୭

# କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ବାସବରାଜ ବୋମାଇ



ନୂଆଦିଲ୍ଲୀ,୨୮/୦୭: କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇଛନ୍ତି ବାସବରାଜ ବୋମାଇ । ଆଜି ଦିନ ୧୧ ଟା ବେଳେ ତାଙ୍କୁ ଶପଥ ପାଠ କରାଇଛନ୍ତି । ଆଜି କେବଳ ମୁଖ୍ୟମନ୍ତ୍ରୀ ଶପଥ ନେଇଥିବା ବେଳେ ମନ୍ତ୍ରୀମଣ୍ଡଳର ବିସ୍ତାର ପରେ କରାଯିବ ବୋଲି କୁହାଯାଇଛି । ବୁଧବାର ଦିନ ମୁଖ୍ୟମନ୍ତ୍ରୀ ଭାବେ ବାସବରାଜ ବୋମାଇ ଶପଥ ନେବା ପୂର୍ବରୁ ଦଳର କିଛି ବରିଷ୍ଠ ନେତାମାନଙ୍କ ସହ ବାଲାବୁୟୀ ଗେଷ୍ଟ ହାଉସ ନିକଟରେ ଥିବା ଅଞ୍ଜନେୟ ମନ୍ଦିର ଯାଇ ଭଗବାନଙ୍କ ଆର୍ଶୀବାଦ ନେଇଥିଲେ । କର୍ଣ୍ଣାଟକରେ ବିଏ ୟେଦ୍ୟୁରପ୍ପାଙ୍କ ଇସ୍ତଫା ପରେ ଭାରତୀୟ ଜନତା ପାର୍ଟିର ବିଧାୟକ ଦଳ ବୈଠକରେ ବାସବରାଜ ବୋମାଇଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ମଙ୍ଗଳବାର ଦିନ ବେଙ୍ଗାଲୋର ଠାରେ ଏହି ନିଷ୍ପତ୍ତି ନିଆଯାଇଥିଲା । ଯେଉଁଥିରେ ବିଧାୟକ ଦଳ ସହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବାସବରାଜ ବୋମାଇଙ୍କ ନାମରେ ମୋହର ମାରିଥିଲେ । କହିରଖୁ କି ବାସବରାଜ ବୋମାଇ ତାଙ୍କ ରାଜନୈତିକ ଜୀବନ ଜନତା ଦଳରୁ ଆରମ୍ଭ କରିଥିଲେ । ଏହାପରେ ସେ ବିଜେପିରେ ଯୋଗ ଦେଇଥିଲେ । ତାଙ୍କୁ ବି.ଏସ ୟେଦ୍ୟୁରପ୍ପାଙ୍କ ନିକଟତର ବୋଲି କୁହାଯାଉଛି । ଏହି କାରଣରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିଥିବା କୁହାଯାଉଛି । ବି.ଏସ୍ ୟେଦ୍ୟୁରପ୍ପାଙ୍କ ଭଳି ବାସବରାଜ ବୋମାଇ ବି ଲିଙ୍ଗାୟତ ସମୁଦାୟରୁ ଆସିଛନ୍ତି । ତାଙ୍କ ପିତା ଏସ.ଆର ବୋମାଇବି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଥିଲେ । ଏବେ କର୍ଣ୍ଣାଟକର ୨୩ ତମ ମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ନେଇଛନ୍ତି ।

## ରାଜ୍ୟରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ହାର ହ୍ରାସ ପାଉଥିବା ବେଳେ ବନ୍ଦ ଥିବା ମେଡିକାଲ କଲେଜକୁ ପୁଣି ଥରେ ଖୋଲିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ଏଥିନେଇ ଡିଏମଇଟିଙ୍କୁ ଚିଠି ଲେଖି ଜଣାଇଛନ୍ତି ଏସିଏସ୍ ପ୍ରଦୀପ୍ତ ମହାପାତ୍ର । କୋଭିଡ୍ ଗାଇଡଲାଇନ୍ ପାଳନ ପୂର୍ବକ ପୁଣିଥରେ ମେଡିକାଲ କଲେଜ, ନର୍ସିଂ, ଫାର୍ମାସି, ପାରାମେଡିକାଲ ଅନୁଷ୍ଠାନ ଖୋଲିବା ପାଇଁ ଏସିଏସ୍ ଚିଠି ଲେଖିଛନ୍ତି । ତେବେ ମେଡିକାଲ କଲେଜ ଖୋଲିବା ପରେ ▶▶ପୃଷ୍ଠା ୭

# ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇବ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ



ଭୁବନେଶ୍ୱର,୨୮/୦୭(ନି.ପ୍ର): ଛାତ୍ରଛାତ୍ରୀଙ୍କ ପାଇଁ ବଡ ଖବର । ଆସନ୍ତା ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ । ଏନେଇ ଆଜି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଘୋଷଣା କରାଯାଇଛି । ତେବେ ଜୁଲାଇ ୩୧ ତାରିଖ ଦିନ ସନ୍ଧ୍ୟା ସମୟରେ ଯୁକ୍ତ ଦୁଇ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇବ । ତେବେ କଳା ବିଭାଗର ରେଜଲ୍ଟ ଖୁବଶୀଘ୍ର ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ କରୋନା ହେତୁ ପିଲାଙ୍କ ପରୀକ୍ଷା ଠିକ୍ ଭାବେ ହୋଇପାରିନି । ତେଣୁ ବୋର୍ଡ ବିକଳ୍ପ ଆଧାରରେ ରେଜଲ୍ଟ ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛି । ମାଟ୍ରିକ ପରୀକ୍ଷାକୁ ଆଧାର କରି ଚଳିତ ବର୍ଷ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା । ଆଉ ଏବେ ବୋର୍ଡ ପକ୍ଷରୁ ଜୁଲାଇ ୩୧ ତାରିଖରେ ରେଜଲ୍ଟ ପ୍ରକାଶ ପାଇବା ନେଇ ଘୋଷଣା କରାଯାଇଛି ।

# ସ୍ପିରିଟ୍ ଢ଼ାଳି ପ୍ରେମିକାକୁ ପୋଡ଼ିଦେଲା ପ୍ରେମିକ

## ମୃତ୍ୟୁକାଳୀନ ବୟାନରେ ଲୋମହର୍ଷଣକାରୀ କାହାଣୀ କହିଲେ ପୀଡ଼ିତା, ଅଭିଯୁକ୍ତକୁ ଗିରଫ କଲା ପୋଲିସ



ଗଞ୍ଜାମ,୨୮/୦୭(ନି.ପ୍ର): ପ୍ରେମିକ ପାଲଟିଗଲା ରାକ୍ଷସ । ସମ୍ପର୍କ ଆରମ୍ଭ ହେଲା ପ୍ରେମରୁ , ଆଉ ସରିଲା ନିଆଁରେ । ଗଞ୍ଜାମର ପୁରୁଷୋତ୍ତମପୁର ଅଞ୍ଚଳରୁ ଯେଉଁ ଚାଞ୍ଚଲ୍ୟକର ଖବର ଆସିଛି, ତାହା ସତରେ କେବେ ବିଶ୍ୱାସ କରିହେବନି । ମନରେ ପ୍ରଶ୍ନ ଉଠିବ, ସଭ୍ୟ ସମାଜରେ ସତରେ କଣ ଜଣେ ଶିକ୍ଷିତ ଯୁବକ ଏଭଳି କରିପାରିବ । ବିଶ୍ୱାସରେ ବିଷ ଦେଇ କଥା ହେବା ବାହାନାରେ ଡାକି ପ୍ରେମିକାକୁ ସ୍ପିରିଟ ଢାଳି ନିଆଁ ଲଗାଇଦେଇଛି ପ୍ରେମିକ । ଯୁବତୀଙ୍କୁ ପୋଡି ମାରିଦେବା ଘଟଣାରେ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି ପୋଲିସ । ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସାହୁକୁ ଗିରଫ କରିଛି ପୁରୁଷୋତ୍ତମପୁର ପୋଲିସ । ଏନେଇ ଥାନାରେ ମାମଲା ରୁଜୁ ହେବା ସହ ଘଟଣାସ୍ଥଳରୁ ଅନେକ ଜିନିଷ ଜବତ କରିଛି ପୋଲିସ । କିଛି ବର୍ଷ ଆଗରୁ ସବୁ କିଛି ସବୁ ଠିକ୍ଠାକ୍ ଥିଲା । ବନ୍ଧୁତ୍ୱ ଥିଲା, ବନ୍ଧୁତ୍ୱରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଲା । ହେଲେ ୬ବର୍ଷ ▶▶ପୃଷ୍ଠା ୭

# କୁଆଖାଇ ନଦୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ



ଭୁବନେଶ୍ୱର,୨୮/୦୭(ନି.ପ୍ର): ନଦୀକୁ ଆତ୍ମହତ୍ୟା ଉଦ୍ୟମ ବେଳେ ଯୁବତୀଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଲୋକ । ଭୁବନେଶ୍ୱର ହଂସପାଳ ନିକଟରେ କୁଆଖାଇ ନଦୀକୁ ଡେଇଁବା ଉଦ୍ୟମ କରୁଥିଲେ ଯୁବତୀ । ତେବେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଛନ୍ତି । ଯୁବତୀ ଜଣକ ବାରମ୍ବାର ପାଟି କରି କହୁଥିଲେ ମୋତେ ଛାଡ଼ିଦିଅ ମୁଁ ମରିବାକୁ ଚାହେଁ । ପୋଲିସ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା । ଯୁବତୀ ଜଣକ ସହିଦନଗର ଅଞ୍ଚଳର ବୋଲି ଜଣାପଡିଛି । ତେବେ ମାନସିକ ଅବସାଦ ଯୋଗୁଁ ସେ ଏଭଳି ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ୍ କହିଛି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଘର ଆଗରେ ମା ପୁଅଙ୍କ ଆତ୍ମାହୁତି ଉଦ୍ୟମ



ଭୁବନେଶ୍ୱର,୨୮/୦୭(ନି.ପ୍ର): ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ଘର ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି ମାଟ୍ରିକ ଅଫଲାଇନ ଫର୍ମଫିଲପକୁ ନେଇ ଅସନ୍ତୁଷ୍ଟ ଥିବା ମା' ଓ ପୁଅ। କିରାସିନି ବୋତଲ ଧରି ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ପୋଲିସ୍ ଉଭୟଙ୍କୁ କାବୁ କରିବା ସହ କ୍ୟାପିଟାଲ ଥାନାରେ ଅଟକ ରଖି ବୁଝାସୁଝା କରୁଛି। ଏ ନେଇ ଛାତ୍ର ଇମ୍ରାନ୍ ଖାନଙ୍କ ମା' ଯସ୍ମିନ୍ କହିଛନ୍ତି, ମୋ ପୁଅକୁ ପରୀକ୍ଷା ଦେବାକୁ ସୁଯୋଗ ଦେବାକୁ ମନ୍ତ୍ରୀଙ୍କୁ ଭେଟି ତାଙ୍କୁ ଅନୁରୋଧ କରିବାକୁ ଚାହେଁ। ସୂଚନା ଅନୁଯାୟୀ କ୍ୟାପିଟାଲ ହାଇସ୍କୁଲରେ ଛାତ୍ର ଇମ୍ରାନ୍ ଖାନ୍ ଚଳିତବର୍ଷ ବିନା ପରୀକ୍ଷାରେ ବାହାରିଥିବା ରେଜଲ୍ଟରେ ୨୭୨ ନମ୍ବର ରଖିଥିଲେ। କିନ୍ତୁ ସେ ପ୍ରଥମ ଶ୍ରେଣୀରେ ପାସ୍ କରିବେ ବୋଲି ତାଙ୍କ ମାଆ ଆଶା କରିଥିଲେ। ରେଜଲ୍ଟରେ ଅସନ୍ତୋଷ ପ୍ରକାଶ କରି ଇମ୍ରାନ୍ ଅଫଲାଇନରେ ପରୀକ୍ଷା ଦେବାକୁ ନିଷ୍ପତି ନେଇଥିବା ବେଳେ ସ୍କୁଲରେ ଫର୍ମ ଫିଲଅପ୍ ହୋଇପାରୁନଥିବା ▶▶ପୃଷ୍ଠା ୭

# ଅଧିକ ଘନୀଭୂତ ହେଲା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ

## ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୮/୦୭(ନି.ପ୍ର): ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେଲା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ । ଲଘୁଚାପ ଅଧିକ ଘନୀଭୂତ ହୋଇ ଦକ୍ଷିଣ-ବାଂଲାଦେଶ ତଥା ଉତ୍ତର ବଙ୍ଗୋପସାଗର ଏବଂ ତାର ଆଖପାଖ ଅଂଚଳରେ ୱେଲ ମାର୍କଡ୍ ଲୋ ପ୍ରେସରରେ ପରିଣତ ହୋଇଛି । ଏହା ଆଗାମୀ ୪୮ ଘଂଟାରେ ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ସକାଳ ୮ଟା ୩୦ ଯାଏଁ ୧୫ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ସେହିପରି ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା ଏବଂ ସମ୍ବଲପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବର୍ଷା ଯୋଗୁଁ କିଛି ସ୍ଥାନରେ ତଥା ତଳିଆ ଅଂଚଳରେ ସାମୟିକ ଜଳବନ୍ଦୀ ସୃଷ୍ଟି ହୋଇପାରେ ।

# ୟୁପି ବିଧାନସଭା ନିର୍ବାଚନ : ସମାଜବାଦୀ ପାର୍ଟି ସହ ମେଣ୍ଟରେ ନିର୍ବାଚନ ଲଢ଼ିବ ଏନସିପି

ନୂଆଦିଲ୍ଲୀ,୨୮/୦୭: ୟୁପିରେ ଆଗାମୀ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି) ଓ ସମାଜବାଦୀ ପାର୍ଟି (ଏସପି) ମେଣ୍ଟରେ ନିର୍ବାଚନ ଲଢିବେ । ଏନେଇ ମଙ୍ଗଳବାର ଦିନ ଏନସିପି ମହାସଚିବ କେ.କେ ଶର୍ମା ଓ ପ୍ରଦେଶ ଅଧ୍ୟକ୍ଷ ଉମାଶଂକର ଯାଦବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମଙ୍ଗଳବାର ଦିନ କେ.କେ ଶର୍ମା ଲକ୍ଷ୍ନୌ ଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ,ଆଗାମୀ ବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଏନସିପି ଓ ସମାଜବାଦୀ ପାର୍ଟି ମେଣ୍ଟରେ ନିର୍ବାଚନ ଲଢିବାକୁ ଯାଉଛନ୍ତି । ଏହାସହ ବିଜେପିକୁ କ୍ଷମତାରୁ ହଟାଇବାକୁ ସମସ୍ତ ବିରୋଧୀଦଳମାନେ ସମାଜବାଦୀ ପାର୍ଟି ସହ ମେଣ୍ଟ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଭଳି ବିଜେପିକୁ କ୍ଷମତାରୁ ଦୂରେଇ ରଖିବାକୁ ସେ ବିରୋଧୀଦଳ ମାନଙ୍କୁ ପରାମର୍ଶ ଦେଇଛନ୍ତି । କେ.କେ ଶର୍ମା ବିଜେପିକୁ ଟାର୍ଗେଟ୍ କରି କହିଛନ୍ତି କି ସଂଘ ସର୍ବଦା ଲୋକତନ୍ତ୍ର ପାଇଁ ବିପଦ ହୋଇଛି । ଯୋଗୀ ସରକାର ସମୟରେ ରାଜ୍ୟରେ ନ୍ୟାୟ ବ୍ୟବସ୍ଥା ଭୁଷୁଡି ପଡିଛି । ସାଧାରଣ ଲୋକେ ନ୍ୟାୟ ପାଇଁ ଥାନା, କୋର୍ଟକୁ ଯିବାକୁ ଡରୁଛନ୍ତି । ମଠ ମନ୍ଦିର ନାମରେ ରାଜନୀତି କରି ଲୋକଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି । ଅନ୍ୟପଟେ ୟୁପି ଏନସିପି ଅଧ୍ୟକ୍ଷ ଉମାଶଂକର ଯାଦବ କହିଛନ୍ତି କି, ୟୁପିର ସ୍ଥିତି ଖରାପ ହୋଇଛି । କୃଷକମାନେ ସେମାନଙ୍କ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି । ହେଲେ ସରକାର ସେମାନଙ୍କ ଦାବିକୁ ଶୁଣିବା ପରିବର୍ତ୍ତେ ସେମାନଙ୍କ ଉପରେ ବିଭିନ୍ନ ଅଭିଯୋଗ ଆଣି ଗିରଫ୍ କରିବାରେ ଲାଗିଛନ୍ତି ।

# ୪ହଜାରରୁ ଉର୍ଦ୍ଧ୍ୱ ପଡ଼ା ହେବ ରାଜସ୍ୱ ଗ୍ରାମ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ରାଜ୍ୟରେ ଥିବା ୪୦୦୦ ପଡ଼ା ବା ବସତିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାପାଇଁ ଥିବା ଦୀର୍ଘଦିନର ସମସ୍ୟାକୁ ରାଜ୍ୟ ସରକାର ୫-'ଟି' ସୂତ୍ର ଅଧୀନରେ ସମାଧାନ କରିଛନ୍ତି । ଏହା ଦ୍ୱାରା ଏହି ପଡ଼ାଗୁଡ଼ିକ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମର ସୁବିଧା ପାଇପାରିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନିମନ୍ତେ ନିୟମରେ ସରଳୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ମର୍ମରେ ▶▶ପୃଷ୍ଠା ୭

# କୋଇଲା ବୋଝେଇ ଟ୍ରକକୁ ପିଟିଲା ସିମେଂଟ ବୋଝେଇ ଟ୍ରକ୍

ନୂଆପଡା,୨୮/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ୩୫୩ ନଂ ଜାତୀୟ ରାଜପଥର ବଡପୋଲ ପାଖରେ ଏକ ସାଙ୍ଘାତିକ ସଡକ ଦୁର୍ଘଟଣା ଗତକାଲି ରାତ୍ରରେ ହୋଇଥିଲା । ଛତିଶଗଡ ରାଜ୍ୟ ରାୟପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ବଡ ପୋଲ ଛକ ପାଖରେ ଠିଆ ହୋଇଥିବା ଏକ ସିମେଂଟ ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା ଓ ଦୁର୍ଘଟଣା ଘଟାଇଥିବା ଟ୍ରକ ୧୦୦ ମିଟର ପର୍ଯ୍ୟନ୍ତ ଆଗକୁ ଯାଇ ଡାହାଣ ପଟେ ଥିବା ଏକ ଦୋକାନ ଘରର ଆର୍ଜବେଷ୍ଟକୁ ଭାଙ୍ଗି ଦେଇ ଓଲଟି ଯାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇ ଯାଇଥିବା ବେଳେ ଠିଆ ହୋଇଥିବା ଟ୍ରକର ମଧ୍ୟ ପଛପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ସୌଭାଗ୍ୟର କଥା ଉକ୍ତ ଦୁର୍ଘଟଣା ହେବା ପୂର୍ବରୁ ଏହି ଛକରେ ଥିବା ଏକ ହୋଟେଲ ମାଲିକ ତାଙ୍କ ହୋଟେଲକୁ ଦୁର୍ଘଟଣା ଘଟିବାର ପୂର୍ବରୁ ଦୋକାନ ବନ୍ଦ କରି ଦେଇଥିଲେ । ନହେଲେ ତାଙ୍କର ଜୀବନ ଚାଲି ଯାଇଥାନ୍ତା । ଏହାସହ ହୋଟେଲକୁ ଲାଗି ଲୋକଙ୍କ ଘର ରହିଛି । ଘରେ ପରିବାର ରହୁଥିଲେ । ଯଦି ଟ୍ରକଟି ୫ ଫୁଟ ଆଗକୁ ଯାଇଥାନ୍ତା ତାହା ହେଲେ ଘରେ ଥିବା ସମସ୍ତ ପରିବାର ସଦସ୍ୟଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଥାନ୍ତା । ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ଖଡିଆଳ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡିଛି ।

# ବହୁ ଚର୍ଚ୍ଚିତ ବାବୁଲି ମହାରଣା ଗୁଳିମାଡ ମାମଲାରେ ୫ ଗିରଫ

କେନ୍ଦ୍ରାପଡ଼ା,୨୮/୭ (ନି.ପ୍ର): କେନ୍ଦ୍ରାପଡାରେ ଚହଳ ସୃଷ୍ଟି କରିଥିବା ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ଦ୍ୱିତୀୟ ଥର ଗୁଳିମାରି ହତ୍ୟା କରିବା ଉଦ୍ୟମର ୫ଜଣ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏନେଇ ମଙ୍ଗଳବାର କେନ୍ଦ୍ରାପଡା ସଦର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ ସନ୍ଦୀପ ସମ୍ପଦ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏଡିପିଓ ରାଜୀବ ଲୋଚନ ପଣ୍ଡା ସଦର ଥାନା ଅଧିକାରୀ ପବିତ୍ର କୁମାର ମହାରଣା, ଟାଉନ ଥାନା ଅଧିକାରୀ ଜ୍ୟୋତି ଶଙ୍କର ସାମନ୍ତରାୟ ଉପସ୍ଥିତ ଥିଲେ । ଏହି ୫ ଅଭିଯୁକ୍ତ ମାନେ ହେଲେ ସବଲଙ୍ଗ କଣିପଡାର ସେକ ଅସଲର ଅଲ୍ଲୀ, ନିଶ୍ଚିନ୍ତ କୋଇଲି ଥାନା ଅଧିନ ପାଟସାଇଲୋର ବସର ଖାନ, ଅଶୂରେଶ୍ୱର ର ଜଗବନ୍ଧୁ ସାହା, ଜୁଳକିପଡାର ରାକେଶ କୁମାର ମହାରଣା, ସୁକରପଡାର କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ । ଏମାନଙ୍କ ଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ମାରୁତି ସିଆଜ କାର ନଂ-ଓଡି୦୨-ବିପି-୮୦୩୧ ଓ ବୋଲେରୋ ନଂ-ଓଆର-୦୨-ଏଜେ-୧୯୩୨, ଟିଭିଏସ ଆପାଚି ମଟର ସାଇକେଲ ନଂ-ଓଡି୨୯-ସି-୮୯୨୨, ଗୋଟିଏ ପଲସର-୧୮୦ ମଟର ସାଇକେଲ ନଂ- ଓଆର୫-ଏଏ-୩୬୯୧ ଓ ୫ଟି ମୋବାଇଲ ଜବତ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଚଳିତ ମାସ ୧୪ ତାରିଖରେ ବରିଷ୍ଠ ହିନ୍ଦୁ ନେତା, ଶ୍ରୀରାମ ସେନାର ଜିଲ୍ଲା ସଭାପତି ତଥା ତିନିମୁହାଣୀ ବଜାର କମିଟି ର ସଭାପତି ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ଦ୍ୱିତୀୟ ବାର ଗୁଳିମାରି ହତ୍ୟା କରିବା ଉଦ୍ୟମ ହୋଇଛି । ୨୦୧୯ ଜୁଲାଇ ୧୩ ତାରିଖରେ ଗୁଲନଗର ସ୍କୁଲ ନିକଟରେ ସଂନ୍ଧ୍ୟା ସମୟରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ଗୁଳିମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ବେଳେ କିଛିଦିନ ଚିକିତ୍ସା ପରେ ବାବୁଲି ସୁସ୍ଥ ହୋଇଥିଲେ । ଠିକ୍ ୨ବର୍ଷ ପରେ ବୁଧବାର ମଧାହ୍ନ ପ୍ରାୟ ୧ଟା ବେଳେ ସଦର ଥାନା ଅଧିନ ଦଣ୍ଡାମୁଣ୍ଡ ଛକ ନିକଟ ରାମନଗରପାଟଣା ରେ ଥିବା ସ୍ୱରାଜ ଟ୍ରାକ୍ଟର ସୋରୁମ୍ ର ଉପର ମହଲା ଅଫିସରେ ଥିବା ବାବୁଲିଙ୍କୁ ହତ୍ୟା କରିବା ପାଇଁ ପୂର୍ବ ଗୁଳିକାଣ୍ଡର ୨ ଅଭିଯୁକ୍ତ ଜାମିନୀରେ ଆସିବା ପରେ ପୁନର୍ବାର ଉଦ୍ୟମ କରିଛନ୍ତି । ବୁଧବାର ମଧାହ୍ନରେ ମୁହଁ ଘୋଡାଇ ହୋଇଥିବା ଏହି ୨ ଦୁର୍ବୃତ୍ତ ସୋରୁମରେ ପହଁଚି ବାବୁଲିଙ୍କୁ ଖୋଜିବା ବେଳେ ସଦର ଥାନା ପୋଲିସ ଯୋଗାଇ ଦେଇଥିବା ପିଏସଓ ମାନସ ରଞ୍ଜନ ମହାନ୍ତିଙ୍କ ନଜରରେ ପଡିଥିଲେ । ଉଭୟଙ୍କୁ ମାନସ ଅଟକାଇଥିଲେ ମଧ ସେମାନେ ମାନସ ଉପରକୁ ଗୁଳି ଚଳାଇବାକୁ ଉଦ୍ୟମ କରୁଥିବା ବେଳେ ପିଏସଓଙ୍କ ପାଲଟା ଗୁଳି ମାଡରେ ଦୁଇ କ୍ରିମିନାଲ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ । ଏନେଇ ସଦର ଥାନା ପକ୍ଷରୁ କେସ ନଂ-୩୧୫/୨୧ ରେ ଏକ ମାମଲା ରୁଜୁ କରାଯାଇଥିଲା । ଆଜି ଜିଆର କେସ ନଂ-୧୬୯୭/୨୧ ରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇ ଥିବାବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି । ମୁଖ୍ୟ ଆସାମୀ ସମେତ ଅନ୍ୟ ଆସାମୀ ମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ଏସପି ଶ୍ରୀ ମଡକର ସୂଚନା ଦେଇଛନ୍ତି ।

# ହରଭଂଗା ତହସିଲଦାରଙ୍କୁ ବରଖାସ୍ତ ଦାବି : ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବୌଦ୍ଧ,୨୮/୭ (ନି.ପ୍ର): ଅଶାଳିନ ବ୍ୟବହାର ଦେଖାଇଥିବା ହରଭଂଗା ତହସିଲଦାରଙ୍କୁ ତୁରନ୍ତ ହଟାଇବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରି ଆଜି ଶହଶହ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଖରଭୂଇଁ ଗ୍ରାମ୍ୟ କମିଟି ର ସଭାପତି ଅକ୍ଷୟ ନାୟକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଂପାଦିକା ତିଲୋତମା କହଁର ଓ ଜିଲା ପରିଷଦ ସଦସ୍ୟ ଅବକାଶ ସାହୁଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା । ଜିଲାପାଳଙ୍କ ଉଦେଶ୍ୟରେ ଏକ ଦାବୀ ପତ୍ର ଉପଜିଲାପାଳ ଅଶ୍ୱିନି ମେହେରଙ୍କୁ ପ୍ରଦାନ କରିଥିଲେ । ବୌଦ୍ଧ ଜିଲା ହରଭଂଗା ବ୍ଲକ ଅନ୍ତର୍ଗତ ଖରଭୂଇଁ ଗ୍ରାମ ନିକଟରେ ଚାଲିଥିବା କ୍ରସର ଓ ପଥର ବ୍ଲାଷ୍ଟିଙ୍ଗକୁ ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦାବୀ କରି ଗତକିଛିଦିନ ହେଲା ଆନ୍ଦୋଳନ ଚାଲିଅଛି । ହରଭଂଗା ଥାନା ପରିସରରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ଆଲୋଚନା ସମୟରେ ହରଭଂଗା ତହସିଲଦାର ଗ୍ରାମବାସୀମାନଙ୍କୁ ଅଶାଳିନ ବ୍ୟବହାର ଦେଖାଇଥିବା ଓ ଧମକ ଚମକ ଦେଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପରିବେଶ , ଜୀବନ ଓ ଜିବିକାର ସୁରକ୍ଷା ଦାବୀ କରୁଥିବା ଗ୍ରାମବାସୀଙ୍କ ଜିଦ ଫଳରେ କିଛିଦିନ ହେଲା କ୍ରସର ଓ ପଥର ବ୍ଲାଷ୍ଟିଙ୍ଗ ସବୁ ବନ୍ଦ ରହିଛି । ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ତିନିଥର ଆଲୋଚନା ହେଲେ ମଧ ସମାଧାନ ର ପନ୍ଥା ବାହାରି ପାରୁନାହିଁ ।

# ଧାନମଣ୍ଡଳ ଅଂଚଳରୁ ଖୁରିଙ୍ଗ ଛୁଆ ଉଦ୍ଧାର

ଧର୍ମଶାଳା,୨୮/୭ (ନି.ପ୍ର): କୁକୁରମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଘର ଭିତରକୁ ପଶିଆସିଲା ଖୁରିଙ୍ଗ ଛୁଆ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଧାନମଣ୍ଡଳ ଗ୍ରାମରେ । ଆଜି ସକାଳୁ କୁକୁରମାନେ ଖୁରିଙ୍ଗ ମାରିବାକୁ ଗୋଡାଉଥିବା ବେଳେ ଜୀବନ ରକ୍ଷା ପାଇଁ ଖୁରିଙ୍ଗଟି ଗାଁ ଭିତରକୁ ପଶିଆସିଥିଲା । ଗ୍ରାମର ନଟବର ନାୟକ ଓ ଗ୍ରାମର କିଛି ଯୁବକ ଖୁରିଙ୍ଗଟିକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତରିତ କରିଛନ୍ତି । ବନବିଭାଗ ଖୁରିଙ୍ଗକୁ ଚିକିତ୍ସା କରି ସାରିବା ପରେ ତାକୁ ସ୍ଥାନୀୟ ମହାବିନାୟକସ୍ଥିତ ବାରୁଣାବନ୍ତ ପହାଡରେ ଛାଡି ଦିଆଯାଇଥିବା ଜଣାପଡିଛି ।

# ୨ ମହିଳାଙ୍କ ଠାରୁ ୨୭ ଲିଟର ଦେଶୀ ମଦ ଜବତ କଲା ଅବକାରୀ ବିଭାଗ

କୋରେଇ,୨୮/୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଦାମୋଦରପୁର ଆଦିବାସୀ ସାହିରେ ଚୋରା ଦେଶୀ ମଦ ବ୍ୟବସାୟର ଖବର ପାଇ ଡୋଲିପୁର ଅବକାରୀ ବିଭାଗ ଆଜି ଅପରାହ୍ନ ୫ଟା ବେଳେ ଚଢାଉ କରିଥିଲା । ଚଢାଉ ସମୟରେ ଦୁଇ ଆଦିବାସୀ ମହିଳାଙ୍କୁ ଠାରୁ ୨୭ ଲିଟର ମଦ ଜବତ କରିବା ସହ ୨ଟି ମାମଲା ୮୦/୨୧ ଓ ୮୧/୨୧ରୁଜୁ କରିଥିଲା । ରବି ସିଂହଙ୍କ ସ୍ତ୍ରୀ ମମତା(୪୨)ଙ୍କ ଠାରୁ ୧୭ ଲିଟର ଓ ମଙ୍ଗୁଳ ମୁଣ୍ଡାଙ୍କ ସ୍ତ୍ରୀ ଜମୁନା (୪୨)ଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରିଛି । ଏ ଚଢାଉରେ ଡୋଲିପୁର ଅବକାରୀ ବିଭାଗର ଏସଆଇ ପ୍ରଶାନ୍ତ ମହାନ୍ତି. ଏଏସଆଇ ବିପିନ କୁମାର ପ୍ରଧାନ, ପ୍ରଦୋଷ କୁମାର ପରିଡା, ଶୁଭସ୍ମିତା ପ୍ରଧାନ ଓ କ୍ଷିରୋଦ ସାହୁ ସାମିଲ ଥିଲେ ।

# ମଙ୍ଗଳା ନଦୀ ପ୍ରଦୂଷିତ

ପୁରୀ,୨୮/୭ (ନି.ପ୍ର): ବିଷାକ୍ତ କ୍ଲୋରିନ ପାଣିରେ ମଙ୍ଗଳା ନଦୀ ପ୍ରଦୂଷିତ ହୋଇଛି । ଯାହା ଫଳରେ ଶହ ଶହ ମାଛ ମରି ଷ୍ଟଲିନ ମୁହାଣ ନିକଟରେ ପଡ଼ିଛନ୍ତି । ମଲା ମାଛ ଏତେ ବିଷାକ୍ତ ଯେ କୁକୁର ଓ କାଉ ମଧ ଖାଉ ନଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକ କହୁଛନ୍ତି ଯେ ମଙ୍ଗଳାଘାଟ ଠାରେ ଥିବା ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ ନର୍ଦ୍ଦମା, ପାଇଖାନା ଜଳକୁ ବ୍ୟାପକ କ୍ଲୋରିନ ମିଶାଇ ମଙ୍ଗଳା ନଦୀକୁ ଛାଡୁଥିବାରୁ ପାଣି ପ୍ରଦୂଷିତ ହୋଇ ମାଛ ମରି ଭାସୁଛନ୍ତି । କେତେକ ମତ୍ସ୍ୟଜୀବି ନଦୀରୁ ମାଛଧରି ବିକ୍ରି କରୁଥିବାରୁ ଏହି ମାଛ ଖାଇ ଅନେକଙ୍କ ପେଟ ରୋଗ ଓ ଝାଡ଼ା-ବାନ୍ତିରେ ପଡୁଥିବା ଅଭିଯୋଗ ହେଉଛି । ନଦୀ ଏବେ ସିଧାସଳଖ ସମୁଦ୍ରରେ ମିଶୁଥିବାରୁ ସମୁଦ୍ର ପାଣି ମଧ ପ୍ରଦୂଷିତ ହେବାରେ ଲାଗିଛି । ମଲାମାଛ ଗନ୍ଧରେ ମୁହାଣ ଅଂଚଳରେ ପର୍ଯ୍ୟଟକ ଠିଆ ହୋଇ ପାରୁନାହାନ୍ତି । ପ୍ରତିବର୍ଷ ଏଭଳି ଘଟୁଥିଲେ ମଧ ପ୍ରଦୂଷଣ ବିଭାଗ ପାଣି ପରୀକ୍ଷା କରି ଭଲ ଅଛି ବୋଲି ସଫେଇ ଦେଉଛି । ପାଣି ପ୍ରଦୂଷଣ ଯୋଗୁଁ ମଙ୍ଗଳା ନଦୀ ପାଖ ସମଙ୍ଗ ମୌଜା ଶାସନ ଦାମୋଦରପୁର, ଗୋରୁଆଳ, ଖଣ୍ଡିଆ ବନ୍ଧ ଅଂଚଳରେ ଧାନଚାଷ ହେଉ ନାହିଁ । ଗାଈ, ବଳଦ ଆଦି ମଧ ଏହି ପାଣି ପିଇପାରୁ ନାହାନ୍ତି । ଏହି ନଦୀ ପାଣିରେ ମଧ ପାନୀୟ ଜଳ ପ୍ରକଳ୍ପ ହୋଇ ସହରକୁ ଜଳ ଯୋଗାଇବ ।

# ସମ୍ବଲପୁର ରେଳ ମଣ୍ଡଳରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର,୨୮/୭ (ନି.ପ୍ର): ୪୯ତମ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ୨୭ ଜୁଲାଇ ୨୦୨୧ ରେ ଭର୍ଚୁଆଲ ମୋଡ଼ ମାଧ୍ୟମରେ ଆୟୋଜିତ ହୋଇଯାଇଅଛି । ଏହି ବୈଠକରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଅଧ୍ୟକ୍ଷତା କରିଥିଲେ । ଶ୍ରୀ କୁମାର ଉଦ୍‌ଘାଟନୀ ଭାଷଣରେ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଗଣ କମିଟିର ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ଗୁଡ଼ିକୁ ମଣ୍ଡଳ ପକ୍ଷରୁ ସର୍ବଦା ର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଥିଲେ ।

ଶ୍ରୀ କୁମାର ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ବଲପୁର ଏବଂ ଟିଟିଲାଗଡ଼ ଷ୍ଟେସନରେ ଯାତ୍ରୀ ମାନଙ୍କୁ ସ୍ୱର୍ଶ ବିହୀନ ଟିକେଟ ଯାଂଚ ଓ ଥର୍ମାଲ ସ୍କାନିଂ ପାଇଁ ଅଟୋମେଟେଡ ଟିକେଟ ଚେକିଙ୍ଗ ଏଣ୍ଡ ମ୍ୟାନେଜିଂ ଆକ୍ସେସ ସିଷ୍ଟମର ବ୍ୟବସ୍ଥା କରାଯାଇଅଛି । ଏହା କୋଭିଡ଼-୧୯ର ମୁକାବିଲା କରିବା ପାଇଁ ଏକ ପ୍ରୟାସ । ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଏବଂ କେସିଙ୍ଗା ଷ୍ଟେସନରେ ୱାଟର ବୋତଲ କ୍ରସିଂ ମେସିନ କାର୍ଯ୍ୟକ୍ଷମ ହୋଇଛି । ଯାତ୍ରୀ ମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ବଲାଙ୍ଗୀର ଓ ଟିଟିଲାଗଡ଼ ଷ୍ଟେସନରେ ସିସିଟିଭି ସ୍ଥାପନ କରାଯାଇଅଛି । ଅନ୍ୟାନ୍ୟ ଚାଲୁ ରହିଥିବା ଯାତ୍ରୀ ସୁବିଧା ପରିଯୋଜନା ଯଥା - ଖରିଆର ରୋଡ଼ା, ମହାସମୁନ୍ଦ, ବରପାଲି, ମୁନଗୁଡ଼ା, ଥେରୁବାଲି ଏବଂ ବଇଣ୍ଡା ଷ୍ଟେସନ ଗୁଡ଼ିକରେ ୱାଟର କୁଲର ବ୍ୟବସ୍ଥା, ଖରିଆର ରୋଡ଼ ଏବଂ ରୁପ୍ରାରୋଡ଼ ଷ୍ଟେସନଠାରେ କୋଚ ଭଣ୍ଡିକେସନ ବୋର୍ଡ୍, କେସିଙ୍ଗାରେ ସର୍କୁଲେଟିଙ୍ଗ ଅଂଚଳର ବକାଶ, ଜୁନାଗଡ଼ ରୋଡ଼ ଏବଂ ଦୋଇକାଲ ଷ୍ଟେସନରେ ପ୍ରଥମ ଫୁଟ୍ ଓଭରବ୍ରିଜ ଏବଂ କଂଟାବାଂଝିଠାରେ ଦିତୀୟ ଫୁଟ ଓଭରବ୍ରିଜ, ଆଦର୍ଶ ଷ୍ଟେସନର ମାନଦଣ୍ଡ ଅନୁସାର ବରପାଲି, ଦେଓଗାଁ ରୋଡ଼ ଏବଂ ଲୋଇସିଂଙ୍ଗା ଷ୍ଟେସନ ଗୁଡ଼ିକର ବିକାଶ କରାଯିବ । ବଲାଙ୍ଗୀର ଷ୍ଟେସନର ଅତିରିକ୍ତ ପ୍ଲାଟଫର୍ମସେଲ୍ଟର, ବରଗଡ଼-ଟିଟିଲାଗଡ଼ ଏବଂ ସମ୍ବଲପୁର-ଅନୁଗୁଳ ସେକ୍ସନରେ ଦିବ୍ୟାଙ୍ଗଙ୍କ ପାଇଁ ପୁରୁଷ ଏବଂ ମହିଳା ଶୌଚାଳୟ ବ୍ୟବସ୍ଥା ତଥା ମଣ୍ଡଳର ବିଜନେସ୍ ଡେଭଲପମେଂଟ ୟୁନିଟ୍ର ଉପଲବ୍ଧିବିଷୟ ମଧ୍ୟ ଉଲ୍ଲେଖ କରିଥିଲେ ।

# ରକ୍ତତୀର୍ଥ ଇରମରେ ବିଧାୟକଙ୍କ ସମୀକ୍ଷା ବୈଠକ

ବାସୁଦେବପୁର,୨୭/୭ (ନି.ପ୍ର): ରକ୍ତତୀର୍ଥ ଇରମ ଓଡ଼ିଶା ତଥା ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଏହି ଇରମରେ ସହିଦ ସ୍ମୃତି ଭବନ ପରିସରରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଇରମ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ସମୀକ୍ଷା କରିଥିଲେ । ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୂର୍ବରୁ ୪୦ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ତାହାର କାର୍ଯ୍ୟ ଚାଲିଛି । ଚଳିତ ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ଉନ୍ନତି ପାଇଁ ଖର୍ଚ୍ଚ ହେବ ବୋଲି ବିଧାୟକ ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଇରମ ସରପଂଚ ପ୍ରଫୁଲ୍ଲ ବିଶ୍ୱାଳ ସଭାପତିତ୍ୱରେ କରିଥିଲେ । ଏହି ବୈଠକରେ ବିଧାୟକ ପ୍ରତିନିଧି ଅସିତ କୁମାର ଦାଶ, ସରପଂଚ ଦୀନବନ୍ଧୁ ଦାସ ଓ ନଈ ଘେରଦ ଅଂଚଳରେ ସରପଂଚ, ସମିତି ସଭ୍ୟ, ଜନସାଧାରଣ ଯୋଗଦେଇ ଇରମର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ମତ ରଖିଥିଲେ । ରକ୍ତତୀର୍ଥ ଇରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତଙ୍କର ସହଯୋଗ ରହିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା ।

# ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର




ବାସୁଦେବପୁର,୨୮/୭ (ନି.ପ୍ର): ବାସୁଦେବପୁର ବ୍ଲକର ଆଲୋଳା ପଂଚାୟତରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଜନ୍ମଦିନରେ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୁଦାୟ ୬୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରରେ ବିଧାୟକ ପ୍ରତିନିଧି ଅସିତ କୁମାର ଦାଶ, ବ୍ଲକ ବିଜୁ ଜନତା ଦଳର ସଭାପତି ଦିନବନ୍ଧୁ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଚିତ୍ର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଝରଣା ମଲ୍ଲିକ, ଆଲୋଳା ପଂଚାୟତ ସରପଂଚ ମାମିନା ଖିଲାର, ସରପଂଚ ପ୍ରତିନିଧି ଜଗବନ୍ଧୁ ଖିଲାର, ପ୍ରଫୁଲ୍ଲ ପରିଡ଼ା, ଇଂ. ସମ୍ବିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦୁଝର : ସ୍ୱାଧୀନତାର ୭୧ବର୍ଷ ପରେ -ସରକାରଙ୍କ ବିକାଶର ବିକଳ ଚିତ୍ର

## ଓଏମ୍‌ସି ପୋଷ୍ୟ ଗ୍ରାମର ଅଧିବାସୀ ପିଉଛନ୍ତି ନାଳ, ଚୁଆ ଓ ପୋଖରୀ ପାଣି

କେନ୍ଦୁଝର,୨୮/୭ (ନି.ପ୍ର): ସରକାରଙ୍କ ୫-ଟି ଅଧିନରେ ପୁରୀ ସହରରେ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି, ସରକାର ବିକାଶର ଡିଣ୍ଡିମା ପିଟୁଥିବା ବେଳ କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାର ଅଧିକାଂଶ ଅଂଚଳର ଲୋକମାନଙ୍କ ପାଇଁ ବିଶୁଦ୍ଧ ତ ଦୂରରକଥା ପିଇବା ପାଣି ଟୋପାଏ ମିଳିବା ଏକ ପ୍ରକାର ସ୍ୱପ୍ନ ହୋଇଛି । ଜିଲ୍ଲାର ଅନେକ ଅଂଚଳରେ ସରକାରଙ୍କର ଲୋକାଭିମୁଖୀ ଯୋଜନା ଏବେବି ଅପହଂଚ । ସର୍ବନିମ୍ନ ମୌଳିକ ସୁବିଧା ତ ଦୂରର କଥା ଜିଲ୍ଲାର ଆଦିବାସୀ ମାନଙ୍କ ଭାଗ୍ୟରେ ଆଜି ବି ପିଇବାକୁ ଶୁଦ୍ଧ ପାଣି ଟୋପାଏ ମିଳିବା ସାତସପନ ହୋଇଛି । ଫଳରେ ପିଇବାତ ଦୂରର କଥା ଶୌଚ ହେବାକୁ ବି ବ୍ୟବହାର ଅନୁପଯୁକ୍ତ ଅଳିଆ ଅବର୍ଜ୍ଜନାମଯୁକ୍ତ ଦୂଷିତ ମଇଳା ପାଣି ପିଇ ସେମାନଙ୍କୁ ବଂଚିବାକୁ ପଡୁଛି । ଭାତ ହାଣ୍ଡିରୁ ଗୋଟିଏ ଏଭଳି ଏହି ଗାଁ ଟିଏ ନାମ ଉପରକଇଁଶାରୀ । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୭କି.ମି ଦୂର ବାଂଶପାଳ ବ୍ଲକରେ ରହିଛି ଉପରକଇଁଶାରୀ ଗାଁ । ସ୍ୱାଧୀନତାର ୭୧ବର୍ଷ ପରେ ମଧ୍ୟ ଏହି ଗାଁ ଲୋକେ ଏବେ ବି ଜଙ୍ଗଲିଆ ନାଳ, ଚୁଆ ଓ ପୋଖରୀର ଗୋଳିଆ ଦୂଷିତ ପାଣି ପିଇ ସେମାନଙ୍କ ଶୋଷ ମେଂଟାଉଛନ୍ତି । ଏହାଠାରୁ ବଳି ଲଜ୍ୟାଜନକ ଘଟମା ଆଉ କଣ ବା ଥାଇପାରେ ?ଏସିଆ ମହାଦେଶର ସବୁଠାରୁ ଅଧିକ ଉନ୍ନତମାନର ଖଣିଜ ସମ୍ପଦ ଗଛିତ ଥିବା ଏକ ଧନୀ ଜିଲ୍ଲା ହେଉଛି କେନ୍ଦୁଝର । ଏହି ଜିଲ୍ଲାରୁ ରାଜ୍ୟ ଓ କେନ୍ଦ୍ର ସରକର କୋଟିକୋଟି ଟଙ୍କାର ରାଜସ୍ୱ ପାଉଥାନ୍ତି । ଏହି ଜିଲ୍ଲାର ଅର୍ଥ ଅନ୍ୟ ଜିଲ୍ଲାର ଆଲୋକ ଓ ରାସ୍ତାଘାଟର ସୌନ୍ଦର୍ଯ୍ୟ କରଣରେ ବିନିଯୋଗ ହେଉଅଛି । ହେଲେ ଜିଲ୍ଲାର ଖଣି ତଳିଆ ଅଂଚଳର ଗ୍ରାମବାସୀ ଆଜିବି ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ । ଏଭଳି ଏକ ଗ୍ରାମ ହେଉଛି ଓଡିଶା ଖଣି ନିଗମ ତଳେ ରହିଥିବା ଗାଁ ଉପରକଇଁଶାରୀ ।

କେନ୍ଦୁଝରଜିଲ୍ଲାର ଆଦିବାସୀ ବହୁଳ ବାଂଶପାଳ ବ୍ଲକର ଉପରକଇଁଶାରୀ ଗାଁ । ଏହି ଗ୍ରାମରେ ରୁହନ୍ତି ୧୦୦ରୁ ଉର୍ଦ୍ଧ ପରିବାରର ୩୦୦ରୁ ଉର୍ଦ୍ଧ ଲୋକ । ଏହି ଗ୍ରାମର ପ୍ରାୟ ସମସ୍ତେ ଶ୍ରମିକ ଶ୍ରେଣୀର ଲୋକ , ଯେଉଁମାନେ ବାର ଦୂଆରେ ମୂଲ ମଜୁରୀ କରି କିମ୍ବା ଜଙ୍ଗଲରୁ କାଠ , ପତ୍ର ସଂଗ୍ରହ କରି ଗୁଜୁରାଣ ମେଟଂାଇଥାନ୍ତି । ଏହି ଗାଁରେ ରହିଛି ମାତ୍ର ଗୋଟିଏ ନଳ କୂପ ଯେଉଁଥିରୁ ପାଣି ବାହାରେନାହିଁ । ବର୍ଷ ବର୍ଷ ଧରିଶୁଦ୍ଧ ପିଇବା ପାଣି ଟୋପାଏ ଏମାନଙ୍କ ଭାଗ୍ୟରେ ଜୁଟେ ନାହିଁ । ଫଳରେ ଗ୍ରାମଠାରୁ ଦୁଇ କିଲୋମିଟର ଦୂର ଜଙ୍ଗଲ ମଧ୍ୟରେ ଥିବା ଏକ ନାଳରୁ ଚୁଆ ଖୋଳି ପାଣି ସଂଗ୍ରହ କରି ବ୍ୟବହାର କରନ୍ତି । ଯେଉଁ ଚୁଆର ପାଣି କାଦୁଅ ଓ ମଇଳାଯୁକ୍ତ ଦୂଷିତ । ଯାହାକି ଶୌଚ କରିବା ଯୋଗ୍ୟ ନହେଲେ ବି ଗାଁ ଲୋକେ ବାଧ୍ୟ ହୋଇ ବ୍ୟବହାର କରିଥାନ୍ତି । ଏବଂ ବିଭିନ୍ନ ଅଜଣା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଲୋକଙ୍କ ପାଖରେ ଚିକିତ୍ସା ପାଇଁ ଅର୍ଥ ନଥିବାରୁ ସେମାନେ ଚେଙ୍କ ଆଦି ଭଳି କୁତ୍ସିତ ଅନ୍ଧ ବିଶ୍ୱାସକୁ ଆପଣାଇ ଜୀବନ ହାରାଉଥିବା ବେଳେ କେତେକ ମୃତ୍ୟୁ ଅପେକ୍ଷାରେ ମଧ୍ୟ ରହିଛନ୍ତି । ଗ୍ରାମ ନିକଟସ୍ଥ କାଦୁଅପୂର୍ଣ୍ଣ ପୋଖରି ପାଣିରେ ଏମାନେ ଗାଧୁଆ ପାଧୁଆ କରିଥାନ୍ତି । ଏହି ଗ୍ରାମଟି କୁଆଡେ ଓଡିଶା ଖଣି ନିଗମର ପୋଶ୍ୟ ଗ୍ରାମ । କିନ୍ତୁ କାମ ହାସଲ ଉଦ୍ଦେଶ୍ୟରେ ଲୋକଙ୍କୁ ଭ୍ରମିତ କରି ଗାଁ ନିକଟରେ ତିଆରି କରିଛି ଡମ୍ପିଙ୍ଗ୍‌ୟର୍ଡ । ଯାହାର କାନଫଟା ଶବ୍ଦ ଲୋକଙ୍କର ନିଦ ହଜାଇ ଦେଇଥିବା ବେଳେ ସେଥିରୁ ଉଡୁଥିବା ପ୍ରବଳ ଧୂଳି ଲୋକଙ୍କୁ ଅଣନିଶ୍ୱାସୀ କରିପକାଉଛି । ସେହି ଧୂଳିରେ ଗାଁ ପୋଖରୀର ଜଳକୁ ଦୂଷିତ ନୀଲ ରଙ୍ଗରେ ରୂପାୟତ କରିଦେଇଛି । ହେଲେ ଓଏମ୍‌ସି ଧର୍ମକୁ ଆଖିଠାର ମାରଲା ଭଳି ଗ୍ରାମରେ ପାଣି ଯୋଗାଇ ଦେବାକୁ ଏକ ଟ୍ୟାଙ୍କରର ବ୍ୟବସ୍ଥା କରିଛନ୍ତି ଅବଶ୍ୟ କିନ୍ତୁ ସେଥିରୁ ସମସ୍ତଙ୍କୁ ପାଣି ମିଳେନାହିଁ । ଯାହା ବି ମିଳେ ତା ପୁଣି ଦିନେ ମିଳିଲେ ଦୁଇ ଦିନ ନାହିଁ ବୋଲି କହିଛନ୍ତି ସୁବାସୀ ଦେହୁରୀ, ମହାନ୍ତି ଦେହୁରୀ , କୁଶଳା ନାୟକ ପ୍ରମୁଖ ଅନେକ । ଏପରିକି ଆଜି ବି ରୋଗାଗ୍ରସ୍ତ ଦୀନବନ୍ଧୁ ଦେହୁରୀ ସୁସ୍ଥହୋଇ ବଂଚିବାକୁ ସଂଗ୍ରାମ କରୁଛି । ତେବେ ଏହା କଣ ଓଏମ୍‌ସିର ସାମାଜିକ ଦାୟିତ୍ୱବୋଧ ?

ତାହାକୁ ନେଇ ଉଠିଛି ପ୍ରଶ୍ନ ।

ଗ୍ରାମର ପାନୀୟଜଳ ଓ ସ୍ୱାସ୍ଥ ସମାସ୍ୟା ଆଦିକୁ ସରପଂଚ ଚୈତନ୍ୟ ମଲ୍ଲିକ ସ୍ୱୀକାର କରିଥିବା ବେଳେ ବାଂଶପାଳ ବିଡିଓ କେବଳ ନଳକୂପ ଓ ସୋଲାର ପାଣି ଯୋଗାଣର ମରାମତି ପାଇଁ ପଦକ୍ଷପ ନେବେ ବୋଲି କହିଥିଲେ ମଧ୍ୟ ଅଦ୍ୟବଧି କାହିଁକି ନେଉନଥିଲେ ଏବଂ ଏହାର ଉତରଦାୟିତ୍ୱ କାହାର ତାହା ସ୍ୱଷ୍ଟ ହେବା ଉଚିତ ।

# ବିଭିନ୍ନ ସମସ୍ୟା ନେଇ ବିସ୍ଥାପିତ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ବୈଠକ

ନୂଆପଡ଼ା,୨୮/୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟର ହଲ ଠାରେ ବିସ୍ଥାପିତ, ଖଡ଼ିଆଳ ବିଧାୟକ ଏବଂ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ବୈଠକରେ ବିସ୍ଥାପିତ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏବଂ ମଞ୍ଜୁର କରି ଏକ୍ସଗ୍ରାଟିଆ ବିଜୁ ପକ୍କା ଘର ଓ ବିସ୍ଥାପିତ ପରିଚୟ ପ୍ରଦାନ ଆଦି ଅନେକ ସମସ୍ୟା ବିଷୟରେ ବିଷଦ ସମୀକ୍ଷା ହୋଇଥିଲା । ଉପସ୍ଥିତ ଭୁ- ଅର୍ଜନ ଅଧିକାରୀ ତରଣୀ ସୁନା, ଅଫିସର କପିଳେନ୍ଦ୍ର ସାହୁ, କାଲୁ ମାଝୀ, ସୁରେଶ ଚନ୍ଦ୍ର ବୁଡେକ, ଏସ. ସାହୁ, ଏସ ଏସ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିସ୍ଥାପିତ ମାନଙ୍କ ମଧରୁ ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡ଼, କରୁଣାକର ହୋତା, ହୃଷୀକେଶ ବେହେରା, ଜୟରାମ ମାଝୀ, ଟିକାରାମ ମାଝୀ, କାଳିଦାସ ସୁନାନୀ, ଉମେଶ ପଟେଲ, କରୁଣାକର ପରାଭୁଏ ଓ ବିସ୍ଥାପିତ ମଂଚର ନୀଳକଣ୍ଠ ପ୍ରଧାନ, ସମ୍ପାଦକ କିଶୋର କୁମାର କଠାର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରିତାକୁ ନେଇ ବୈଠକ

କେନ୍ଦ୍ରାପଡ଼ା,୨୮/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱାସ୍ଥ୍ୟ ବିଭାଗର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଅମୃତ ଋତୁରାଜ ଏହି ବୈଠକରେ ଅଧକ୍ଷତା କରିଥିଲେ । ରାଜ୍ୟ ସରକାରଙ୍କ ସୂଚନା ମୁତାବକ ଜିଲ୍ଲାର କାର୍ଡଧାରୀ ପରିବାର ର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ବିଭିନ୍ନ ରୋଗର ଚିକିତ୍ସା ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯିବାକୁ ଥିବାବେଳେ ମହିଳା ମାନଙ୍କ କ୍ଷେତ୍ରରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯିବ । ଏହା ସରାକରୀ ଓ ବେସରକାରୀ ଚିକିତ୍ସାଳୟରେ ଉପଲବ୍ଧ ହେବ । ଜିଲ୍ଲାର ମୋଟ ୭ଟି ଘରୋଇ ଚିକିତ୍ସାଳୟ ଓ ନର୍ସିଂହୋମ ଏହି ସେବା ପ୍ରଦାନ କରିବେ । ବୈଠକରେ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ନୃପେନ ଶତପଥୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଗର୍ଭାବସ୍ଥାରେ ତ୍ୱଚାର ଯତ୍ନ



**ଗର୍ଭାବସ୍ଥାରେ ଶରୀରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ । ଶରୀରର ଓଜନ ବଢ଼ିବା, ତ୍ୱଚାରେ ପରିବର୍ତ୍ତନ ଆଦି ଘଟିଥାଏ । ଅନେକ ମହିଳାଙ୍କର ଭୁଲ ଧାରଣ ରହିଥାଏ କି ସେହି ସମୟରେ ସେମାନେ ନିଜର ତ୍ୱଚା ଏବଂ ଶରୀରର ସୁନ୍ଦରତା ବଢ଼େଇ ପାରିବେ ନାହିଁ । ଏପରି ଭାବିବା ସମ୍ପୂର୍ଣ୍ଣ ଭୁଲ । କାରଣ ଗର୍ଭାବସ୍ଥାରେ ଚାହିଁଲେ ମହିଳାମାନେ ନିଜକୁ ସୁନ୍ଦର କରିପାରିବେ ଏବଂ ସଜେଇ ହୋଇ ପାରିବେ । ଏହି ସମୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ କିଛି ସୂଚନା...**

ଗର୍ଭାବସ୍ଥା ଦ୍ୱାରା ନାରୀମାନଙ୍କ ଶରୀରରେ ପରିବର୍ତ୍ତନ ହୋଇଥାଏ । ଯାହା ଦ୍ୱାରା କେତେକଙ୍କ ଚେହେରାରେ ଅନେକ ଉଜ୍ଜ୍ୱଳତା ଆସିଯାଇଥାଏ । ଯେଉଁ କାରଣରୁ ତାଙ୍କୁ ତ୍ୱଚା ସମ୍ବନ୍ଧିତ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଷ୍ଟ୍ରେଚ ମାର୍କ୍ସ, କୁଣ୍ଡେଇ ହେବା, ବ୍ରଣ, ପେଗମେଟେସନ ଏବଂ ପ୍ରସବ ପରେ ତ୍ୱଚା ଢ଼ିଲା ପଡ଼ିଯାଇଥାଏ । ଯାହାଦ୍ୱାରା କେତେକ ସମସ୍ୟା

**ଷ୍ଟ୍ରେଚମାର୍କ:**

ଭ୍ରୂଣର ବିକାଶ ସହିତ ପେଟର ଚର୍ମ ଗୁଡ଼ିକ ଟାଣି ଓଟାରି ହୋଇଥାଏ । ଯାହାଦ୍ୱାରା ତ୍ୱଚାର ଆଭ୍ୟନ୍ତରୀଣ ଅଂଶରେ ଥିବା ଇଲାଷ୍ଟିକ ଫାଇବର ଭାଙ୍ଗିଯାଇଥାଏ । ଏହି କାରଣରୁ ଷ୍ଟ୍ରେଚମାର୍କ ଦେଖାଯାଏ । ଏଥିପାଇଁ ବିଶେଷଜ୍ଞମାନଙ୍କ ମତ ଅନୁସାରେ ଗର୍ଭାବସ୍ଥାରେ ଯେଉଁ ମହିଳାମାନଙ୍କର ଓଜନ ବଢ଼ିଯାଇଥାଏ । ସେମାନଙ୍କର ଏହି ସମସ୍ୟା ଅଧିକ ରହିଥାଏ । ଗର୍ଭାବସ୍ଥା ଦ୍ୱାରା ୧୧ରୁ ୧୨କିଲୋ ଓଜନ ବଢ଼ିବା ତ ବହୁତ ସାମାନ୍ୟ ହୋଇଥାଏ କିନ୍ତୁ କେତେକ ମହିଳାଙ୍କର ଓଜନ ୨୦ରୁ ଅଧିକ ମଧ ବଢ଼ିଯାଇଥାଏ । ଯାହାଫଳରେ ତ୍ୱଚା ପ୍ରଶସ୍ତ ହୋଇଥାଏ । ଯାହା ଦ୍ୱାରା ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାକସ ପଡ଼ିଯାଇଥାଏ । ସେମାନଙ୍କର ପିଲାମାନଙ୍କୁ ମଧ ଭବିଷ୍ୟତରେ ଏପରି ହେବାର ଆଶଙ୍କା ଅନେକ ରହିଥାଏ । ୧୦ରୁ ୮ଜଣ ମହିଳାମାନଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କମ ସମୟରେ ପେଟ ଯଦି ଅଧିକ ବଢ଼ିଥାଏ ତେବେ ଷ୍ଟ୍ରେଚମାର୍କ୍ ଅଧିକ ପଡ଼ିଥାଏ । ଏହା ଗର୍ଭାବସ୍ଥାର ୬କିମ୍ବା ୭ମାସ ମଧରେ ଅଧିକ ପଡ଼ିଥାଏ । ପ୍ରସବ ପରେ ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କ ଧୀରେଧୀରେ ହାଲୁକା ହୋଇଯାଇଥାଏ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଉଭେଇନଥାଏ ।






**ଷ୍ଟ୍ରେଚମାର୍କ ଦୂର କରିବା ଉପାୟ:**

ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ବଜାରରେ କ୍ରିମ ଉପଲବ୍ଧ ହେଲାଣି । ମଶ୍ଚରାଇଜର କିମ୍ବା ଭିଟାମିନ ଇ ଯୁକ୍ତ କ୍ରିମ ଲଗାଇ ଏହାକୁ କମ କରାଯାଇପାରେ । କାରଣ ଏହାଦ୍ୱାରା ତ୍ୱଚାରେ ନମନିୟତା ବଜାଇ ରଖେ ।

**ମୁହଁରେ ବ୍ରଣ:**

ଗର୍ଭାବସ୍ଥା ସମୟରେ ମୁଖରେ ବ୍ରଣ ଏବଂ ନାଳିଦାଗ, କେତେକ ଚିହ୍ନ ଅନେକ ସମୟରେ ମୁହଁରେ ବାହାରିବାର ଦେଖାଯାଇଥାଏ । ଯାହା ମୁହଁର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ । ପ୍ରଜେଷ୍ଟ୍ରନ ଏବଂ ଏଷ୍ଟ୍ରୋଜନର ଅତ୍ୟଧିକ ସ୍ରାବ କାରଣରୁ ସୀବମର ଉତ୍ପାଦନ ବଢ଼ିଯାଇଥାଏ । ଯାହା ଦ୍ୱାରା ତ୍ୱଚାର ଲୋମ ଛିଦ୍ର ବନ୍ଦ ହୋଇଯାଇଥାଏ ।

ଏହାଦ୍ୱାରା ମୁହଁରେ ବ୍ରଣ ବାହାରିଯାଇଥାଏ । ଯଦି ଏହାର ଉଚିତ ରୂପେ ଉପଚାର କରାନଯାଏ ତେବେ ପ୍ରସବ ପରେ ମଧ ଏହା ରହିଯାଇଥାଏ । ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ବିନା ମନ ଇଚ୍ଛା କୌଣସି ଘରୋଇ ଉପଚାର କରନ୍ତୁ ନାହିଁ । ଏଥିପାଇଁ ଆଣ୍ଟି ବାୟୋଟିକର ସେବନ କରିବା ଉଚିତ ନୁହେଁ ।





**କୁଣ୍ଡେଇ ହେବା:**

ଗର୍ଭାବସ୍ଥାରେ ପେଟ ବଢ଼ିବା କାରଣରୁ ମାଂସପେଶୀ ଗୁଡ଼ିକ ଟାଣି ହୋଇଥାଏ । ତ୍ୱଚା ଅଧିକ ଚଉଡ଼ା ହୋଇଥାଏ ତ ଏହା ଦ୍ୱାରା ବେଶି କୁଣ୍ଡେଇ ହେବାର ସମସ୍ୟା ଦେଖାଯାଇଥାଏ । ଏହି କୁଣ୍ଡେଇରୁ ବର୍ତ୍ତିବା ପାଇଁ ଏଥିରେ ଭଲ ହେବ କି କୋଲାମାଇନ ଲୋଶନ କିମ୍ବା ହେବି କ୍ରିମ ଯୁକ୍ତ ମଶ୍ଚରାଇଜର ଲଗାନ୍ତୁ । ଯଦିଅଧିକ କୁଣ୍ଡେଇ ହେବା ଅନୁଭୁତ ହୋଇଥାଏ ତେବେ ଡାକ୍ତରଙ୍କୁ ଦେଖାନ୍ତୁ । ଏହା ଗର୍ଭାବସ୍ଥାରେ ଲିଭରରେ କୌଣସି ଗଡ଼ବଡ଼ କାରଣରୁ ମଧ ହୋଇପାରେ । ଯାହାକୁ କୋଲେଷ୍ଟ୍ରାଲ କୁହାଯାଇଥାଏ । ଯାହା କାରଣରୁ ସମୟ ପୂର୍ବ ପ୍ରସବର ଭୟ ବଢ଼ିନପାରେ ।



**ମେଲାସ୍ମୋ:**

ଏହା ଗର୍ଭାବସ୍ଥା ଦ୍ୱାରା ତ୍ୱଚାର ବଡ଼ ଗମ୍ଭୀର ସମସ୍ୟା ସାମ୍ନାକୁ ଦେଖାଯାଇଥାଏ । ଯାହାକୁ ପ୍ରେଗନେନସି ମାସ୍କ ମଧ କୁହାଯାଇଥାଏ । ଏହାଦ୍ୱାରା ତ୍ୱଚାର ସ୍ଥାନ ସ୍ଥାନରେ ପେଗମେଣ୍ଟେସନ ହୋଇଥାଏ ଏବଂ ତ୍ୱଚାରେ ଲାଲ ରଙ୍ଗର ଏକ ଦାଗ ପଡ଼ିଯାଇଥାଏ । ତେଣୁ ସୂର୍ଯ୍ୟଙ୍କର ପ୍ରଖର କିରଣରୁ ବଞ୍ଚନ୍ତୁ । ବାହାରକୁ ଯିବା ସମୟରେ ସନସକ୍ରିମ ଲଗାଇ ହିଁ ଘରୁ ବାହାରକୁ ବାହାରନ୍ତୁ ।

**ବ୍ୟାୟାମ:**

ଗର୍ଭବତୀ ମହିଳାମାନେ ଚାହିଁଲେ ନିଜର ତ୍ୱଚାକୁ ଏବଂ ସ୍ୱାସ୍ଥ୍ୟକୁ ସୁନ୍ଦର ଓ ସତେଜ ରଖିବା ପାଇଁ କେବଳ କ୍ରିମ କିମ୍ବା ମଶ୍ଚରାଇଜରର ବ୍ୟବହାର କଲେ କୌଣସି ଲାଭ ନାହିଁ । ଗର୍ଭବତୀ ହୋଇ ମଧ ସେମାନେ ନିଜର ତ୍ୱଚା ଏବଂ ଶରୀରକୁ ଏକ ପରଫେଟ୍ ଲୁକ ଦେବା ସହିତ ପ୍ରସବ ସମୟରେ ବିଶେଷ ଯନ୍ତ୍ରଣା ମଧ ଭୋଗିବାକୁ ପଡିନଥାଏ । ଏଥିପାଇଁ ଏହି ମହିଳାମାନଙ୍କୁ ନିୟମିତ ବ୍ୟାୟାମ ଏବଂ ଯୋଗ କରିବା ଉଚିତ । ବିଶେଷ କରି ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ପ୍ରକାର ବ୍ୟାୟାମ ଏବଂ ଯୋଗ ରହିଛି ଯାହାକୁ କରି ସେମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁନ୍ଦର ତ୍ୱଚା ପାଇ ପାରିବେ ।



# ସବୁଜିମା ସୌନ୍ଦର୍ଯ୍ୟ ପରିବେଶରେ ମା' ବିନିକେଇ ମନ୍ଦିର



ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ସହରଠାରୁ ଅନତି ଦୂରରେ ମହାନଦୀ କୂଳରେ ମା' ବିନିକେଇ ପୀଠ ଅବସ୍ଥିତ। ଏହି ସ୍ଥାନ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣରେ କେନ୍ଦ୍ରବିନ୍ଦୁ । ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ସବୁଜିମାମୟ ପାହାଡ଼ିଆ ପରିବେଶ ଏହି ସ୍ଥାନର ସୌନ୍ଦର୍ଯ୍ୟକୁ ବହୁ ଗୁଣ ବଢ଼ାଇଛି । ପର୍ଯ୍ୟଟକ ଏଠାକୁ ଆସି ଭ୍ରମଣର ପ୍ରକୃତ ମଜା ନେଇଥାଆନ୍ତି । ବଣଭୋଜି ପାଇଁ ଏହା ସର୍ବୋତ୍କୃଷ୍ଟ ଓ ମନୋରମ ହୋଇଥିବାରୁ ନଭେମ୍ବରରୁ ଫେବୃଆରୀ ଯାଏ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ମହାନଦୀର ଗୋଟିଏ ପାଖରେ ମା' ବିନିକେଇ ଓ ଅପରପାର୍ଶ୍ୱରେ ମା' କନକେଇଙ୍କ ମନ୍ଦିର ରହିଛି । ଏହି ଦୁଇ ମନ୍ଦିରକୁ ଯୋଡୁଥିବା ବିସ୍ତୀର୍ଣ୍ଣ ବାଲୁକା ରାଶି ସଭିଙ୍କୁ ବେଶ ଆନନ୍ଦ ଦେଇଥାଏ । ଏହିଠାରୁ ସାତକୋଶିଆ ଗଣ୍ଡ ଆରମ୍ଭ ହୋଇଛି । ଏହାର ସୁନୀଳ ଜଳରାଶି ଉପରେ ନୌକା ବିହାରର ମଜା ପର୍ଯ୍ୟଟକଙ୍କ ସ୍ମୃତିରେ ବିନିକେଇକୁ ସର୍ବଦା ଏକ ଭିନ୍ନ ସ୍ଥାନ ପ୍ରଦାନ କରିଛି । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ବାସ୍ତବରେ ଖୁବ୍ ହୃଦୟସ୍ପର୍ଶୀ ଓ ସୌନ୍ଦର୍ଯ୍ୟମୟ ଅଟେ । ବଣଭୋଜି ନିମନ୍ତେ ପକ୍କା ମଣ୍ଡପ, ରାତ୍ରିଯାପନ ପାଇଁ ମନ୍ଦିର କମିଟି ପକ୍ଷରୁ ନିର୍ମିତ ବିଶ୍ରାମଗାର ଭଳି ଅନେକ ସୁବିଧା ମଧ ରହିଛି । ଏଠାରେ ପ୍ରତିବର୍ଷ ବହୁ ଲୋକଙ୍କ ସମାଗମ ହୋଇଥାଏ ।



# ଅମୃତସରୀ ଚିକେନ୍ ମସଲା




**ମେରିନେସନ ସାମଗ୍ରୀ:**

ଚିକେନ-୫୦୦ ଗ୍ରାମ୍,
ଅଦା-ରସୁଣ ପେଷ୍ଟ-୨ ଚାମଚ,
ଦହି-୩ ଚାମଚ, ଲେମ୍ବୁରସ,
ସିର୍‌କା, ଧନିଆ, ଜିରା,
ଲାଲ୍ ଲଙ୍କା ପାଉଡର-୧ ଚାମଚ ଲେଖାଏଁ,
ଲୁଣ-ସ୍ୱାଦ ଅନୁସାରେ, କଟା ପିଆଜ-ଅଧା ।
ଗ୍ରେଭି ପାଇଁ- ଲହୁଣି-୨ ଚାମଚ,
ଲଙ୍କା, ଧନିଆ, ଜିରା, କଟା
ଅଦା-୧ ଚାମଚ ଲେଖାଏଁ
ପାଣି -୧/୨ କପ୍, ଲୁଣ- ସ୍ୱାଦ
ଅନୁସାରେ, ଟମାଟୋ-୬ ଟା,
କଞ୍ଚା ଲଙ୍କା-୧ଟି, ଚିନି- ୧/୨ ଚାମଚ, ଲହୁଣି-୩ ଚାମଚ,
କ୍ରିମ୍ -୩ ଚାମଚ ।

**ପ୍ରଣାଳୀ:**

ଏକ ବଡ଼ ବାଉଲ୍‌ରେ ଚିକେନ୍ ନେଇ ସେଥିରେ ଅଦା-ରସୁଣ ପେଷ୍ଟ, ଲେମ୍ବୁ ରସ, ସିର୍‌କା, ଧନିଆ, ଜିରା, ଲଙ୍କା ପାଉଡର, ଲୁଣ ଓ କଟା ପିଆଜକୁ ମିଶାଇ ୨ ଘଣ୍ଟା ଅଲଗା ରଖନ୍ତୁ । ଏକ ପ୍ୟାନ୍‌ରେ ମଖନକୁ ଗରମ କରି, ସେଥିରେ ଲାଲ୍ ଲଙ୍କା ପାଉଡର ଦେଇ ହାଲୁକା ଭାଜି ଦିଅନ୍ତୁ । ଏବେ ସେଥିରେ ଧନିଆ ଓ ଜିରା ପାଉଡର ଓ କଟା ଯାଇଥିବା ଅଦା ପକାଇ ଭଲ ଭାବରେ ଭାଜି ପାଣି ଦେଇ ମସଲାକୁ ଫୁଟାନ୍ତୁ । ତା' ପରେ ଲୁଣ, କଟାଯାଇଥିବା ଲଙ୍କା, ଟମାଟୋ ଓ ଚିନି ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ମଖନ ପକାଇ ଚାରିଆଡ଼େ ଖେଳାଇ ଦିଅନ୍ତୁ । ଏବେ ଏଥିରେ ମେରିନେଟ କରାଯାଇଥିବା ଚିକେନକୁ ପକାନ୍ତୁ । ମଖନରେ ଚିକେନକୁ ଭାଜନ୍ତୁ ଓ ପ୍ୟାନ୍‌କୁ ଘୋଡ଼େଇ ଘୋଡ଼େଇ ଚିକେନ୍‌କୁ ପକାନ୍ତୁ । ମଖନରେ ଚିକେନକୁ ଭାଜନ୍ତୁ ଓ ପ୍ୟାନକୁ ଘୋଡ଼େଇ ଘୋଡ଼େଇ ଚିକେନ୍‌କୁ କିଛି ସମୟ ସିଝାଇବାକୁ ହେବ । ଘୋଡ଼ଣି ହଟାଇ ଗ୍ରେଭିରେ କ୍ରିମ୍ ଢାଳନ୍ତୁ । ଭଲ ଭାବରେ ମିଶାଇ ଦିଅନ୍ତୁ । ଏବେ ତା' ଉପରେ ମଖନ, ଧନିଆ ପତ୍ର ଓ କଞ୍ଚା ଲଙ୍କା ପକାଇ ଗାର୍ନିଶ କରନ୍ତୁ ଓ ଗରମ ଗରମ ଖାଆନ୍ତୁ ।

# ନିୟମିତ ରକ୍ତଦାନ କରିବାର ସୁଫଳ

ରକ୍ତ ଯାହାର ଆବଶ୍ୟକ ଥାଏ ତା' ପାଇଁ ରକ୍ତ ଯେତିକି ଉପକାରୀ ଯିଏ ରକ୍ତଦାନ କରିଥାଏ ତା' ଶରୀର ପାଇଁ ରକ୍ତ ସେତିକି ଉପକାରୀ । ରକ୍ତ ଦାନ କଲେ ଶରୀର ଏକଦମ୍ ଫିଟ ରହେ । ରକ୍ତଦାନ କରିବା ପରେ ଆପଣଙ୍କୁ କ୍ଲାନ୍ତ ଓ ଦୁର୍ବଳ ଲାଗିବା ସ୍ୱଭାବିକ । କିନ୍ତୁ ତା'ପରେ ଅନକ ଦିନ ପର୍ଯ୍ୟନ୍ତ ଏହା ଆପଣଙ୍କ ସ୍ୱାସ୍ଥକୁ ସୁସ୍ଥ ରଖିଥାଏ । ଯେଉଁମାନେ ନିୟମିତ ବ୍ୟବଧାନରେ ରକ୍ତ ଦାନ କରନ୍ତି ସେମାନେ ଅଧିକ ଦିନ ବଞ୍ଚିଛନ୍ତି । ଏବଂ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ବିଶେଷକରି କର୍କଟ ରୋଗଠୁ ଶରୀରକୁ ଦୂରେଇ ରଖିଛନ୍ତି । ତେବେ ପ୍ରଥମ ଥର ପାଇଁ ରକ୍ତଦାନ କରୁଥିଲେ କେତେ ଗୁଡିଏ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିଥାଏ । ବ୍ଲଡ୍ ବ୍ୟାଙ୍କକୁ ଯିବା ପୂର୍ବରୁ ଆପଣଙ୍କୁ ଅନେକ ଗୁଡିଏ ସ୍ୱାସ୍ଥ୍ୟ ନିୟମ ଅନୁଧ୍ୟାନ କରିବାକୁ ହେବ। ରକ୍ତଦାନ ପୂର୍ବରୁ ପ୍ରଚୁର ପରିମାଣରେ ପାଣି ପିଇବା ଏବଂ ଶରୀରକୁ ହାଇଡ୍ରେଟେଡ୍ ରଖିବା ଗୁରୁତ୍ୱପୂର୍ଣ୍ଣ । ରକ୍ତଦାନ କରିବା ଦିନ କ୍ୟାଫିନେଟେଡ୍ ଡ୍ରିଙ୍କସ୍ ଆଭଏଡ କରନ୍ତୁ । କାରଣ ଏହା ଶରୀରରୁ ଜଳୀୟ ଅଂଶ କାଢ଼ିଦିଏ । ଏହାଦ୍ୱାରା ରକ୍ତରେ ଆଇରନ ସ୍ତର ବୃଦ୍ଧି ପାଏ ଏବଂ ହୃଦ୍‌ଘାତର ଆଶଙ୍କା କମେ । ରକ୍ତଦାନ କରିବା ଦ୍ୱାରା ଶରୀରରେ ଥିବା କ୍ୟାଲେରୀ ନଷ୍ଟ ହୋଇଯାଏ । ଫଳରେ ମଣିଷ ଫିଟ୍ ରହେ। ୪୫୦ମି.ଲି. ରକ୍ତଦାନ କଲେ ଜଣେ ୬୫୦ କ୍ୟାଲେରୀ କମାନ୍ତି। ଲିଭର, ଲଙ୍ଗସ୍, କୋଲନ, ଷ୍ଟମାକ୍ ଏବଂ ଥ୍ରୋଟ୍ କ୍ୟାନସର ଆଶଙ୍କାକୁ ଏହା କମାଇଦିଏ । ମସ୍ତିଷ୍କକୁ ସ୍ଥିର ରଖେ ଏବଂ ମନ ପ୍ରଫୁଲ୍ଲ ରହେ ।



# କଦଳୀ ବୃକ୍ଷର ଧାର୍ମିକ ଓ ବୈଜ୍ଞାନିକ ମହତ୍ତ୍ୱ

**କଦଳୀ ବୃକ୍ଷ ଖୁବ୍ ପବିତ୍ର ବୋଲି ମାନ୍ୟତା ରହିଛି । ଅନେକ ଧାର୍ମିକ କାର୍ଯ୍ୟରେ ଏହାକୁ ପ୍ରୟୋଗ କରାଯାଏ । ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କୁ କଦଳୀ ପ୍ରସାଦ ଭାବେ ମଧ ଅର୍ପଣ କରାଯାଏ । ଜାଣନ୍ତୁ କଦଳୀ ବୃକ୍ଷର ଏହି ଚମତ୍କାରୀ ଲାଭ ଓ ଏହାର ଧାର୍ମିକ ଓ ବୈଜ୍ଞାନିକ ମହତ୍ତ୍ୱ..**

♦ବୈଜ୍ଞାନିକ ମହତ୍ତ୍ୱ- କଦଳୀରେ ମୁଖ୍ୟତଃ ଭିଟାମିନ ଏ, ଭିଟାମିନ ସି, ଅନ୍ୟ ବହୁ ଖଣିଜ ତତ୍ତ୍ୱ ରହିଛି । ଏଥିରେ ପ୍ରାୟ ୬୪.୩ ପ୍ରତିଶତ ଜଳ, ପ୍ରୋଟିନ ୧.୩ ପ୍ରତିଶତ, କାବ୍ରୋହାଇଡ୍ରେଡ ୨୪.୭, ଚିକ୍କଣ ୮.୩ ପ୍ରତିଶତ ରହିଛି ।

♦ଆୟୁର୍ବେଦିକ ମହତ୍ତ୍ୱ- କଦଳୀ ସବୁ ସମୟରେ ମିଳିଥାଏ । ଏହା ଅତ୍ୟନ୍ତ ପୃଷ୍ଟିଯୁକ୍ତ ଓ ସ୍ୱାଦିଷ୍ଟ ଫଳ । ଦୃଷ୍ଟି ଶକ୍ତିପାଇଁ ବେଶ ଉପକାରୀ । ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ।

♦ବାସ୍ତୁ ଟିପ୍ସ- ଘରର ମୁଖ୍ୟ ଦ୍ୱାରରେ ଓ ଗଛ ଭାଗରେ କଦଳୀ ବୃକ୍ଷ ଲଗାନ୍ତୁ ନାହିଁ । କଦଳୀ ବୃକ୍ଷ ନିକଟକୁ ପରିଷ୍କାର ରଖନ୍ତୁ । ବୃକ୍ଷର ଶେଷ ଅଂଶରେ ଏକ ଲାଲ ସୂତା ବାନ୍ଧନ୍ତୁ । ଘରର ସମ୍ମୁଖ ଭାଗ ବଗିଚାରେ କଦଳୀ ବୃକ୍ଷ ଲଗାନ୍ତୁ ।

ମା' ଲକ୍ଷ୍ମୀ ଓ ବିଷ୍ଣୁ ଏଥିରେ ଅବସ୍ଥାନ କରନ୍ତି ।

**ଜାଣନ୍ତୁ ଏହାର ପ୍ରମୁଖ ୫ଟି ଧାର୍ମିକ ଲାଭ...**

♦ପରିବାରର ପିଲାମାନେ ସର୍ବଦା ସୁଖୀ ଓ ଦୁଃଖକଷ୍ଟରୁ ଦୂରେଇ ରୁହନ୍ତି।



♦ସୁଖ ସମୃଦ୍ଧି ପାଇଁ କଦଳୀ ବୃକ୍ଷକୁ ପୂଜା କରାଯାଏ ।

♦କଦଳୀ ବୃକ୍ଷ ଘରର ବଗିଚାରେ ରହିଲେ ବୃହସ୍ପତିଙ୍କ ବିଶେଷ କୃପା ଲାଭ ହୋଇଥାଏ।

♦ବୈବାହିକ ଜୀବନରେ ଥିବା ସମସ୍ୟା ଦୂର ହୋଇଥାଏ । ଅବିବାହିତ କନ୍ୟାଙ୍କର ଶୀଘ୍ର ବିବାହ ହୋଇଥାଏ ।

♦ଉଚ୍ଚଶିକ୍ଷା ଓ ଜ୍ଞାନ ପ୍ରାପ୍ତି ପାଇଁ ଏହି ବୃକ୍ଷ ସହାୟକ ହୋଇଥାଏ । କାରଣ ଏହା ସର୍ବଦା ବାତାବରଣକୁ ଶାନ୍ତ ଓ ସକରାତ୍ମକ ଶକ୍ତି ପ୍ରଦାନ କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦକ୍ଷିଣରେ ନେତୃତ୍ୱ ପରିବର୍ତ୍ତନ...

ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର କିଛିଦିନ ଯାଇନାହିଁ, ଦକ୍ଷିଣ ଭାରତର ଏକମାତ୍ର ବିଜେପି ଶାସିତ ରାଜ୍ୟ କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ କରାଯାଇଛି । ବିଭିନ୍ନ ଦଫାରେ ପାଞ୍ଚପାଳି ମୁଖ୍ୟମନ୍ତ୍ରୀ ଥିବା ବି.ଏସ୍. ୟେଦ୍ୟୁରାପ୍ପାଙ୍କ ବଦଳା ଯାଇଛି ଏବଂ ତାଙ୍କ ସ୍ଥାନରେ ନୂତନ ନେତାଙ୍କୁ ମନୋନୀତ କରାଯିବା ପଛରେ ଏକାଧିକ କାରଣ ଚର୍ଚ୍ଚାକୁ ଆସିଛି । ଏମିତିରେ ଶେଷତମ ପାଳିର ଠିକ୍ ଦୁଇବର୍ଷ ପୂରଣ କରିଥିଲେ ୟେଦି । ଭାରତୀୟ ଜନତା ପାର୍ଟି ଯେଉଁ ମାପକାଠି ରଖିଥିବାର କୁହାଯାଉଛି, ସେଥିରେ ତାଙ୍କର ବୟସାଧିକ୍ୟ ପ୍ରମୁଖ ବାଧକ । ତାଙ୍କୁ ଏବେ ୭୮ବର୍ଷ ବୟସ ଚାଲିଛି । କିଛିଦିନ ତଳେ ଡକରା ପାଇ ଦିଲ୍ଲୀ ଯିବା ସମୟରେ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଅମିତ୍ ଶାହ ଓ ବିଜେପି ମୁଖ୍ୟ ଜେ.ପି.ନଡ୍‌ଡାଙ୍କୁ ଭେଟି ନେତୃତ୍ୱ ପରିବର୍ତ୍ତନ ନେଇ ସଙ୍କେତ ପାଇବା ପରେ ବୟସାଧିକ୍ୟ କଥା ଦର୍ଶାଇବା ସହ ସେ ଆଉ କ୍ଷମତାରେ ରହିବା ଚାହୁଁ ନାହାଁନ୍ତି ବୋଲି କହିଥିଲେ । ତାଙ୍କର ଏବେ ବହୁ କଥା ମନେ ରହୁନାହିଁ ଓ ପାଚନକ୍ରିୟାରେ ସମସ୍ୟା ଦେଖାଗଲାଣି ବୋଲି ଦର୍ଶାଇ ୟେଦି ତାଙ୍କ ପୁଅଙ୍କୁ କେଉଁଠି ଥଇଥାନ କରାଗଲେ ଭଲ ହୁଅନ୍ତା ବୋଲି ସୂଚାଇ ଫେରିଥିଲେ । ଏହା ଭିତରେ ଏହି ପାଳିର ଦୁଇବର୍ଷ ପୂରଣ ଅବସରରେ ଆୟୋଜିତ ସମାବେଶରେ ସେ ତାଙ୍କର ଇସ୍ତଫା ଘୋଷଣା କରି ଅଶ୍ରୁସମ୍ବରଣ କରିପାରିନଥିଲେ । ପାର୍ଟିର ଅଧକ୍ଷ ନଡ୍‌ଡା ଏହା ପୂର୍ବରୁ ୟେଦିଙ୍କ ଅବଦାନ କଥା ଉଲ୍ଲେଖ କରିବାରୁ ପର୍ଯ୍ୟବେକ୍ଷକ ମହଲ ଏକପ୍ରକାର ଠଉରେଇ ନେଇଥିଲେ ଯେ, ୟେଦିଙ୍କ ବିଦାୟ ଆସନ୍ନ । କାହାର ଉଚ୍ଚପ୍ରଶଂସା କରାଗଲେ ତାହା କୁଆଡ଼େ କ୍ଷମତା ରାଜନୀତିରେ ଭିନ୍ନ ଇଙ୍ଗିତ ଦେଇଥାଏ । ଯେଉଁ ପରିସ୍ଥିତିରେ ଦୁଇବର୍ଷ ତଳେ ଜେଡି (ଏସ୍) କଂଗ୍ରେସ ସରକାରର ଅବସାନ ଘଟାଇ ୟେଦ୍ୟୁରାପ୍ପାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଯାଇଥିଲା, ତାହା ଅଧିକାଂଶଙ୍କର ମନେ ଥିବ । ସଦ୍ୟତମ ଖବର ଅନୁଯାୟୀ, ପେଗାସସ୍ ସ୍ପାଇୱେର ମଧ କୁଆଡେ କର୍ଣ୍ଣାଟକର ତତ୍କାଳୀନ ସରକାର ବଦଳାଯିବାରେ ଭୂମିକା ଥିଲା । ଏହାର ସତ୍ୟାସତ୍ୟ ନେଇ ହଠାତ୍ କଛି କୁହାଯାଇ ନପାରିଲେ ମଧ ଅନୁସନ୍ଧାନ ରିପୋର୍ଟ ମିଳିଲେ ହିଁ ସତ୍ୟ ଜଣାପଡ଼ିଯିବ । ଯାହା ହେଲେ ମଧ କର୍ଣ୍ଣାଟକ ରାଜନୀତତିରେ ୟେଦିଙ୍କ ପ୍ରଭାବ ନିର୍ବିଶେଷରେ ବଦଳାଯିବ ପଛରେ ଯେଉଁ ପ୍ରମୁଖ କାରଣ କେନ୍ଦ୍ରୀୟ ନେତୃତ୍ୱକୁ ପ୍ରେରିତ କରିଛି, ତାହା ହେଉଛି ୨୦୨୩ ବେଳକୁ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ । ଦକ୍ଷିଣ ଭାରତର ଏହି ଏକମାତ୍ର ରାଜ୍ୟରେ ସମ୍ପ୍ରଦାୟ ଆଧାରରେ ବିଭାଜିତ ରାଜନୀତି ବର୍ଷ ବର୍ଷ ଧରି ଚାଲିଆସିଛି । ଲିଙ୍ଗାୟତ, ଭୋକାଲିଗା ଓ ବ୍ରାହ୍ମଣ ସମ୍ପ୍ରଦାୟ ରାଜ୍ୟ ରାଜନୀତିରେ ନିର୍ଣ୍ଣାୟକ ହୋଇ ରହିଆସିଛନ୍ତି । ୟେଦ୍ୟୁରାପ୍ପା ହେଉଛନ୍ତି ଲିଙ୍ଗାୟତ ସମ୍ପ୍ରଦାୟକ । ୟେଦିଙ୍କ ଇସ୍ତଫା ନିଷ୍ପତ୍ତି ପ୍ରଘଟ ହେବାବେଳକୁ ସବୁ ଲିଙ୍ଗାୟତ ପ୍ରତିନିଧିମାନେ ୟେଦିଙ୍କୁ ବଦଳାଇବା ବିପକ୍ଷରେ ମତ ଦେଇଥିଲେ । ଏବକାର ରାଜନୀତିରେ ବହୁ ଛୋଟ ବଡ଼ ରାଜ୍ୟରେ କେଉଁ ସମ୍ପ୍ରଦାୟର ପ୍ରଭାବ କେତେ ବେଶୀ ତାହାକୁ ତଉଲି ନେତା ଚୟନ କରାଯାଉଥିବାର ଦେଖାଯାଉଛି । ୟୁପି ଭଳି ବୃହତ୍ ରାଜ୍ୟରେ ଏହି ପ୍ରକରଣ କେତେ ଅଧିକ ତାହା ସମସ୍ତଙ୍କୁ ଊଣାଅଧିକ ଜଣା । ଜାତି ଓ ସମ୍ପ୍ରଦାୟ ଆଧାରରେ ରାଜନୈତିକ ଫାଇଦା ଅମଳ ଏବେ ନୁହେଁ, ବହୁଦିନରୁ ଗଡ଼ିଆସୁଛି । ୟେଦ୍ୟୁରାପ୍ପାଙ୍କ ପୁତ୍ର ରାଜ୍ୟ ଶାସନ ମୁଣ୍ଡ ଖେଳାଉଥିବା କଥା ଦଳୀୟ ମହଲକୁ ବିଚଳିତ କରିଥିବା କଥା ଆଲୋଚିତ ହେଉଛି । କିନ୍ତୁ ଅନ୍ୟ କିଛି ନେତା ଓ ନେତ୍ରୀଙ୍କୁ ଭଳି ୟେଦିଙ୍କ ପୁତ୍ରମୋହ ତାଙ୍କ ପାଇଁ ଏକପ୍ରକାର ମହଙ୍ଗା ପଡ଼ିଥିବ । ସମସ୍ତ ଘଟଣାକ୍ରମ ଭିତରେ ନୂଆ ନେତା ଚୟନ ପ୍ରକ୍ରିୟା ସମାପନ ହେଲେ, ସବୁ ଗୋଷ୍ଠୀ ଓ ସମ୍ପ୍ରଦାୟଙ୍କୁ କିଭଳି ସନ୍ତୁଷ୍ଟ କରାଯାଉଛି, ତାହା ଦେଖିବାର କଥା । ରାଜ୍ୟରେ ପ୍ରଭାବ ଥିବା କଂଗ୍ରେସ ଓ ଜେଡି (ଏସ୍)ର ରଣନୀତି ନେଇ ତଦ୍‌ବିଦ୍ ମହଲ ଅବଶ୍ୟ ଉତ୍ସୁକ ନଜର ରଖିଛନ୍ତି । କାରଣ ଗତଥର କଂଗ୍ରେସ-ଜେଡିଏସ୍ ଠାରୁ ବିଜେପି ପତଳା ବ୍ୟବଧାନରେ କ୍ଷମତାକୁ ଆସି ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା । ଜାତୀୟ ରାଜନୀତିରେ କର୍ଣ୍ଣାକଟର ଭୂମିକା ବହୁକାଳ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ବହୁ ବର୍ଷ ବ୍ୟବଧାନରେ ଜାତୀୟ ଅଣ-କଂଗ୍ରେସ ଦଳ ଭାରତୀୟ ଜନତା ପାର୍ଟି କ୍ଷମତା ଦଖଲ କରିଥିବା ହେତୁ ଆଗାମୀ ନିର୍ବାଚନରେ ସଂଗଠନର ମୂଳଦୂଆକୁ ମଜଭୁତ କରିବାକୁ ନେତୃତ୍ୱ ଅବଶ୍ୟ ଚିନ୍ତା କରି ଯେଉଁ ପଦକ୍ଷେପ ନେଇଛନ୍ତି, ତାହାର ଦୂରଗାମୀ ପ୍ରଭାବ ଅବଶ୍ୟ ରହିବ, ଆଶା କରାଯାଇପାରେ ।

## ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ



ବୈଷ୍ଣବ ମେହେର

ଶିକ୍ଷକ

ସିନାପାଲି,ନୂଆପଡ଼ା



ଶକ୍ତି ଓ ସାହସର ପ୍ରତୀକ ହେଉଛି ବାଘ । ବାଘର ରାଜକୀୟ ଠାଣି ବେଶ ଆକର୍ଷଣୀୟ । ସେଥିପାଇଁ ତ ବାଘ ଜଙ୍ଗଲର ରାଜା । ସେ ମଧ୍ୟ ଭାରତର ଜାତୀୟ ପଶୁ । ଏହି ବଳବାନ ପ୍ରାଣୀ ବାଘର ଜୀବନ କିନ୍ତୁ ବର୍ତ୍ତମାନ ବିପଦରେ । ବାଘ ଜାତି ଆଜି ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି କହିଲେ ଭୁଲ ହେବ ନାହିଁ । ବିଂଶ ଶତାବ୍ଦୀ ବେଳକୁ ବିଶ୍ୱରେ ପ୍ରାୟ ଏକ ଲକ୍ଷ୍ୟ ବାଘ ଥିବା କୁହାଯାଏ । ଉକ୍ତ ସମୟରେ କେବଳ ଭାରତରେ ୪୦ ହଜାର ବାଘ ରହିଥିଲେ । କିନ୍ତୁ ବାଘ ସଂଖ୍ୟାରେ ବିପର୍ଯ୍ୟୟ ଘଟିଲା ଭଳି ୧୯୭୨ ରେ ସ୍ୱାଧିନ ଭାରତର ପ୍ରଥମ ବାଘ ଗଣନା ମୁତାବକ ଦେଶରେ ବାଘ ସଂଖ୍ୟା ଉଦବେଗଜନକ ଭାବରେ ହ୍ରାସ ଘଟି ୧୮୦୦କୁ ଖସି ଆସିଥିବା ଜଣାଗଲା । ସେତେବେଳେ ବାଘର ସୁରକ୍ଷାକୁ ଗୁରୁତ୍ୱର ସହ ଗ୍ରହଣ କରି ସେହିବର୍ଷ ହିଁ ଭାରତ ସରକାର ମହାବଳ ବାଘକୁ ଭାରତର ଜାତୀୟ ପଶୁ ମାନ୍ୟତା ନେଇ ଘୋଷଣା କରିଥିଲେ । ପରବର୍ଷ ୧୯୭୩ ଏପ୍ରିଲ ଏକ ରୁ ଭାରତ ସରକାରଙ୍କ ତରଫରୁ 'ବ୍ୟାଘ୍ର ପରିଯୋଜନା' ଭଳି ଏକ ଅଭିନବ ବାଘ ସଂରକ୍ଷଣ ପ୍ରକଳ୍ପର ଶୁଭାରମ୍ଭ କରାଗଲା । ପ୍ରାକୃତିକ ପରିବେଶରେ ବାଘଙ୍କ ଆବଶ୍ୟକ ସଂଖ୍ୟା ବୃଦ୍ଧି, ବିଶେଷ କରି ବିଲୁପ୍ତ ପ୍ରାୟ ମହାବଳ ବାଘକୁ ସୁରକ୍ଷା ଦେବା, ବାଘଙ୍କ ଆଧିପତ୍ୟ ରହିଥିବା ଜଙ୍ଗଲକୁ ପ୍ରାକୃତିକ ଐତିହ୍ୟର ମାନ୍ୟତା ଦେଇ ସେଠାରେ ବାଘଙ୍କ ସଂରକ୍ଷଣ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଶହେ ବର୍ଷ ପୂର୍ବେ ବିଶ୍ୱରେ ଏକ ଲକ୍ଷରୁ ଅଧିକ ବାଘ ରହିଥିବା ବେଳେ ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ୨୦୧୮ ଆକଳନରେ ବିଶ୍ୱରେ ମାତ୍ର ୩୯୦୦ ବାଘ ହିଁ ରହିଥିବା ଜଣାପଡ଼ିଥିଲା । ବାଘ ସଂଖ୍ୟା ଦୃତ ହ୍ରାସର ମୁଖ୍ୟ କାରଣ ଭାବରେ ପ୍ରାକୃତିକ ଆବାସର ଧ୍ୱଂସ, ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ସହ ଏହି ସମୟ ମଧ୍ୟରେ ଅବାଧ ବାଘ ଶିକାରକୁ ଦାୟୀ କରାଯାଏ । ଅପରପକ୍ଷେ ୧୮୦୦ ମସିହାରୁ ୧୦୦୯ ମଧ୍ୟରେ ବାଘ ମୁହଁରେ ପ୍ରାୟ ୩ ଲକ୍ଷ ୭୩ ହଜାର ମଣିଷଙ୍କ ଜୀବନ ଯାଇଥିବା ମଧ୍ୟ ଜଣାଯାଏ । ୨୦୧୮ ବାଘ ଗଣନାର ଫଳାଫଳ ଅନୁଯାୟୀ ଭାରତରେ ୨୯୬୭ ଟି ମହାବଳ ବାଘ ରହିଥିବା ସ୍ପଷ୍ଟ ହୋଇଛି । ଏହା ସମଗ୍ର ବିଶ୍ୱରେ ଥିବା ବାଘ ସଂଖ୍ୟାର ପାଖାପାଖି ୭୫ ପ୍ରତିଶତ ବୋଲି କୁହାଯାଏ । ଯଦି ଆମେ ଓଡ଼ିଶାରେ ବାଘର ସଂଖ୍ୟା ଦେଖିବା ତେବେ ୨୦୦୬ରେ ଏଠାରେ ୪୫ଟି ମହାବଳ ଥିବା ବେଳେ ୨୦୧୦ରେ ୩୨, ୨୦୧୪ରେ ୨୮ଟି ବାଘ ଥିବା ଗଣନାରେ ଦର୍ଶାଯାଇଛି । ୨୦୦୬ ତୁଳନାରେ ୨୦୧୮ ପର୍ଯ୍ୟନ୍ତ ବାଘ ସଂଖ୍ୟାରେ ୩୮ ପ୍ରତିଶତ ହ୍ରାସ ଘଟିଛି । ତେବେ ୨ ୦୧୪ ରୁ ୨୦୧୮ ଏହି ଚାରି ବର୍ଷ ମଧ୍ୟରେ ଓଡ଼ିଶାରେ ବାଘ ସଂଖ୍ୟାରେ କୌଣସି ବୃଦ୍ଧି ନ ଘଟି ୨୮ରେ ସ୍ଥିର ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଅବଶ୍ୟ ଜାତୀୟ ବାଘ ସୁରକ୍ଷା ଆୟୋଗର ଏହି ରିପୋର୍ଟ ଆମ ରାଜ୍ୟରେ ସହଜରେ ଗ୍ରହଣ ହୋଇ ପାରିନାହିଁ । ଛଅ ବର୍ଷ ମଧ୍ୟରେ ଦେଶରେ ୭୪୧ଟି ବାଘ ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ଆଦୌ ବୃଦ୍ଧି ନ ଘଟିବା ନେଇ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ । ଅପରପକ୍ଷେ ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ ବାଘ ଚିହ୍ନଟ କରାଯାଇଥିବା ବେଳେ କର୍ଣ୍ଣାଟକରେ ୫୨୪, ଉତ୍ତରାଖଣ୍ଡରେ ୪୪୨, ମହାରାଷ୍ଟ୍ରରେ ୩୧୨, ତାମିଲନାଡୁରେ ୨୬୪, କେରଳ ଓ ଆସାମରେ ୧୯୦ଟି ଲେଖାଏଁ, ଉତ୍ତରପ୍ରଦେଶରେ ୧୭୩ ଓ ସୁନ୍ଦରବନରେ ୮୮ ଗୋଟି ବାଘ ରହିଥିବା ଗଣନାରେ ଦର୍ଶାଯାଇଛି । ସେହିଭଳି ୨୦୦୬ ବେଳକୁ ଭାରତରେ ୧୪୧୧ଟି ବାଘ ରହିଥିବା ବେଳେ ୨୦୧୪ରେ ୨୨୨୬ ଏବଂ ୨୦୧୮ ଗଣନାରେ ୨୯୬୭କୁ ବୃଦ୍ଧି ପାଇଥିବା ନିଶ୍ଚିତ ଖୁସିର ବିଷୟ । ଗତ କିଛି ବର୍ଷ ହେଲା ବାଘର ସୁରକ୍ଷାକୁ ନେଇ ଭାରତର ନେତୃତ୍ୱ ନିଶ୍ଚିତ ପ୍ରଶଂସନୀୟ । ଭାରତ ସରକାରଙ୍କ ଉଦ୍ୟମ ଯୋଗୁଁ ୨୦୦୬ ତୁଳନାରେ ୨୦୧୮ରେ ବାଘର ସଂଖ୍ୟା ଦୁଇଗୁଣ ହୋଇ ପାରିଛି । ବର୍ତ୍ତମାନ ଭାରତରେ ୫୦ ଗୋଟି ବ୍ୟାଘ୍ର ଅଭୟାରଣ୍ୟ ରହିଛି ଯାହା ବାଘ ବଂଶ ବୃଦ୍ଧି ପାଇଁ ସହଯୋଗ କରିଆସିଛି । ଭାରତର ଅଭୟାରଣ୍ୟ ଗୁଡ଼ିକରେ ୬୫ ପ୍ରତିଶତ ଓ ଅଭୟାରଣ୍ୟ ବାହାରେ ୩୫ ପ୍ରତିଶତ ବାଘ ରହନ୍ତି । ବିଶ୍ୱରେ ବର୍ତ୍ତମାନ ଭାରତ ସମେତ ବାଂଲାଦେଶ, ଭୂଟାନ, କାମ୍ବୋଡ଼ିଆ, ଚୀନ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମାଲେସିଆ, ମିଆଁମାର, ନେପାଳ, ଋଷ, ଥାଇଲାଣ୍ଡ ଓ ଭିଏତନାମ ଭଳି ପ୍ରାୟ ୨୦ଟି ଦେଶରେ ବାଘ ଦେଖାଯାନ୍ତି । ବିଶ୍ୱରେ ନଅ ପ୍ରଜାତିର ବାଘ ମଧ୍ୟରୁ ରୟାଲ ବେଙ୍ଗଲ ବା ମହାବଳ, ସାଇବେରିଆନ୍, ଇନଡୋଚାଇନିଜ୍, ସାଉଥ ଚାଇନିଜ୍, ସୁମାତ୍ରାନ୍, ମାଲାୟାନ୍ ବର୍ତ୍ତମାନ ଦେଖାଯାଉଥିବା ବେଳେ କାସିଆନ୍, କାଭାନ୍ ଓ ବାଲି ପ୍ରଜାତି ର ବାଘ ଏବେ ଲୋପ ପାଇଗଲେଣି ।

ସମଗ୍ର ଜୀବଜଗତ ପାଇଁ ବାଘ ଏକ ଅନନ୍ୟ ସମ୍ପଦ । ପ୍ରକୃତିର ବିବର୍ତ୍ତନ ଭିତରେ ବାଘ ଭଳି ଶକ୍ତିଶାଳୀ ଜୀବ ଏବେ ଅଣନିଶ୍ୱାସୀ ହୋଇପଡ଼ିଛି । ସଂଘର୍ଷ କରୁଛି ପରିବେଶ ସହ ଖାପଖୁଆଇ ବଂଚିବାକୁ । ସାଂପ୍ରତିକ ସ୍ଥିତିରେ ଏହି ବଳବାନ ପ୍ରାଣୀକୁ ଉତ୍ତମ ଓ ସୁରକ୍ଷିତ ପରିସର ଯୋଗାଇବା ସବୁଠାରୁ ବଡ଼ ଆହ୍ୱାନ ହୋଇଛି । ବିଶ୍ୱରେ ବାଘ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଜନସଚେତନତା ଓ ସମର୍ଥନ ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୦ ମସିହା ଠାରୁ ଜୁଲାଇ ମାସ ୨୯ ତାରିଖକୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବରେ ପାଳନ କରାଯାଇ ଆସୁଛି । ଏନେଇ ଋଷିଆର ସେଂଟପିଟର୍ସ ଠାରେ ପ୍ରଥମଥର ପାଇଁ ଆନ୍ତର୍ଜାତୀୟ ଟାଇଗର ଫୋରମର ଆୟୋଜନ କରାଯାଇଥିଲା । ଏହାଥିଲା ବିଶ୍ୱର ପ୍ରଥମ ବ୍ୟାଘ୍ର ଶିଖର ସମ୍ମିଳନୀ ।

ବାଘଙ୍କ ସୁସ୍ଥ ଜୀବନଧାରଣ ଓ ବଂଶ ବିସ୍ତାର ନିମନ୍ତେ ଏହି ପ୍ରାଣୀର ନିରାପଦ ବିଚରଣ ଓ ଉପଯୁକ୍ତ ବାସସ୍ଥାନ ପ୍ରତି ଧ୍ୟାନ ଦେବା ଜରୁରି । ଚାଷ ସହ କାଠ ଓ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ପାଇଁ ଆମେ ଅନେକ ଜଙ୍ଗଲକୁ କାଟି ପଦା କରିସାରିଲେଣି । କେବଳ ଜଙ୍ଗଲ ଧ୍ୱଂସ କରାଯିବା କାରଣରୁ ୯୩ ପ୍ରତିଶତ ବାଘଙ୍କ ବାସସ୍ଥଳୀ ଏବେ ବିପଦରେ ବୋଲି କୁହାଯାଉଛି । ଦ୍ୱିତୀୟତଃ ବାଘ ବାସ୍ତବରେ ଏକ ମୂଲ୍ୟବାନ ପ୍ରାଣୀ । ଏହାର ଛାଲ, ନିଶ, ନଖ, ହାଡ଼, ଦାନ୍ତ ଭଳି ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଅନ୍ତର୍ଜାତୀୟ ବଜାରରେ ବହୁତ ଦାମରେ ବିକ୍ରୟ ହୁଏ । ବାଘର ଅବୟବ ଗୁଡ଼ିକ ଅନେକ ଜୀବନ ରକ୍ଷାକାରୀ ଔଷଧ ତିଆରିରେ ଉପଯୋଗ ହୋଇଥାଏ । ଫଳରେ ବାଘର ଅଙ୍ଗପ୍ରତ୍ୟଙ୍ଗ ଚୋରା କାରବାର କରୁଥିବା ଜଙ୍ଗଲ ମାଫିଆଙ୍କ ଶିକାର ହୋଇ ବହୁ ସଂଖ୍ୟାରେ ବାଘଙ୍କ ଅକାଳ ମୃତ୍ୟୁ ଘଟୁଛି । ଜଙ୍ଗଲ ମଂତ୍ରାଳୟର ତଥ୍ୟ ଅନୁସାରେ ୨୦୧୨ରୁ ୨୦୧୭ ମଧ୍ୟରେ ଆମ ଦେଶରେ ହୋଇଥିବା ୪୫ ପ୍ରତିଶତ ବାଘ ମୃତ୍ୟୁ ମଧ୍ୟରୁ ୩୭ ପ୍ରତିଶତ ବାଘକୁ ଶିକାର କରାଯାଇଥିବା ଓ ଅନ୍ୟ ବାଘଙ୍କ ରାସ୍ତା ଓ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି । ଉଦବେଗର ବିଷୟ ଯେ, ବିଶ୍ୱର ବିଭିନ୍ନ ଭାଗକୁ ଚାଲାଣ ହୋଇ ଯାଇଥିବା ବାଘ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ୮୨ ପ୍ରତିଶତ କେବଳ ଭାରତ ଓ ଥାଇଲାଣ୍ଡର ବୋଲି ଜଣାପଡ଼ିଛି ।

ଆଇନଗତ ଓ ବୈଷୟିକ ଧାରାର ଉପଯୋଗ ସହ ସରକାରୀ ବିଭାଗ ଗୁଡ଼ିକର ସମନ୍ୱୟ ଏବଂ ସାଧାରଣ ଲୋକଙ୍କ ସହଯୋଗ ହେଲେ ହିଁ ବାଘ ସଂରକ୍ଷଣ ବଢ଼ିବା ସହ ବ୍ୟାଘ୍ର ଦିବସ ପାଳନର ପ୍ରକୃତ ଲକ୍ଷ୍ୟ ଅଚିରେ ସାଧିତ ହୋଇପାରିବ ।

## ପିକେ- ଏକବିଂଶ ଶତାବ୍ଦୀର ସଫଳ ଚାଣକ୍ୟ



ଇଂ.ବିଦ୍ୟାଧର ପଣ୍ଡା


+ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,

ମୋ- ୯୪୩୯୧୨୮୦୫୦

ପିକେ କହିଲେ ଆମ ଯୁବାପିଢି ଅମିରଖାଁ ସିନେମା ପିକେକୁ ବୁଝନ୍ତି। ନାଇଁ ଆଜ୍ଞା! ଇଏ ସେ ପିକେ ନୁହେଁ। ଏଠି ପିକେର ଅର୍ଥ ପ୍ରଶାନ୍ତ କିଶୋର। ସେ ହେଲେ ଏବେକାର ନୂଆ ଚାଣକ୍ୟ, ରାଜନୀତି ବିଷାରଦ। ସମସ୍ତ ଗଣମାଧମ ଏବଂ ପୋଖତ ରାଜନୈତିକମାନଙ୍କ ରାଜନୀତି ଗଣିତକୁ ଭୁଲ ପ୍ରମାଣିତ କରିବାରେ ସିଦ୍ଧହସ୍ତ। ଗତ ନିର୍ବାଚନରେ ମମତା ଦିଦି ଓ ଷ୍ଟାଲିନ୍‌ଙ୍କର ତାଜପୋଷି ଏହାର ଜ୍ୱଳନ୍ତ ଉଦାହରଣ। କେଜରିସାର୍‌ଙ୍କ ପାଇଁ ମଧ ଏହି ପିକେଶେଷ ନିର୍ବାଚନରେ ଖଟି କମାଲ୍ କରିଥିଲେ। ତୋଗଲକ୍ ସାର୍ ପୁଣି ଥରେ ଲେଉଟିବେ ବୋଲି କେହି ଭାବିନଥିଲେ, କିନ୍ତୁ ପ୍ରଶାନ୍ତ କିଶୋର ମଙ୍ଗୁଆଳ ହେବା ପରେ ଚିତ୍ର ବଦଳିଲା ଏବଂ ଶେଷରେ ସିଏ ବିଜୟୀ ହେଲେ। ତାଙ୍କର ଏପର୍ଯ୍ୟନ୍ତ ବଡ ପଡିଆରେ ପରାସ୍ତ ଥରେ ମାତ୍ର ହୋଇଛି। ୟୁପିରେ ଗୋରଖନାଥ ମହନ୍ତ ଆଦିତ୍ୟ ନାଥଙ୍କୁ ପିକେ ମନ୍ତ୍ର କାଟୁକଲାନି। କଂଗ୍ରେସ, ସପା ଓ ବସପା ସବୁ ଗୋଟିଏ ହୋଇ ନିଜର ନୈତିକ ଚରିତ୍ରକୁ ମାରା କଲେ, ମାନେ ଜାତିଗଲା କିନ୍ତୁ ପେଟ ପୁରିଲାନି। ସପା ଓ ବସପା କଂଗ୍ରେସକୁ ଦୋଷ ଦେଇ ମନ ବୁଝେଇଲେ ସିନା ଆଉ ସେ ଖାଲରୁ ଉଠି ଏବେଯାଏ ଚାଲି ପାରୁନାହାନ୍ତି। ପାଉପାଉ ନିର୍ବାଚନ ପାଖେଇ ଆସିଲାଣି, ଏବେ ଠାରୁ ଅଂଟା ନଭିଡିଲେ ବିଚରା ପୁଣିଥରେ ମୋଦୀ ଗାଦୀରେ ବସିଗଲେ ଲୋକେ ଆଉ କାହାକୁ ମନେ ପକେଇବା ଭବିଷ୍ୟତରେ ବଡ କଷ୍ଟ ହୋଇଯିବ।

ପିକେ ଏବେ ଶରତ ପାୱାର, ସୋନିଆ, ପ୍ରିୟଙ୍କା ଓ ରାହୁଲଙ୍କ ସାଙ୍ଗରେ ଅଲଗା ଅଲଗା ଦୀର୍ଘ ସମୟ ଧରି କଥା ହେବାରୁ ଅନେକ କଳ୍ପନାଜଳ୍ପନା କରାଯାଉଛି। କିଏ କହୁଛି ଶରତ ପାୱାରଙ୍କୁ ରାଷ୍ଟ୍ରପତି କରେଇବା ପାଇଁ ତାଙ୍କୁ ଏନ୍‌ସିପି ଦଳ ନୂଆ କାମ ଦେଇଛି। ଆଉ କିଏ କହୁଛନ୍ତି କଂଗ୍ରେସରେ ମିଶି ପାରନ୍ତି ପିକେ। କେତେକଙ୍କ ମତରେ ସିଏ ଜଣେ ବୁଦ୍ଧିଆ ଲୋକ। ଫୁଟାଡଙ୍ଗାରେ ଚଢି କାହିଁକି ବୁଡି ମରିବେ? ଆଇନଷ୍ଟାଇନ୍ କହିଥିଲେ, 'ମୋତେ ଯଦି ପୃଥିବୀ ବାହାରେ ଟିକିଏ ଜାଗା ଦେଇ ଲମ୍ବା ବାଡିଟିଏ ଦିଅନ୍ତ ମୁଁ ପୃଥିବୀକୁ ଲେଉଟାଇ ଦିଅନ୍ତି, ଯାହାକି ପୃଥିବୀ ଭିତରେ ରହି ସମ୍ଭବ ନୁହେଁ। ଯଦି ପିକେ କଂଗ୍ରେସ ଦଳ ଭିତରକୁ ପଶିଗଲେ ତେବେ ସିଏ ଜଣେ ସେ ଦଳର କନିଷ୍ଠ ସଭ୍ୟ ହିସାବରେ ଗଣାଯିବ। ଦିଗ୍‌ବିଜୟ, ଗୁଲାମନବୀ, ଥରୁରଙ୍କ ପରି ବରିଷ୍ଠ ସଭ୍ୟମାନଙ୍କ କଥା ହାତଯୋଡି ହାଁଜି ହାଁଜି କରି ମୁଣ୍ଡପାତି ପାଳନ କରିବାକୁ ବାଧ ହେବେ। ସଲ୍‌ହାକାର କଥା ଅଲଗା ଏବଂ ଦଳିୟ କର୍ମୀ ହେଲେ ସେ କଥା ଅଲଗା। ଏମିତିରେ ସିଏ କେମିତି ଖଣ୍ଡିଆହଡା ଗୁଡିକୁ ଗୋଠ ସାଙ୍ଗରେ ଚରେଇ ଦୌଡ ପ୍ରତିଯୋଗିତାରେ ଜିତେଇବେ! ଅସମ୍ଭବ। ଆଉ କିଏ କହୁଛନ୍ତି ପିକେ ଏପରି ଭୁଲ୍ ଆଦୌ କରିବେନି। କଂଗ୍ରେସ ଦଳରେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ପାବରେ ଯେଉଁ ପ୍ରକାର ବିଦ୍ରୋହ ଦେଖା ଦେଇଛି ସେସବୁ ସମସ୍ୟାର ସମାଧାନ କରିବା ପାଇଁ ପିକେଙ୍କୁ ସଙ୍କଟମୋଚକ ଚାକିରୀ ମିଳିଛି। ପୈସା କ୍ୟା ନକରେ କାମ୍! ଆବେ ପରସୁ ଯାବେ ପରସୁ, ବାବୁ ପରଶୁରାମ୍। କଂଗ୍ରେସର ଯାହାବି କିଛି କମି ଥାଉ ପଛେ ପୈସା କଉଡିର କମି ନାହିଁ। ଗଣ୍ଡାଗଣ୍ଡା ପିକେଙ୍କୁ ଚାକିରୀରେ ରଖି ପୋଷିବାରେ କିଛି ଅସୁବିଧା ନାହିଁ। ରାହୁଲଙ୍କୁ ଯଦି ଜଣେ ସଫଳ ଦଳପତି ହେବାର ସୂତ୍ର ବାହାର କରିପାରନ୍ତେ ତେବେ ଯାହା ମାଗିବେ ମାବର ଦେବାର କଥା ଛିଣ୍ଡିଛି ବୋଲି କେତେ ଫୁଶୁଫୁଶୁ ହେଉଛନ୍ତି। ଯାହା ହେଉ ପିକେଙ୍କୁ ମାନିବାକୁ ହେବ। ସମସ୍ତଙ୍କ ସାଙ୍ଗରେ ଭେଟି ବାହାରିଲା ବେଳକୁ ଗଣମାଧମ ଆଗରେ ଓଠ ସିଲେଇ କରି ନିଜ ଗାଡିରେ ବସି ଚାଲି ଯାଉଛନ୍ତି ବୋଲି ଅନୁମାନ ଲଗେଇ ଗଣମାଧମ ସେହି ସାକ୍ଷାତକାର ଉପରେ ଘଂଟାଘଂଟା ବିତର୍କ କରୁଛି। କିନ୍ତୁ ଯଦି ପିକେ ନିଜ ମୁହଁରେ ଆସି ପଦାରେ ସମସ୍ତଙ୍କୁ ଜଣେଇ ଦିଅନ୍ତେ ଯେ ମୁଁ ଶରତ ସାହେବଙ୍କ ପାଇଁ ଲବି କରୁଛି କି କ୍ୟାପେଟନ୍ ଅମରେନ୍ଦ୍ର ଓ ସିଦ୍ଧୁ ସାହେବଙ୍କ ଭିତରେ ପ୍ୟାଚ୍ ପକଉଛି, ମମଲା ଖତମ୍। ନାଇଁ, ଏପରି ସସ୍‌ପେନ୍ସରେ ତାଙ୍କର କାମ ହେଉଛି ଏବଂ ଭାଉବି ବଢୁଛି।


ଚବିଶ ନିର୍ବାଚନରେ ସମସ୍ତ ବିରୋଧି ଏକତ୍ର ହୋଇ ମୋଦୀଙ୍କୁ ରୋକିବା ସୂତ୍ର ବାହାର କରିବାକୁ ପିକେଙ୍କୁ ଅଫର୍ ମିଳିଥିବା କଥା ଅନେକ ବିଶ୍ୱାସ କରୁଛନ୍ତି। ହେଲେ ଲୋକମାନଙ୍କ ଆଗରେ ମୋଦୀଙ୍କର ବିକଳ୍ପ ରୂପରେ କେହି ଏପର୍ଯ୍ୟନ୍ତ ଉଭା ହୋଇ ପାରିନାହାନ୍ତି। ସମସ୍ତଙ୍କର ଏଜେଣ୍ଡା ଏବଂ ରାନୈତିକ ଶୈଳୀ ଏକାପ୍ରକାର ନୁହେଁ। ଶିବଙ୍କ ବରଯାତ୍ରୀ ପରି ଦେବ, ଦାନବ, ଯକ୍ଷ ଓ କିନ୍ନର ସହ ଭୂତପ୍ରେତ ସବୁ ତ ନାଚିବେ କିନ୍ତୁ ତାଳରେ କଣ ଗୋଡ ପଡିବ? ଗୋଟାଏ ପିକେ କେତେବା କାହାକୁ ସୁର ତାଳ ଶିଖେଇ ଦୁଇ ତିନିବର୍ଷ ଭିତରେ କେତେ ଶିଖେଇବ? ରାଜ୍ୟ କଥା ଅଲଗା। ଛୋଟ କଥାକୁ ବଡକରି ଖେଳି ହେବ, କିନ୍ତୁ ଜାତୀୟ କ୍ଷେତ୍ରରେ ଗୋଡରେ କନା ଗୁଡେଇ ଭୋଟନେବା ସହଜ ନୁହେଁ କି ଦିଦି ଓ ଦିଦିଙ୍କୁ ଦୁଇଥର କହି ଦେଲେ ମାରାତ୍ମକ ଦୋଷୀ ସାବ୍ୟସ୍ତ କରି ଜିତିଯିବା ସମ୍ଭବ ନୁହେଁ। ନିଜର ଦକ୍ଷତାକୁ ଲୋକଙ୍କ ସାମ୍ନାରେ ପ୍ରମାଣିତ କରିବାକୁ ହେବ। ଦଳ ଓ ନିଜି ସ୍ୱାର୍ଥକୁ ଗୌଣକରି ସମୂହ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ହେବ, ତେବେ ଯାଇଁ ପିକେ ଫ୍ୟାକ୍ଟରରୁ ଲାଭ ମିଳିପାରେ। ନଚେତ୍ ପୂର୍ନମୂଷିକ ଭବ ଏବଂ କିଛି ନମିଳିଲେ ଶେଷରେ ଇଭିଏମ୍ ମେସିନ୍‌କୁ ଦୋଷ ଦେଇ ମନକୁ ବୁଝେଇ ଦେବା କଥା।





## ଆସିଲା ବରଷା ରାଣୀ

### ନିରଞ୍ଜନ ସାହୁ



ଆସିଲା ବରଷା ରାଣୀ
ଆକାଶୁ ଝରିଲା ପାଣି
ସବୁଜ ସବୁଜ ଦିଶିଲା ପୃଥିବୀ
ଦେଖାଇ ଆପଣା ଠାଣି ।

ତରବର ହେଲା ଚଷା
କରିବ ତାହାର ପେଶା
ଜମିରେ ତାହାର ସୁନା ଫଳାଇବ
ଲାଗିଲା ମନରେ ନିଶା ।

ବାଦଲ ଢାଙ୍କିଲା ଯେବେ
ସୂର୍ଯ୍ୟ ଲୁଚିଗଲେ ନଭେ
ଦିବସ ଦିଶିଲା ରଜନୀ ପରାୟେ
ଆମ ଏ ସୁନ୍ଦର ଭବେ ।

ଝରିଲା ବରଷା ଧାରା
ଜଳମଗ୍ନ ହେଲା ଧରା
ଘଡ଼ଘଡି ସାଥେ ବିଜୁଳି ମାରିଲା
ପବନ ବହିଲା ପରା ।

ବିପରୀତ ଦିଗେ ଭାନୁ
ଶୋଭାପାଏ ଇନ୍ଦ୍ରଧନୁ
ସପ୍ତରଙ୍ଗୀ ଛବି ଦେଖିଦେଲେ ଥରେ
ପାଶୋରି ନ ହୁଏ ମନୁ ।

ସାଧବବୋହୂର ଛଇ
ଚାଲୁଥାଏ ଧୀର ହୋଇ
ପରାଜପତି ବି ଉଡି ବୁଲୁଥାନ୍ତି
ଫୁଲରୁ ଫୁଲକୁ ଯାଇ ।

ଗାଆଁ ଦାଣ୍ଡ ପାଣି ସୁଏ
କୁନି ପିଲାଟିଏ କିଏ
କାଗଜ ଚିରିକି ଡ଼ଙ୍ଗାଟିଏ କରି
ପାଣିରେ ଭସେଇ ଦିଏ ।

ଆସିବ କେତେ ପରବ
କରିବା ଆମେ ଗରବ
ପରବ ପାଳିବା ଖୁସି ମନାଇବା
କିଣିବା ନାନା ଦରବ ।

+ ନିହଲପ୍ରସାଦ, ଗଁଦିଆପାଟଣା
ଢ଼େଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

## ଫେରିଚାଲ ଗ୍ରାମ୍ୟପଥେ

### ପ୍ରତିମା ମେହେର



ଖୁବ୍ ଗୋଟିଏ
ପାରିଲାପଣରେ ହଜିଯାଏ;
ନିଜସ୍ୱ ସତ୍ତା, ଚୁରମାର୍ ହୁଏ ସ୍ୱାଭିମାନ
ବୁଝେନା ମଣିଷ !

ଏଠି କିଏ କାହାର ଧର୍ମ କର୍ମ
ସବୁ ଆଖିଠାର
ଗୀତା ଜ୍ଞାନ, ପୁରାଣ କୋଣେ ଦୂର
ଅଭିମାନୀ ଦୁର୍ଯ୍ୟୋଧନର
କ'ଣ ଅଭାବ ?
ଘୁରି ବୁଲୁଛନ୍ତି ହଜାରେ ଦୁଃଶାସନ
କରିବାକୁ ନାରୀ ବସ୍ତ୍ରହରଣ
ଟୋପା ଟୋପା ରକ୍ତରେ
ଲେଖା କରୁଣ ଇତିହାସ
ଆପେ ଆପେ ଉଭେଇ ଯାଏ;
ନାଲି ରଙ୍ଗ ଦଲିଲ୍
ଲଢ଼ି ଲଢ଼ି ଭୀଷ୍ମ ନୟାନ୍ତ !

ଶରଶଯ୍ୟା ଏକ ମାତ୍ର ପନ୍ଥା
ନାହିଁ ବିକଳ୍ପ,
କିଏ ଦେବ ଇଚ୍ଛା ମୃତ୍ୟୁରୁ ମୁକ୍ତି
ଅର୍ଜ୍ଜୁନର ନାହିଁ ଦେଖା
ବିକଳାଙ୍ଗ ମାତୃତ୍ୱ,
ଗାନ୍ଧାରୀର ସମନ୍ୱୟ ରକ୍ଷା
ଲିଭିଛି ମନରୁ
ଥିଲା ଯିଏ ଗର୍ବ ଗୌରବ
ହଜିଛି କାଳାନ୍ତରେ..

ଫେରିବ କି ସୁନେଲି ଶୌର୍ଯ୍ୟ
ବୀର ହେବ ପୁନରୁଦ୍ଧାର !
ଶଙ୍କିତ ମନ ଉପନୀତ ନ୍ୟାୟର ଦୁଆରେ

ତ୍ୟାଗିଦିଅ ହେ ମାନବ !
ଲୋଭ, କ୍ରୋଧ, ମାୟା, ମୋହ
ବୃଥା ଆସ୍ଫାଳନ,
ବାହାବା, ଆତ୍ମଗର୍ବ,
ପ୍ରସାରି ବାହୁ ଡାକେ ମାଟି ମାଆ
ଆସ ମୋର ଭବିଷ୍ୟ
ଫେରିଚାଲ ଗ୍ରାମ୍ୟପଥେ ।

+ ପାଟଣାଗଡ଼
ଜି-ବଲାଙ୍ଗୀର

## ସବୁ ତ ତୁମରି ଦାନ

### ଅଜୟ କୁମାର ମହାନ୍ତ



କି ଦେଇ ପୂଜିବି ତୁମକୁ ଠାକୁରେ
ସବୁ ତ ତୁମରି ଦାନ
ବିଶ୍ୱ ବ୍ରହ୍ମାଣ୍ଡରେ ପତିତ ଜଣେ ମୁଁ
ମୁଢ଼ମତି ଅକିଞ୍ଚନ ।
ପତିତ ପାବନ ନାମେ ବାନା ଉଡ଼େ
ସେପାଇଁ ଭରସା କଲି
ତୁମ ନାମ ଧରି ଗାଇବି ଭଜନ
ବଡ଼ ଦାଣ୍ଡେ ବୁଲି ବୁଲି।
ଜଗତ କରତା ତୁମେ ହର୍ତ୍ତା କର୍ତ୍ତା
ପ୍ରଣତି ମୋହର ଘେନ
ଏ ଭବ ସାଗରୁ ପାରିକର ମୋତେ
ଏହି ମୋର ନିବେଦନ।
ଜଗତର ନାଥ ଆହେ ଜଗନ୍ନାଥ
କୃପାସିନ୍ଧୁ ଦଇତାରୀ
ଦୁଇ ଭୁଜ ଟେକି କାକୁସ୍ତରେ ଅତି
କରୁଛି ପଦେ ଗୁହାରି।

+ ହରିପୁର
କବୀରପୁର, ଯାଜପୁର
ମୋ: ୯୪୩୭୫୬୪୧୬୦

## ଗଛଟିଏ ମୁଁ ଗଛଟିଏ

### ଗୌରୀ ମେହେର




ଡାଳ, ପତ୍ର ମେଳି ସବୁଜ ସୁନ୍ଦର ଦିଶୁଥାଏ,
ମାନବ ସେବାରେ ଫୁଲ, ଫଳ, କାଠ ଦେଇଥାଏ,
ଖରା, ବର୍ଷା, ଶୀତ, ବନ୍ୟା, ବାତ୍ୟା, କେତେ ଆସୁଥାଏ,
ଅଟଳ, ମୁଁ ରହି ଜଗତ କଲ୍ୟାଣେ ମୋ ଦିନ ଯାଏ
ଗଛଟିଏ ମୁଁ ଗଛଟିଏ ।

ମାନବର ବିଷ ପ୍ରାୟ ପବନ ନେଇ, ଅମୃତ ସମ ବାଆ ଦିଏ,
ଜଳୀୟବାଷ୍ପ ଆକାଶକୁ ଛାଡି ମୁଁ ହିଁ ବରଷା କରାଏ,
ମୋ ଚେରରେ ମାଟି ଜାବୁଡ଼ି, ପାଣିକୁ ଧରିରଖି ଥାଏ,
ମୋରି ପାଇଁ ଶୁଦ୍ଧ, ସୁଶୀତଳ ବାଆ ବହିଯାଏ
ଗଛଟିଏ ମୁଁ ଗଛଟିଏ ।

ମୋ ଡାଳେ ବଣି ବସି କିଚିରିମିଚିରି ଗୀତ ଗାଏ,
ପିଲାଏ ଆସି ଖେଳିଲେ ଏଠି ଖୁସିରେ ଛାତି ମୋ ଫୁଲିଯାଏ
ବାଟୋଇ ଭାଇ ଖରାବେଳେ ଆସି, ଛାଇରେ ମୋ ବସିଯାଏ
କିନ୍ତୁ କଥାଟେ ମୋର କହିବାର ଅଛି ଶୁଣ କହୁଛି କଥାପଦେ
ଗଛଟିଏ ମୁଁ ଗଛଟିଏ ।

ଖାଲି ତ ଦେଉଛି, ମାଗୁନି କିଛି ତଥାପି ମାନବ କାଇଁ ଅନ୍ୟାୟ କରେ
ଡାଳ, ଶାଖା ମୋର ସବୁତ ନେଉଛି, ଶେଷକୁ ମୂଳରୁ କାଟିଦିଏ,
ଗଛ ଲଗାଇବା ଦିନ ଖାଲି ଫଟୋଟେ କରି, ପରେ ପଚାରୁନାହାନ୍ତି ମୋତେ କିଏ
ଅମ୍ଳଜାନ ବିନା ତୁମେ ହିଁ ମରିବ, ତେଣୁ ରୋପଣ କରି ଯତ୍ନ ନିଅ ମୋର
ଗଛଟିଏ ମୁଁ ଗଛଟିଏ ।

+ ଗମ୍ଭାରୀଗୁଡା
ନୂଆପଡା






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୨୫**

ଗାଁ ମୁଣ୍ଡରେ ପହଞ୍ଚିଗଲା ପରେ ପିଲାଦିନର ସ୍ମୃତି ମୋର ଆଖିଆଗରେ ଭାସିଉଠିଲା । ପିଲାଦିନେ ଏଠି ମୋର ଅନେକ ଖେଳସାଥୀ ଥିଲେ । ଯେଉଁମାନଙ୍କ ସହ ଆମ୍ବତୋଟା ମୂଳେ ଖେଳିଛି । ନଦୀରେ ବୁଡ଼ିବୁଡ଼ି ମଜା ଉଠାଇଛି, ଭଲଭାବେ ଗାଁଟିକୁ ଦେଖିବାର ଲୋଭ ସମ୍ବରଣ କରିପାରିଲି ନାହିଁ । ଘୋଡ଼ାପିଠିରୁ ଓହ୍ଲାଇ ଅଟକିଗଲି ସେଇଠି । କିଛି ଦୂର ଆଗେଇଛି କି ନାହିଁ ଶୁଣିଲି କାହାର ଆର୍ତ୍ତଚିତ୍କାର ।

ଇଏ ତ ନାରୀ କଣ୍ଠ । ହୁଏତ କେହି ବିପନ୍ନା ନାରୀ ଅସହାୟ ଭାବେ ରକ୍ଷା କରିବା ପାଇଁ ବିକଳରେ ଆର୍ତ୍ତନାଦ କରୁଛି । ଚଉରିଆଡ଼କୁ ଅନାଇ ଭଲରୂପେ ନିରୀକ୍ଷଣ କଲି । ରାସ୍ତାଥିଲା ଜନଶୂନ୍ୟ । ଦେଖିଲି କେହି ଜଣେ ଅସହାୟ ନାରୀଟିକୁ ଅପହରଣ କରିନେବାକୁ ଉଦ୍ୟମ କରୁଛି । ଏ ପରିସ୍ଥିତିରେ ନିଜର କର୍ତ୍ତବ୍ୟ ଠିକ୍ କରିନେଲି । ଘୋଡ଼ାର ଗତିକୁ ବଢ଼ାଇଦେଇ ମାତ୍ର କେତୋଟି ମୁହୂର୍ତ୍ତରେ ଅପହର୍ତ୍ତାଙ୍କ ପାଖରେ ପହଞ୍ଚିଗଲି ।

ରହିଯାଅ । ଭଲରେ ଭଲରେ ଛାଡ଼ିଦିଅ ତାକୁ। ନହେଲେ ଶାଣିତ ଖଡ୍ଗରେ ଶରୀରରୁ ମୁଣ୍ଡକୁ ଛିନ୍ନ କରିଦେବି । ସେମାନେ ବୋଧେ ଏମିତି ଅପ୍ରତ୍ୟାଶିତ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲେ। ସେମାନଙ୍କ ମଧ୍ୟରେ ଥିବା ନେତା ଜଣକ ମୋତେ ଉଦ୍ଦେଶ୍ୟ କରି କିଛି କହୁଥିଲେ ବୋଧହୁଏ। ମୋର କିନ୍ତୁ ସେସବୁ ଶୁଣିବାପାଇଁ ଆଗ୍ରହ ନଥିଲା । କ୍ରୋଧରେ ମୁଁ ଥରୁଥିଲି । ଭାବୁଥିଲି, କିଏ ଏଠିକାର ରାଜା । ନାରୀମାନଙ୍କର ସର୍ବନିମ୍ନ ସୁରକ୍ଷା ଦେବାର ବ୍ୟବସ୍ଥା ବି କ'ଣ ଏଠାରେ ନାହିଁ । ଶେଷରେ ଅପହର୍ତ୍ତାଙ୍କ କବଳରୁ ନାରୀଟିକୁ ଉଦ୍ଧାର କଲି । ଭୟରେ ସେ ଥରୁଥିଲା । ଆଖିରେ ଭରି ରହିଥିଲା ଢଳଢଳ ଲୁହ । ଅବନତ ଶିରରେ ମୋରି ସାମନାରେ ଠିଆ ହୋଇଥାନ୍ତି । ଅନୁମାନ କଲି ନାରୀଜଣକ ସୁନ୍ଦରୀ ନିଶ୍ଚିତ । ମୋତେ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ କିଛି କହିବାକୁ ଚେଷ୍ଟା କରୁଥାନ୍ତି । ହେଲେ କହିପାରୁ ନାହାଁନ୍ତି ।

ଏଥର ଲୁହଭରା ମୁହଁଟିକୁ ସେ ଟେକିଲେ । ଆରେ ଏ କ'ଣ ? ମୋ ମନରେ ଚମକ ଖେଳିଗଲା । ଏ ଯେ ପଦ୍ମା । ସୂତ ରତସେନଙ୍କ କନ୍ୟା । ମୋ ମାମୁଘର ଠାରୁ ଅଳ୍ପକିଛି ଘର ଛାଡ଼ିଦେଲେ ରତସେନଙ୍କ ଘର । ମୋ ବାପାଙ୍କ ଭଳି ସେ ମଧ୍ୟ ଏହି ଗ୍ରାମର ମୁଖ୍ୟ । ପିଲାଦିନେ ଆମେ ଦୁହେଁ ଏକାଠି ଖେଳିଛୁ । ସେଇ ପଦ୍ମା ତେବେ ଏତେ ବଡ଼ ହୋଇଗଲାଣି ? ବହୁତଦିନ ପରେ ତାକୁ ମୁଁ ଦେଖୁଛି । ତଥାପି ଚିହ୍ନିବାରେ ମୋର ଭୁଲ୍ ହୋଇନି । ସନ୍ଦେହ ଏଡ଼ାଇବା ପାଇଁ ପଚାରିଲି - "ତୁମେ ପଦ୍ମା ନା ?"

ଏଥର ସେ ସିଧାସଳଖ ମୋତେ ଅନାଇଲା। ଉପରକୁ ଅନାଇ ପଚାରିଲା "ଆପଣ କେମିତି ମୋ ନାମ ଜାଣିଲେ ?"

ମୋତେ ଚିହ୍ନିପାରୁନ ମନେପକାଅ । ମୋ ମାମୁଘର ପରା ଏଇ ଗାଁରେ ।

ଆରେ ତୁମେ ତେବେ ବସୁଭାଇ ?

ପଦ୍ମା ମୋର ପିଲାଦିନର ଖେଳସାଥୀ । ପୂର୍ବ ପରିଚିତା ଅଥଚ ଆଜି ଯେମିତି ମନେହେଉଛି ସେ ଏକ ନୂତନ ରୂପରେ ମୋରି ଆଗରେ ଛିଡ଼ା ହୋଇଛି । ଖୁବ୍ ଭଲ ଲାଗୁଥିଲା ପଦ୍ମାର ସାନ୍ନିଧ୍ୟ। ମୋତେ ଯେମିତି ଲାଗୁଥିଲା, ମୋ ମନର ମଣିଷଟିକୁ ଅତି ନିକଟରେ ମୁଁ ପାଇଯାଉଛି । ଆଉ ମୋର ଏତେଦୂରକୁ ଆସିବାରେ ସାର୍ଥକ ହୋଇଛି । ପଦ୍ମା ପାଖରେ ମୁଁ କିନ୍ତୁ କିଛି ଖୋଲିକରି କହିପାରୁ ନଥାଏ । କିଏ ଜାଣେ, ପଦ୍ମା ହୃଦୟରେ କେଉଁ ଭାବନା ଥିବ । ପଦ୍ମା ଅନୂଢ଼ା ଯୁବତୀ । ତାକୁ ନେଇ ଏମିତି ଭାବନା ଉଦ୍ରେକ ହେବା ଠିକ୍ ନୁହେଁ । ନିଜ ମନକୁ ସଂଯତ କରିବାକୁ ଚେଷ୍ଟା କରୁଥାଏ । ଏପରି ଚିନ୍ତା କରିବା ହିଁ ପାପ । ମୁଁ କିଛି ଭାବିପାରୁ ନଥାଏ ପଦ୍ମା କ'ଣ ତେବେ ମୋ ମନରେ ପ୍ରେମର ଫଲ୍‌ଗୁ ବୁହାଇ ଦେଇଛି । ନହେଲେ ମୋ ମନରେ ଏତେ ଅସ୍ଥିରତା କ'ଣ ପାଇଁ ? ମୁଁ କିନ୍ତୁ ନିଜ ମନକୁ ଯେତେ ବୁଝାଇଲେ ବି ଏ ପାପ ଚିନ୍ତାରୁ ନିଜକୁ ଦୂରେଇ ପାରୁ ନଥାଏ ।

ବାସ୍ତବିକ, ପ୍ରେମର ସୃଷ୍ଟି କେମିତି ? କେଉଁଠି ? ସେ ମଧ୍ୟ ଏକ ଅସମାଧିତ ପ୍ରଶ୍ନ । ଏହା ଏକ ଅଗ୍ନିର ସ୍ଫୁଲିଙ୍ଗ । ଏହା ସ୍ୱତଃ ଜନ୍ମ ନିଏ । ନିଜକୁ କେବଳ ଜାଳିପୋଡ଼ି ଦିଏନା ଅନ୍ୟକୁ ମଧ୍ୟ ଜଳାଇ ଦେଇଥାଏ । ଯଦିଓ ଏଥିରେ ନ ଥାଏ ଉତ୍ତାପ ।

ମୁଁ କର୍ଣ୍ଣ, ସ୍ୱାଭିମାନୀ । ସହଜେ ତରଳିଯିବା ମୋର ଧର୍ମ ନୁହେଁ । ମୁଁ ବୀର ପୁରୁଷ । ମୋ ନିକଟରେ ରହିଛି ଶୌର୍ଯ୍ୟ, ବୀର୍ଯ୍ୟ, ଦମ୍ଭ । ମୁଁ ଭୀରୁ ନୁହେଁ କି କାପୁରୁଷ ନୁହେଁ । ଅଥଚ ମୋତେ ଯେମିତି ଅସହାୟ ଅସହାୟ ଲାଗୁଥିଲା । ମୋ ମନର ଏ ବିଚିତ୍ର ସ୍ଥିତିର କାରଣ ନିର୍ଣ୍ଣୟ କରିପାରୁ ନଥାଏ । ତେବେ କ'ଣ ମୁଁ ପଦ୍ମାର ପ୍ରେମରେ ପଡ଼ିଯାଇଛି । ନିଜକୁ ନିଜେ ପ୍ରଶ୍ନ ପଚାରି ଉତ୍ତର ଖୋଜୁଥିଲି । ଦେଖିଲି ପଦ୍ମା ମଧ୍ୟ ଆବେଗରେ ଅଧୀରା ହୋଇ ମୋରି ଆଡ଼କୁ ଧୀରେଧୀରେ ଆଗେଇ ଆସୁଥିଲା । ବସୁଭାଇ, ମୋତେ ଏମିତି ତୁମେ ତୁମେ ବୋଲି କ'ଣ ଡାକୁଛ ?

ଆଉ କ'ଣ କହିଥାନ୍ତି

ଏବେ ପରା ଆମେ ବଡ଼ ହୋଇଗଲୁଣି ।

ଏତିକିରେ ପଦ୍ମା ଲାଜରେ ମରିଗଲା ଯେମିତି। ଲାଜଲାଜ ମିଶା ସ୍ୱରରେ ପଦ୍ମା ମୋତେ ସବୁକଥା କହିଲା । ମୁଁ ତାକୁ ଅପହର୍ତ୍ତାଙ୍କ କବଳରୁ ମୁକୁଳାଇ ପାରିଛି ବୋଲି କୃତଜ୍ଞତା ଜଣାଇଲା । ମୋର କିନ୍ତୁ ସେସବୁ ପ୍ରତି ଆଗ୍ରହ ନଥାଏ । ମୁଁ ବୀର, ପୁଣି ପୁରୁଷ । ମୋ ଜାଗାରେ ଆଉ କେହି ବି ଥିଲେ ସେ ଏହାହିଁ କରିଥାନ୍ତା । ସେ ଦୃଷ୍ଟିରୁ ମୁଁ ବା ଅଧିକ କ'ଣ କରିଛି ।

ପଦ୍ମାକୁ ସଂଗରେ ନେଇ ମାମୁଁଘରେ ପହଞ୍ଚିଲି। ପରେପରେ ତାଙ୍କର ପିତା ପଦ୍ମାକୁ ଆସି ନେଇଗଲେ । ସବୁକଥା ଶୁଣିସାରି ମୋତେ ଆଶୀର୍ବାଦ କଲେ । ଭଲମଣିଷଟିଏ ହୁଅ । ସଦା ବିଜୟୀ ହୁଅ । ତୁମର ଯଶକୀର୍ତ୍ତି ଅମ୍ଳାନ ରହୁ । ଭଗବାନ ତୁମର ମଂଗଳ କରନ୍ତୁ । ଏକାଥରେ ଏତେଗୁଡ଼ିଏ ଆଶୀର୍ବାଣୀ ଅଜାଡ଼ି ଦେଇ ସେ ଚାଲିଗଲେ । ଆଉ ମୁଁ ତାଙ୍କ ଯିବା ପଥକୁ ଅନାଇ ଅନେକ କିଛି ଭାବି ଯାଉଥିଲି ।

- ତେଇଶି -

ଆଚାର୍ଯ୍ୟ ପରଶୁରାମଙ୍କ ଆଶ୍ରମରୁ ସିଧାସଳଖ ହସ୍ତିନାପୁର ଯିବି ବୋଲି ଭାବି ମୁଁ ବାହାରିଥିଲି । ଅଥଚ ମାମୁଘର ଗାଁରେ ପହଞ୍ଚି ବେଶ୍ କିଛିଦିନ ଅଟକିଗଲି । ପୂର୍ବରୁ ମୁଁ ଅନେକଥର ଆସିଥିଲି । କିନ୍ତୁ ଏଥର ମୋ ପ୍ରତି ଆତିଥେୟତା ଥିଲା ସଂପୂର୍ଣ୍ଣ ଭିନ୍ନ । କେବଳ ମାମୁଘର ନୁହେଁ, ସାହିପଡ଼ିଶା ତଥା ବିଦେଘ ଗ୍ରାମର ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କ ଠାରୁ ମୋତେ ଯେଉଁ ଆଦର ଅଭ୍ୟର୍ଥନା ମିଳିଲା ତାହା ମୁଁ କେବେ ସ୍ୱପ୍ନରେ ସୁଦ୍ଧା ଭାବିପାରି ନଥିଲି। ଜାଣିପାରୁ ନଥିଲି, ଏମିତି ଆତିଥେୟତା କ'ଣ ପାଇଁ ? ବିଶେଷକରି ରତସେନଙ୍କ ଘରେ କିଛିଦିନ ଅଟକିଯିବାକୁ ପଡ଼ିଲା । ଏସବୁ ଆଦର ସମ୍ମାନ ସ୍ନେହମମତା କ'ଣ ସତରେ ଗାଁର ଝିଅ ପଦ୍ମାକୁ ଦସ୍ୟୁ କବଳରୁ ରକ୍ଷା କରିଥିଲି ବୋଲି ? ନା ମୁଁ ଜଣେ ଯୋଗ୍ୟ ବୀର ହୋଇପାଇଛି ବୋଲି। ପରଶୁରାମଙ୍କ ଠାରୁ ବ୍ରହ୍ମାସ୍ତ୍ରର ଜ୍ଞାନ ପାଇପାରିଛି। ସୂତକୁଳରେ ହୋଇ ବି ଅନେକ ଦିବ୍ୟାସ୍ତ୍ରର ଅଧିକାରୀ ହୋଇଛି । କ୍ଷତ୍ରିୟ ବୀରମାନଙ୍କ ସମକକ୍ଷ ଯୋଦ୍ଧା ହୋଇସାରିଛି । ସୂତକୁଳରେ ମୋତେ ନେଇ ଗର୍ବ । କେତେ କ'ଣ ପ୍ରଶଂସା । ମୁଁ କୁଆଡ଼େ ସୂତକୁଳର ଉଜ୍ଜ୍ୱଳ ଜ୍ୟୋତିଷ୍କ । ବିଶେଷକରି ମୋ ମାମୁଙ୍କ ଆନନ୍ଦ କହିଲେ ନ ସରେ । ତାହା ବି ସ୍ୱାଭାବିକ । ଯେତେ ଯାହା ହେଲେ ବି ମୁଁ ତାଙ୍କ ଭଣଜା । ମୋ ପାଇଁ ଗର୍ବ କରିବା କିଛି ବିଚିତ୍ରତା ନୁହେଁ।

ସମସ୍ତେ ମୋତେ ନିଜର କରିବାକୁ ବ୍ୟଗ୍ର। ବାସ୍ତବରେ କି ବିଚିତ୍ର ଏ ମଣିଷର ଆଚରଣ । ଋତୁ ପରିବର୍ତ୍ତନ ଭଳି ମଣିଷର ପ୍ରକୃତି ମଧ୍ୟ ବଦଳି ଯାଉଥାଏ । ମୁଁ ବେଶ୍ ବୁଝି ପାରୁଥିଲି, ମୁଁ ଜଣେ ବୀର ବୋଲି ମୋର ଖ୍ୟାତି । ବାସ୍ତବରେ ଯୁଗେଯୁଗେ ମହାନତାର ଆଦର ରହିଛି । ମହାନ୍ ଲୋକ କୌଣସି କାରଣରୁ ଯଦି ତଳକୁ ଖସିଯାଆନ୍ତି ତେବେ ସେହି ନିଜ ଲୋକମାନେ ହିଁ ତାଙ୍କୁ ଅଳିଆ



ଗଦାରେ ପକାଇ ଦିଅନ୍ତି । ସେଇଥିପାଇଁ ତ ବଡ଼ବଡ଼ିଆ ମାନଙ୍କର ଆଦର ସମ୍ମାନ ମିଳେ ସମାଜରେ । ଆଉ ଗରିବ ଚିର ଅବହେଳିତ ।

ରତୁସେନଙ୍କ ଘରେ ଅତିଥି ହେବା ଅବସରରେ ମୋତେ ବହୁତ ଆଦର, ଯତ୍ନ, ସ୍ନେହ-ମମତା ମିଳିଥିଲା । ବିଶେଷକରି ପଦ୍ମାଙ୍କ ସାନ୍ନିଧ୍ୟ ମୋତେ ବେଶି ଅନ୍ତରଂଗ କରିଥିଲା । ମୋତେ ଲାଗୁଥିଲା ଆମ ଦୁହିଁଙ୍କ ସଂପର୍କ ଯେମିତି କେଉଁକାଳରୁ ବନ୍ଧା ହୋଇଛି । ପଦ୍ମା, ଗିରି ନିର୍ଝରିଣୀଟି ଭଳି ଚଳଚଞ୍ଚଳ, ଲଜ୍ଜାଶୀଳା ନାରୀଟିଏ । ଖୋଲାଖୋଲି ସେ କିଛି ପ୍ରକାଶ କରୁ କି ନକରୁ, ମୁଁ କିନ୍ତୁ ତାର ଚାଲିଚଳଣରୁ ସବୁ ବୁଝି ପାରୁଥିଲି । ମୋର ନାନାବିଧ ସୁବିଧା ଅସୁବିଧା ବୁଝିବା ନିମିତ୍ତ ସତେଯେମିତି ତାକୁ ହିଁ ନିଯୁକ୍ତି ମିଳିଥିଲା । ତାର ଆଚରଣ ବାସ୍ତବରେ ଖୁବ୍ ବିଚିତ୍ର ଲାଗୁଥିଲା ମୋତେ । ମୋ କକ୍ଷ ମଧ୍ୟରେ ତାର ଯିବା ଆସିବା ମଧ୍ୟରେ ସତେଯେମିତି ଫୁଲର ପାଖୁଡ଼ା ଝଡ଼ି ପଡୁଥିଲା । ଆଉ ସେହି ସୁରଭିକୁ ଆଘ୍ରାଣକରି ମୁଁ ଦୁର୍ବଳ ହୋଇ ପଡୁଥିଲି। ଭାବୁଥିଲି ମୋର ବୀରତ୍ୱ, ବଳ, ସାହସ ଗଲା କୁଆଡ଼େ ? ଯେଉଁ ବୀରତ୍ୱକୁ ନେଇ ମୋର ଏତେ ଅଭିମାନ, ଯେଉଁ ଶକ୍ତି ସଂଗ୍ରହ କରିବାପାଇଁ ଏତେ କଷଣ ସହିଆସିଛି, ସେସବୁ କ'ଣ ସାମାନ୍ୟ ଦୁର୍ବଳା ରମଣୀ ପାଖରେ ହାର ମାନିଯିବ । ସତରେ କ'ଣ ପଦ୍ମା ମୋ ନିଭୃତ ହୃଦୟରେ କିଛି ସ୍ଥାନ ଦଖଲ କରିନେଇଛି । କେଜାଣି କାହିଁକି, ମୁଁ ନିଜକୁ ସ୍ଥିର କରିପାରୁ ନଥାଏ। ନିଜକୁ ଯେତେ ଯେତେ ପ୍ରଶ୍ନ ପଚାରିଲେ ମଧ୍ୟ କିଛି ଉତ୍ତର ପାଉ ନଥାଏ।

ମାମୁଘର ଗାଁରେ ଦୁଇଦିନର ଅତିଥି ହେବାର ଉଦ୍ଦେଶ୍ୟ ନେଇ ଆସିଥିଲି । ଅଥଚ ବେଶ୍ କିଛିଦିନ ଅଟକିଗଲି । ପ୍ରତିଟି ଦିନ ଯେମିତି ମୋ ପାଇଁ ଥିଲା ସ୍ମୃତିର ଦିନ, ସୁଖଦ ମୁହୂର୍ତ୍ତ । ଛୋଟଛୋଟ ଘଟଣା ମଧ୍ୟରେ ମୋତେ ଯେ ହସ୍ତିନାପୁର ଖୁବ୍ ଶୀଘ୍ର ଫେରିଯିବାକୁ ପଡ଼ିବ, ତାହା ମଧ୍ୟ ମୁଁ ଭୁଲି ଯାଇଥିଲି ।

ଗଂଗାସ୍ନାନ ମୋର ନିତିଦିନିଆ ଅଭ୍ୟାସ । ଯେଉଁଠି ଥାଏ ନା କାହିଁକି ସେହି ଚିରାଚରିତ ଅଭ୍ୟାସରେ ମୋର କେବେ ପରିବର୍ତ୍ତନ ହୋଇନି, ସେଦିନ ବି ନଦୀସ୍ନାନ ପାଇଁ ତଟଦେଶକୁ ଯାଇଥିଲି । ଆକାଶରେ ସୂର୍ଯ୍ୟଦେବଙ୍କ ପ୍ରତିମୂର୍ତ୍ତି ବିମ୍ବିତ ହେଉଥିଲା । ମୋ ମନରେ କିଛି ଅତୀତର ସ୍ମୃତି ଭାସି ଉଠୁଥିଲା । ମନେ ପଡ଼ିଯାଉଥିଲା ହସ୍ତିନାପୁରର ଦାର୍ଶନିକ ବନ୍ଧୁ ଅଶ୍ୱତ୍ଥାମାଙ୍କ କଥା । ଯିଏ ସବୁବେଳେ କହୁଥିଲେ ପ୍ରତିଟି ମଣିଷ କେଉଁଠୁ ଆସେ ପୁଣି କେଉଁଠିକୁ ଯାଏ, ତାହା କାହାରିକୁ ଜଣା ନାହିଁ । ଏକ ପରମେଶ୍ୱରଙ୍କ ଭିନ୍ନଭିନ୍ନ ରୂପନେଇ ଏମାନେ ସଂସାର ମଧ୍ୟରେ ଆତଯାତ ହେଉଥାନ୍ତି । ଖାଲି ମଣିଷ ନୁହଁନ୍ତି, ସୃଷ୍ଟିର ସମସ୍ତ ଜୀବ ଓ ଜଡ଼ ମଧ୍ୟରେ ସେଇ ଏକ ପରମେଶ୍ୱରଙ୍କ ସତ୍ତା ହିଁ ବିଦ୍ୟମାନ । ଏସବୁ ଜାଣି ମଧ୍ୟ ମଣିଷ ଭୁଲ୍ କରେ । ତାର ଏକମାତ୍ର କାରଣ ନିଜକୁ ସେ ଅନ୍ୟମାନଙ୍କ ଠାରୁ ପୃଥକ ବୋଲି ଭାବେ। ଅନ୍ୟର ସିଦ୍ଧି, ଯଶ, ପ୍ରତିଷ୍ଠାକୁ ଈର୍ଷା କରେ । ଠିକ୍ ଯେମିତି କୌରବମାନେ ପାଣ୍ଡବମାନଙ୍କୁ ଈର୍ଷା କରୁଛନ୍ତି ।

ବାସ୍ତବରେ ବନ୍ଧୁ ଅଶ୍ୱତ୍ଥାମାଙ୍କ ଭଳି ମୋର ଏତେ ଶାସ୍ତ୍ରଜ୍ଞାନ ନାହିଁ । କଥାକଥାରେ ସେ ବେଦରୁ ଅନେକ ଉଦାହରଣ ଦେଇ ମୋ ମନର ସଂଶୟକୁ ଦୂର କରନ୍ତି । ମୁଁ କିନ୍ତୁ ତାଙ୍କର ଦାର୍ଶନିକ ତତ୍ତ୍ୱ ବୁଝି ବି ବୁଝିପାରେନା । ମୁଁ ଯେବେ ଏକାନ୍ତରେ ନିଜ ଜନ୍ମଜାତକକୁ ନେଇ ଦୁଃଖ କରେ । ବନ୍ଧୁ ଅଶ୍ୱ ।ମା ହିଁ ମୋତେ ଆଶ୍ୱାସନା ଦେଇ କହନ୍ତି, ତୁମେ ନୀଚକୁଳରେ ଜନ୍ମ ନେଇଛ ବୋଲି ନିଜକୁ ଛୋଟ ବୋଲି ଭାବୁଛ କାହିଁକି ? ଥରେ ନିଜ ଶରୀରକୁ ଅନାଇ ଦେଖ । ତୁମ ଦେହରେ ଯେଉଁ କବଚ କୁଣ୍ଡଳ ଅଛି ତାହାହିଁ ତ ତେଜସ୍ୱୀ କୁଳର ପ୍ରମାଣ । ତୁମେ ବହୁତ କିଛି କରିପାରିବ କର୍ଣ୍ଣ । ଭବିଷ୍ୟତରେ ଯଶସ୍ୱୀ ହେବ।

ସେଦିନ ନଦୀତଟରେ ପଦଚାରଣ କରୁଥିବା ସମୟରେ ମୋ ମନରେ ବନ୍ଧୁ ଅଶ୍ୱତ୍ଥାମାଙ୍କ କଥାଗୁଡ଼ିକ ଉଦ୍‌ବେଳନ ସୃଷ୍ଟି କରୁଥିଲା । ମୋର ଯେମିତି ମନେ ହେଉଥିଲା ଏଠି ମୁଁ ଅଶ୍ୱତ୍ଥାମାଙ୍କ ପ୍ରଦର୍ଶିତ ପଥରୁ ବିଚ୍ୟୁତ ହୋଇଯାଇଛି । ଲକ୍ଷ୍ୟହୀନ ଭାବେ ଘୂରିବୁଲୁଛି । କକ୍ଷଚ୍ୟୁତ ଗ୍ରହଟି ଭଳି ଛାଡ଼ିଦେଇଛି ମୋ ଚିରାଚରିତ ପଥଟିକୁ । ଆଜି ପୁଣି ବିଦେଘପ୍ରସ୍ଥରେ ଦୁର୍ବଳା ରମଣୀଟିର ପଣତ ତଳେ ମୁହଁ ଲୁଚାଇବାର ଅପଚେଷ୍ଟା କରୁଛି।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

---

## ସମ୍ପର୍କର ରଙ୍ଗ

# ଭଲ ଲାଗିବା, ଭଲପାଇବା, ପ୍ରେମ ନୁହେଁ

**ଶ୍ୱେତା ରାଉତ୍**



ଆମେମାନେ ସବୁବେଳେ ଏହି ବାକ୍ୟଟି (ମୁଁ ତୁମକୁ ଭଲପାଏ) ପ୍ରେମରେ, ଶ୍ରଦ୍ଧାରେ ବ୍ୟବହାର କରିଥାନ୍ତି। ଆଜି ଏହି ବାକ୍ୟକୁ ନେଇ ପିଲାମାନଙ୍କ ପାଇଁ କିଛି କହିବାର ଅଛି। ଆମ ପିଲାମାନେ କିଶୋରାବସ୍ଥାରୁ ଯୁବାବସ୍ଥା ଯାଏ ପ୍ରାୟତ ଏକ ଭ୍ରମକୁ ପ୍ରେମ ଭାବିଥାନ୍ତି। ପ୍ରତ୍ୟେକ କିଶୋରମାନଙ୍କ ବାପା ମାଆ ମନଭିତରେ ଏକ ଭୟ ପାଳୁଥାନ୍ତି 'ଆମ ପିଲା କୋଉଠି ଭୁଲ୍ ରାସ୍ତାରେ ପଡିଯାଉନି ତ ?' ଆମେମାନେ ସେଥିପାଇଁ ପିଲାଙ୍କୁ ମୋବାଇଲ ଦିଅନ୍ତିନି, ବାହାରକୁ ଏକା ଛାଡନ୍ତିନି, ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଗଲେ ବାରମ୍ବାର ଫୋନ୍ କରନ୍ତି, ଶୀଘ୍ର ସ୍କୁଲ ବା କଲେଜରୁ ନଫେରିଲେ ବ୍ୟସ୍ତ ହୋଇପଡନ୍ତି। ଆମେ ଭାବିଥାନ୍ତି ପିଲାମାନଙ୍କ ଉପରେ ଆମେ ଖୁବ୍ ସତର୍କରେ ନଜର ରଖିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ପିଲାମାନେ ପ୍ରେମରେ ପଡନ୍ତି, ଭୁଲ୍ ବାଟକୁ ଯାଆନ୍ତି। ଆମେ ଭୁଲ୍ ଦେଖି ପାରନ୍ତିନି, ଜାଣି ପାରନ୍ତିନି,ଏହାର ଅର୍ଥ ନୁହେଁ ପିଲାଟି ଭୁଲ୍ କରେନି। ଏଥିରେ ଅବଶ୍ୟ ପିଲାର ଦୋଷ ନଥାଏ, ଦୋଷଥାଏ ଆମ ମାନଙ୍କର। ଆମେ ହିଁ ତାକୁ ଶିଖାଇନଥାନ୍ତି, ପ୍ରେମ ଆଉ ଭ୍ରମର ଫରକ, ଭଲଲାଗିବା ଓ ଭଲପାଇବାର ସଂଜ୍ଞା।

ଅନେକ ସ୍ଥାନରେ ପିଲାମାନଙ୍କ କିଶୋରାବସ୍ଥାରେ ସେମାନଙ୍କୁ ପ୍ରେମ, ଆକର୍ଷଣର କଥା ବୁଝାଇବାକୁ ବାପା ମାଆ ସଙ୍କୋଚବୋଧ କରନ୍ତି ଅଥବା ଅସଂସ୍କାର କହିଥାନ୍ତି। ଆମେ ଯଦି ଆମ ପିଲାଙ୍କୁ ଜୀବନର ପ୍ରତିକ୍ଷଣ ସ୍ନେହ, ପ୍ରେମ, ମୋହ, ସମ୍ବେଦନର ସଂଜ୍ଞା ଉପରେ ଜ୍ଞାନ ନଦେବା, ଧ୍ୟାନ ନଦେବା, ସେମାନେ ଶିଖିବେ କୋଉଠୁ ଏବଂ ସଚେତନ ହେବେ କେମିତି ? ସେମାନେ ମୋବାଇଲ ୟୁଟ୍ୟୁବରେ ଯାହା ଦେଖିବେ ତାହାହିଁ ଠିକ୍ ମାନିନେବେ। ଫିଲ୍ମ ଦେଖି ଦେଖି ଅଭିନୟକୁ ଜୀବନ, ଜୀବନକୁ ଅଭିନୟ ମାନିନେବେ। ଯେତେବେଳେ ଆମେ କିଛି ନକହିଲେ ବି ପିଲାମାନେ ସବୁ ଜାଣୁଛନ୍ତି ଏବଂ ପ୍ରେମରେ ପଡୁଛନ୍ତି, ତେବେ ସେମାନଙ୍କୁ ପ୍ରେମ ଉପରେ ବୋଧଜ୍ଞାନ ଦେବାରେ ଅସୁବିଧା କୋଉଠି ? ଆମେ କିନ୍ତୁ ପିଲାଙ୍କୁ ଶିକ୍ଷା କମ୍ ଦିଅନ୍ତି, ସନ୍ଦେହ, ଭୟ, ଆଶଙ୍କା ଭଳି ନକରାତ୍ମକ ଉର୍ଜା ଅଧିକ ପରିମାଣରେ ସେମାନଙ୍କୁ ରେଡିଏଟ୍ (ପ୍ରଭାବିତ)କରନ୍ତି। ଯେଉଁଥିପାଇଁ ପିଲାମାନଙ୍କର ସକାରାତ୍ମକ ଉର୍ଜା କମିଥାଏ ଓ ନକରାତ୍ମକ ଉର୍ଜା ବଢିଥାଏ।

ଆପଣମାନେ ନିଜ ପିଲା ବିଷୟରେ ଯେତେ ଚିନ୍ତା କରୁଛନ୍ତି, ଆଶଙ୍କା କରୁଛନ୍ତି, ସେତେବେଶୀ ଭୁଲ୍ ଦିଗ ସହିତ ପିଲାକୁ ଭିଜୁଆଲ କରୁଛନ୍ତି 'ମୋ ପିଲା ଖରାପ ହେବନି ତ, କାହା ପ୍ରେମରେ ପଡି ବରବାଦ ହେବନି ତ!' ଏଭଳି ନକରାତ୍ମକ ଭାବନାର ପ୍ରଭାବ ମଧ୍ୟ ଆପଣଙ୍କ ପିଲାକୁ ପ୍ରଭାବିତ କରିବ। ତେଣୁ ଅଧିକ ନଭାବି ପିଲା ସହିତ ଅଧିକ ଏ ବିଷୟରେ କଥା ହୋଇ ପ୍ରେମ ଆଉ ଭ୍ରମର ଫରକ ବୁଝାନ୍ତୁ। ଆପଣ ଯଦି ନିଜ ପିଲା ସହିତ ମୁକ୍ତ ଭାବରେ କଥା ନହେବେ, ନିଶ୍ଚିତଭାବେ ସେ ସାଙ୍ଗସାଥି ଓ ଅନ୍ୟମାନଙ୍କ ସହିତ ଏ ବିଷୟରେ କଥାହେବ ଏବଂ ଜରୁରୀ ନୁହେଁ ସାଙ୍ଗମାନେ ତାକୁ ଭଲବୁଦ୍ଧି ଦେଇ ଭଲବାଟରେ ରଖିପାରିବେ। କିଛି ଅସାମାଜିକ ପିଲାଙ୍କ ସଂସ୍ପର୍ଶରେ ଆସି ଆପଣଙ୍କ ପିଲା ଆହୁରି ଖରାପ ହୋଇପାରେ। କିଶୋରାବସ୍ଥାରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ହେବା, ମନ ଚଞ୍ଚଳ ହେବା, ଆମୋଦପ୍ରମୋଦର ବିଚାର ଆସିବା ଏବଂ କେହି ବିରୋଧ କଲେ ଚିଡିଚିଡା ହେବା, ଭୁଲ୍ ବୁଝିବା, ରାଗିବା ଭଳି ବ୍ୟବହାର ପିଲାମାନଙ୍କ ଭିତରେ ରହିବା ପ୍ରାକୃତିକ ଭାବେ ସାଧାରଣ କଥା। ପିଲାଟିଏ ସିନା ନାବାଳକ ଥାଏ ବୁଝିପାରେନି ଭୁଲ୍ ଠିକ୍ କ'ଣ! କିନ୍ତୁ ଆପଣମାନେ ତ ପରିପକ୍ୱ। ତେଣୁ ନିଜର ବୁଦ୍ଧି, ବାତ୍ସଲ୍ୟ, ଗ୍ରହଣୀୟତା ନେଇ ନିଜ ପିଲା ସହିତ ମୁକ୍ତ ଭାବରେ ଏ ବିଷୟରେ କଥା ହୁଅନ୍ତୁ। ଭଲଲାଗିବା ଓ ଭଲପାଇବାର ଫରକ ବୁଝାନ୍ତୁ। ଆମ ପିଲାମାନଙ୍କ ବନ୍ଧୁ ହୋଇ ସେମାନଙ୍କୁ ସଚେତନ କରିବା ଆମର କର୍ତ୍ତବ୍ୟ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦

---

## ଶରୀର ବୃକ୍ଷ...

**ସ୍ନିଗ୍ଧା ସାମନ୍ତରାୟ**



ସଂସାର ମଧ୍ୟରେ ଶରୀର ବୃକ୍ଷଟି
ପ୍ରଭୁ ଯେ ବିରାଜମାନ
ସେହି ବୃକ୍ଷରେ ପ୍ରକାଶେ ଗୁଣମାନ
ସୃଷ୍ଟିଧରଙ୍କ ଭିଆଣ ।

ଏକଇ ବୃକ୍ଷରେ ବେନି ଫଳ ଥାଇ
ତିନି ମୂଳେ ମଧୁ ରସ
ପଞ୍ଚ ଶିକଡ଼ ତଳେ ଗଣ୍ଡି ରହିଛି
ସୂକ୍ଷ୍ମରେ ଆତ୍ମା ନିବାସ ।

ସାତ ବକଳ ଦେହେ ଜଡି ଅଛନ୍ତି
ଅଷ୍ଟମ ଡାଳକୁ ବେଢ଼ି
ନବ ଦ୍ୱାର ଛିଦ୍ର ତାମଧେ ରହିଛି
ନରକ ନାମକୁ ଜଡି ।

ଦଶ ପତ୍ର ହୋଇ ଅଛି ଯେ ବିସ୍ତାର
ଦୁଇ ପକ୍ଷୀ ବାସ ଘର
ସର୍ବଦା ବୃକ୍ଷକୁ ଦେଖୁଥାନ୍ତି ବସି
ଭାବ ପ୍ରଦାନ ତାଙ୍କର ।

ସଂସାର ବୃକ୍ଷର ଫଳତ ଦୁଇଟି
ସୁଖ ଦୁଃଖ ନାମ ତାର
ସତ୍ତ୍ୱ ରଜ ତମ ଗୁଣଟି ଧାରଣ
ଦୃଶ୍ୟତ ଜୀବ ଅନ୍ତର ।

ଧର୍ମ ଅର୍ଥ କାମ ମୋକ୍ଷ ଚାରି ନାମ
ମହାଭାବରେ ପ୍ରମାଣ
ଶବ୍ଦ ରୂପ ରସ ଗନ୍ଧ ସ୍ପର୍ଶ ନାମେ
ଇନ୍ଦ୍ରିୟ ମାନଙ୍କ କାମ ।

ଅସ୍ଥି ମଜ୍ଜା ମାଂସ ମେଦ ଚର୍ମ ରହି
ବକଳ ମଧ୍ୟରେ ଥାଇ
ମନ ବୁଦ୍ଧି ଅହଂକାର ଦ୍ୱେଷ ଯୁକ୍ତ
ବୃକ୍ଷ ଦେହେ ଶୋଭା ପାଇ ।

+ଚୁନଭାଟି, ଗୋପାଳଗାଁ,
ବାଲେଶ୍ୱର

---

# ଆଜିର କବିତା

## ତୁମେ...

**ଡଃ ମାଙ୍ଗଳିକା ମହାପାତ୍ର**



ତୁମେ କାହିଁକି ଏମିତି ଆସ ..
କିଏ ବା ତୁମକୁ ଭଲ ପାଏ
କିଏ ବା ତୁମକୁ ପାଖରେ ଚାହେଁ
ଅଶ୍ରୁ ବୁନ୍ଦା ଯେତେ ତୁମ ସାଥେ
ସୁଖ ତୁମଠାରୁ ଦୂରରେ ରୁହେ ..
କିଏ ବା ତୁମ ବନ୍ଧୁ ତ କୁହ ..!!!

କାହା ପାଇଁ ତୁମେ ଲୋଡା ନୁହଁ
କାହିଁକି ତୁମେ କାହାର
ଭାଗ୍ୟରେ ଲେଖା ଥାଅ ..!!!

ତୁମେ କାହାର ସାଥି ନୁହଁ
କିଏ ତୁମ ଆପଣାର କୁହ
ଘୃଣା, ଅପବାଦର ଚର୍ଚ୍ଚା ପରେ
କେମିତି ତୁମେ ରହିପାର

ଫେରିଯାଅ ଦୁନିଆକୁ ତୁମର
ଆମକୁ ଶାନ୍ତିରେ ରହିବାକୁ ଦିଅ
ଲୋଭ, ଆଶା, ମାୟା, ମୋହ
କାହିଁକି ରଖିଛ କୁହ ..!!

ତୁମେ ନ ରହିଲେ ଦୁନିଆରେ
କ'ଣ ଦିନରାତି ବନ୍ଦ ହେଇଯିବ
ଦୟାକରି ସଭିଙ୍କଠୁ ଦୂରେଇ ଯାଅ

+ରେଭେନ୍‌ସା ବିଶ୍ୱବିଦ୍ୟାଳୟ

## ଶବ୍ଦ ତୁମେ ରହସ୍ୟମୟୀ...

**ରଶ୍ମୀବାଳା ଶତପଥୀ**

କିଛି ଶବ୍ଦ ଲେଖି ହୋଇଯାଏ
କିଛି ଭାବନା ମନକୁ ଛୁଇଁ ଯାଏ
ଆଉ କିଛି ହୃଦୟରେ ଥାଏ,
ନେଇଆସେ ମନେ ନୂଆ ସମ୍ଭାର
କିଏ ତୁମେ ରହସ୍ୟମୟୀ ଅପାର..!

କିଛି କିଛି ଶବ୍ଦ କଷ୍ଟ ଦିଏ
ଆଉ କିଛି ଯନ୍ତ୍ରଣାର ତୃଷ୍ଣା ମେଣ୍ଟାଏ
କାହିଁକି କେଜାଣି ଭୟ ଦେଖାଏ,
ଭୀତତ୍ରସ୍ତ କରିଦିଏ ସତେ
ଯେବେ କିଛିକ୍ଷଣ
ନିରୋଳାରେ ରହିଥାଏ...!

ଭିନ୍ନ ଭିନ୍ନ ଛବି ଆଙ୍କେ
ମନର ସ୍ୱଚ୍ଛ କାଗଜରେ
ଇନ୍ଦ୍ରଧନୁ ରଙ୍ଗର ତୂଳୀ ଧରି
କେତେ କଣ ଆଙ୍କେ ସାଗରର ତରଙ୍ଗ ପରି,
ଭାରି ଫୁଲେଇ ଜହ୍ନଟିଏ ହୋଇ
ସେ ତ ଶବ୍ଦ ରହସ୍ୟମୟୀ...!

ଅପୂର୍ବ ଲହରୀର ସମାହାର
ରୋମାଞ୍ଚକ ଉଦ୍ଦୀପନାର ସ୍ୱର
ଭାରି ସେ ଅଳସୀ ରୂପବତୀ
ଲେଖନୀର ପ୍ରେୟସୀ,
କ୍ଷଣକରେ ଖୁସିର ପର ଝାଡି
ଫୁର୍ କିଣା ଉଡିଯାଏ
ସେ ତ ଶବ୍ଦ ରହସ୍ୟମୟୀ.....!!

ସମସ୍ତେ ଧରିବାକୁ ଚେଷ୍ଟା କରନ୍ତି
ଯିଏ ଆବେଗ ଦିଏ ସେଠି ସେ ରହିଯାଏ
ବାକି ସବୁ ହତବାକ୍ ହେଇ ଯାଆନ୍ତି,
ଏହି ସେ ଶବ୍ଦ ରହସ୍ୟମୟୀ
ପାଇବାକୁ ଚେଷ୍ଟା କରି ଚାଲନ୍ତି......!!

ସ୍ୱପ୍ନ ସେ ଦେଖାଏ
ନିତି ଆମ ପାଖରେ ଥାଏ
ଜିହ୍ୱା ଦ୍ୱାରା ନିୟନ୍ତ୍ରଣ ହୁଏ,
କିନ୍ତୁ ନିଜକୁ ସ୍ୱାଧୀନ କରି ରଖିଥାଏ
ଜୀବନର ପ୍ରିତିଟି ଘଟଣାରେ ରହିଥାଏ
ପ୍ରତିବିମ୍ବର ଛାୟା ହୋଇ......
ସେ ତ ଶବ୍ଦ ରହସ୍ୟମୟୀ.....!!

ଯାଜପୁର ଟାଉନ୍, ଯାଜପୁର

# ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପ୍ରତିବାଦରେ ବିଜେପିର ବିକ୍ଷୋଭ

## ସ୍ୱତନ୍ତ୍ର ଯୋଜନା କରି ଡେଙ୍ଗୁକୁ ଯୁଦ୍ଧକାଳୀନ ଭିତ୍ତିରେ ନିୟନ୍ତ୍ରଣ କରୁ ବିଏମସି

ଭୁବନେଶ୍ୱର,୨୭/୭ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ରାଜଧାନୀରେ ୩୯୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି । ପ୍ରତିଦିନ ୩୦ରୁ ୪୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ରାଜଧାନୀରେ ଡେଙ୍ଗୁକୁ ନିୟନ୍ତ୍ରଣ କରିବା ଦାବିରେ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଶୈଳଶ୍ରୀବିହାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜଧାନୀବାସୀ କେତେ ଦିନ ଯାଏଁ ଡେଙ୍ଗୁରେ ଶିକାର ହେବେ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ବିଏମସିକୁ ପ୍ରଶ୍ନ କରିଛନ୍ତି । ଶ୍ରୀ ସିଂ କହିଛନ୍ତି ଯେ, ରାଜଧାନୀ ବାସିନ୍ଦାଙ୍କୁ ସବୁ ପ୍ରକାର ସୁବିଧା ଦେବା ପାଇଁ ବିଏମସି ପ୍ରତିଶୃତି ବଦ୍ଧ ହେବା ଦରକାର । କିନ୍ତୁ ବିଏମସି ନିଜ କର୍ତବ୍ୟ ସଂପାଦନ କରିବାରେ ବିଫଳ ହୋଇଛି । ମହାମାରୀ କରୋନା ସମୟରେ ଯେପରି ବିଏମସି ଫେଲ୍ ମାରିଥିଲା ଏବେ ଡେଙ୍ଗୁ ଜ୍ୱରକୁ ନିୟନ୍ତ୍ରଣ କରିବାରେ ସମାନ ସ୍ଥିତି ଦେଖାଦେଇଛି । ସ୍ମାର୍ଟ ସିଟି ଅର୍ଥକୁ ହରି ଲୁଟ୍ କରାଯାଇଛି । ଭୁବନେଶ୍ୱର ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଡ୍ରେନେଜ ସଫା କରିବା, ରାସ୍ତାଘାଟ ମରାମତି କରିବା ଦିଗରେ ବିଏମସି ସଂପୂର୍ଣ୍ଣଭାବେ ଚୁପ୍ ରହିଛି । ବିଭିନ୍ନ ପୁରୁଣା ଗାଡି ଗ୍ୟାରେଜରେ ଥିବା ଟାୟାର, ଫୁଲକୁଣ୍ଡ, ପଇଡ ଖୋଲ ଭିତରେ ପାଣି ଜମି ରହୁଥିବାରୁ ସେ ସ୍ଥାନଗୁଡିକରେ ମଶାଙ୍କର ବଂଶ ବୃଦ୍ଧି ହେଉଛି ଏବଂ ଡେଙ୍ଗୁ ରୋଗ ବ୍ୟାପୁଛି । ସେହି ସ୍ଥାନ ଗୁଡିକୁ ବିଏମସି ଚିହ୍ନଟ କରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଦରକାର । ବିଏମସି ରାଜଧାନୀ ବାସୀଙ୍କୁ ନିଜ ମୌଳିକ ଅଧିକାରରୁ ବଂଚିତ ନକରି ଡେଙ୍ଗୁ ପାଇଁ ଏକ ଯୋଜନା ପ୍ରସ୍ତୁତ କରି ପାଣିକୁ ସଫା କରିବା, ଲୋକଙ୍କୁ ମଶାରୀ ବଂଟନ କରିବା, ଡ୍ରେନମାନଙ୍କରେ ମଶା ମରା ତେଲ ପକାଇବା ଆଦି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବାକୁ ଶ୍ରୀ ସିଂହ ଦାବି କରିଛନ୍ତି । ଏହି ବିକ୍ଷୋଭ ସମୟରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଜିଲ୍ଲା ଉପସଭାନେତ୍ରୀ ମାନସୀ ରାୟ, ସବିତା ପଟ୍ଟନାୟକଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ମିଶନ ଶକ୍ତି ପାଇଁ ରାଡାରରେ ସବୁ ବିଭାଗ : ସଚିବମାନଙ୍କ ଅଡୁଆ ବଢ଼ିଲା

ଭୁବନେଶ୍ୱର,୨୭/୭ (ନି.ପ୍ର) : ରାଜ୍ୟ ସରକାରଙ୍କ 'ମିଶନ ଶକ୍ତି ବିଭାଗ' ପାଇଁ ଆଜି ଅନ୍ୟ ସବୁ ବିଭାଗର ସଚିବମାନଙ୍କ ନିଦ ହଜିଯାଇଛି । ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଗୁଡ଼ିକୁ କେଉଁ ସରକାରୀ ବିଭାଗ କେତେ ଟଙ୍କାର କାମ ଦେଇଛି ଓ ଆଗକୁ କେତେ ଟଙ୍କାର କାର୍ଯ୍ୟାଦେଶ ଦେବାକୁ ଲକ୍ଷ୍ୟ ରଖିଛି ତା'ର ବିସ୍ତୃତ ତଥ୍ୟ ସହ ଆକ୍ସନ୍ ପ୍ଲାନ୍ ଦେବାକୁ ସବୁ ବିଭାଗର ସଚିବମାନଙ୍କୁ ଆଜି ନିର୍ଦ୍ଦେଶ ଦିଆଯାଇଛି ତଥା ମୁଖ୍ୟ ସଚିବ ଆସନ୍ତାକାଲି ଏସବୁର ସମୀକ୍ଷା କରିବେ ବୋଲି କୁହାଯିବା ପରେ ବିଭାଗଗୁଡ଼ିକ ଅଡୁଆରେ ପଡ଼ିଛନ୍ତି । ଆସନ୍ତାକାଲି ମୁଖ୍ୟ ସଚିବଙ୍କ ଏଭଳି ଅଚାନକ ସମୀକ୍ଷା ବୈଠକରେ ତଥ୍ୟ ସହ ଉପସ୍ଥିତ ରହିବାକୁ ସଚିବମାନଙ୍କୁ ତାଗିଦ୍ ମଧ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଆସନ୍ତାକାଲି ଅପରାହ୍ନ ୫ଟାରେ ଭର୍ଚୁଆଲ ପ୍ଲାଟଫର୍ମରେ ସବୁ ବିଭାଗର ସଚିବମାନଙ୍କ ସହ ସମୀକ୍ଷା ବୈଠକ କରିବେ । ଏହି ବୈଠକରେ କେବଳ ମହିଳା ଏସଏଚଜିଗୁଡ଼ିକୁ କେତେ ଟଙ୍କାର ବ୍ୟବସାୟ ବିଭାଗଗୁଡ଼ିକ ଦେଇଛନ୍ତି ତା'ଉପରେ ବିସ୍ତୃତ ଆଲୋଚନା ହେବା ସହ ଭବିଷ୍ୟତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ବିଭାଗଗୁଡ଼ିକ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କାର ବ୍ୟବସାୟ ମହିଳା ଏସଏଚଜିଙ୍କୁ ଦେଇଛନ୍ତି ଓ ଆଉ କ'ଣ ଆକ୍ସନପ୍ଲାନ୍ ପ୍ରସ୍ତୁତ କରିଛନ୍ତି ତାହା ପ୍ରସ୍ତୁତ ରଖି ଆସନ୍ତାକାଲିର ବୈଠକରେ ଉପସ୍ଥାପନ କରିବାକୁ ସମସ୍ତ ବିଭାଗୀୟ ସଚିବଙ୍କୁ ଆଜି ତାଗିଦ୍ କରାଯାଇଛି । ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଡିକେ ଜେନା ଏନେଇ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବ, ସ୍ୱତନ୍ତ୍ର ସଚିବ ଓ ରିଲିଫ କମିଶନରଙ୍କୁ ଚିଠି ଲେଖି ସୋମବାର(ଆଜି) ଅବଗତ କରିଛନ୍ତି ।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ପରେ ମହିଳା ଏସଏଚଜିଗୁଡ଼ିକ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ୫ବର୍ଷରେ ୫ହଜାର କୋଟି ଟଙ୍କା ବ୍ୟବସାୟିକ କାରବାର କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ତେବେ ଗତ ଦୁଇବର୍ଷ ମଧ୍ୟରେ ମିଶନ ଶକ୍ତିର ମହିଳା ଏସଏଚଜିଗୁଡ଼ିକଠୁ ୨୮୦୦କୋଟି ଟଙ୍କାର ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରାଯାଇଛି ବୋଲି ମିଶନ ଶକ୍ତି ବିଭାଗ ସୂଚନା ଦେଇଛି ।

# ରାଜ୍ୟରେ ପ୍ରାଣୀ ସଂପଦ ଚିକିତ୍ସା ପାଇଁ ଟେଲି-ମେଡିସିନ୍ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର,୨୭/୭ (ନି.ପ୍ର): ବି.କେ.ଏନ୍ ଦୁଟ ସଂଘର ଭ୍ରାମ୍ୟମାଣ ଗୋ-ଚିକିତ୍ସା ସେବା ଓ ଗୋଯତ୍ନ ସମ୍ବନ୍ଧୀୟ ଦୂରଭାଷ ପରାମର୍ଶ ସେବା କେନ୍ଦ୍ରର ଶୁଭ ଉଦ୍‌ଘାଟନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ ତ୍ରିପାଠୀଙ୍କ ଦ୍ୱାରା ହୋଇଯାଇଛି । ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଏହି ତିନୋଟି ଜିଲ୍ଲାକୁ ନେଇ ଏହି ଦୁଗ୍ଧ ସଂଘ ବି.କେ.ଏନ୍ ଗଠନ କରାଯାଇଛି ଏବଂ ଏହାର ମୁଖ୍ୟାଳୟ ବଲାଙ୍ଗୀରଠାରେ ରହିଛି । ଉଦ୍‌ଘାଟନ କାର୍ଯ୍ୟକ୍ରମ ସହିତ ବି.କେ.ଏନ୍ ଦୁଗ୍ଧ ସଂଘର 'ଗୋପାଳନ ମାଧ୍ୟମରେ ଗ୍ରାମାଂଚଳର ଦୁଗ୍ଧଚାଷୀଙ୍କ ସାମାଜିକ ଉତ୍‌ଥାନ ସମ୍ବନ୍ଧୀୟ କର୍ମଶାଳା' ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏହି ଅବସରରେ ୩ ଜଣ ପ୍ରାଣୀଚିକିତ୍ସକ ଡା. ଭବାନୀ ଶଙ୍କର ବେହେରା, ଡା. ସୁବ୍ରତ କୁମାର ରଥ ଓ ଡା. ପଲ୍ଲବୀ ପ୍ରିୟଦର୍ଶିନୀଙ୍କୁ ଗୋପାଳନ ବିକାଶ ଦିଗରେ ଅତୁଳନୀୟ ଅବଦାନ ପାଇଁ ଏବଂ ଜଣେ ଦୁଗ୍ଧଚାଷୀ ଶ୍ରୀ ସତ୍ୟନାରାୟଣ ବେହେରାଙ୍କୁ ଲଗାତାର ୩ ବର୍ଷ ଧରି ସର୍ବାଧିକ ଦୁଗ୍ଧ ଯୋଗାଣ କରିଥିବା ଯୋଗୁଁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବି.କେ.ଏନ୍ ଦୁଗ୍ଧ ସଂଘର ସମସ୍ତ ସମିତିର ସଂପାଦକ ଓ ହେଡ୍ ଲୋଡରମାନଙ୍କୁ ଜୀବନ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା । ତା'ଛଡ଼ା ଦୁଗ୍ଧ ସଂଘର ଦ୍ୱିତୀୟ ସଂସ୍କରଣର ସମାଚାର ଅତିଥିବୃନ୍ଦଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଦୁଗ୍ଧ ସଂଘରେ ବର୍ତମାନ ସୁଦ୍ଧା ୧୫ ହଜାର ଦୁଗ୍ଧଚାଷୀଙ୍କଠାରୁ ଦୈନିକ ୫୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଆଗକୁ ଯେପରି ଦୁଗ୍ଧ ସଂଘରେ ୩୦ ହଜାର ଦୁଟଚାଷୀ ଜଡ଼ିତ ହେବେ ସେ ଦିଗରେ ପ୍ରଚେଷ୍ଟା କରିବା ପାଇଁ ପ୍ରବର୍ତାଇଥିଲେ । ଏହି ଦୂରଭାଷ ପରାମର୍ଶ ସେବାର ବୈଷୟିକ ସହାୟତା ଓଡ଼ିଶା ଇନ୍‌ଫୋଟେକ୍ ସଂସ୍ଥା ସହାୟତାରେ କରାଯାଇଛି । ପୂର୍ବରୁ ଶ୍ରୀ ତ୍ରିପାଠୀ ଜିଲ୍ଲାପାଳଙ୍କ ସହ ବଲାଙ୍ଗୀର ସହରସ୍ଥିତ ମହାରାଣୀ ସାଗର, କରଙ୍ଗାକଟା, ଇନ୍‌ଡୋର ଷ୍ଟାଡିୟମ୍, ଏଲ୍ ଏଣ୍ଡ ଏସ୍ କ୍ଲବ୍, ଗଟେ ସରୋବର ଏବଂ ମହାଲକ୍ଷ୍ମୀ ନଗରଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ଆଦି ବୁଲି ଦେଖିବା ସହ ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ଅନୁଧାନ କରିଥିଲେ ।

# ଓଡିଶା ନିର୍ମାଣ ନିଗମ ପ୍ରୋଜେକ୍ଟ ମ୍ୟାନେଜମେଂଟ ସିଷ୍ଟମ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୭/୭ (ନି.ପ୍ର): ଓଡିଶା ନିର୍ମାଣ ନିଗମ ଲି଼ଃ(ଓ.ସି.ସି.ଏଲ୍) ତରଫରୁ କରାଯାଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ଭଲ ଭାବରେ ତଦାରଖ କରି ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚମାନର କମ୍ପ୍ୟୁଟର ବ୍ୟବସ୍ଥାକୃତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥା (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ) ର ଶୁଭାରମ୍ଭ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଓସିସିଏଲ୍‌ର ଅଧକ୍ଷା ତଥା ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ନିଗମର ୨୭୫ ତମ ବୋର୍ଡ ଅଫ୍ ଡିରେକ୍ଟରର୍ସ( ନିର୍ଦ୍ଦେଶକ ମଣ୍ଡଳୀ) ବୈଠକରେ ଯୋଗଦାନ ଅବସରରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ନିଗମର ପରିଚାଳନାରେ ଥିବା ଉଚ୍ଚ କର୍ତୃପକ୍ଷମାନଙ୍କୁ ଏହି ସଫ୍ଟୱେର ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହିତ ଶେଷ କରିବା ପାଇଁ ଅଧିକ ଅନୁଧାନର ସହ ତଦାରଖ କରିବାରେ ସହାୟକ ହେବ । ଏଥି ସହିତ ଏହି ସଫ୍ଟୱେର ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ କାର୍ଯ୍ୟ ଦକ୍ଷତା, ଆର୍ଥିକ କାରବାର ଏବଂ ପ୍ରକଳ୍ପ ସ୍ତରରେ କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆଦି ସଂପର୍କରେ ସୂଚନା ପ୍ରଦାନ କରିବ ।http://pmis-occ.in ୱେବ୍ ସାଇଟ୍ ବ୍ୟବହାର କରି ଏହି ପ୍ରକଳ୍ପ ପରିଚାଳନା ସୂଚନା ବ୍ୟବସ୍ଥା ଉପଯୋଗ କରାଯାଇପାରିବ । ଓଡିଶା ସରକାରଙ୍କ ଏକ ଔଦ୍ୟୋଗିକ ସଂସ୍ଥା ଇଡ୍‌କଲ ସଫ୍ଟୱେର ଲିଃ. (ଆଇ.ଏସ୍.ଏଲ୍) ଦ୍ୱାରା ୬୬ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବିକଶିତ କରାଯାଇଛି । ଏହି ବ୍ୟବସ୍ଥାରେ ରଖାଯାଇଥିବା ତଥ୍ୟକୁ ଓସିସିଏଲ୍ ପରିଚାଳନା କର୍ତୃପକ୍ଷଙ୍କ ଦ୍ୱାରା ଯାଂଚ କରାଯାଇଥିବା ବେଳେ ଆଗାମୀ ଅଗଷ୍ଟ ମାସରୁ ପ୍ରକଳ୍ପସ୍ତରରୁ ଏବଂ ମୁଖ୍ୟ କାର୍ଯ୍ୟାଳୟର ବ୍ୟବହାରକାରୀଙ୍କୁ ଏହି ସଫ୍ଟୱେର ବ୍ୟବହାର ସଂପର୍କରେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ । ଏହି ୱେବ୍ ସାଇଟ୍‌ରେ ଥିବା ଡ୍ୟାସ୍‌ବୋର୍ଡ ବ୍ୟବହାର କରି ପ୍ରକଳ୍ପସ୍ତରରୁ ମାସିକ ପ୍ରଗତି ବିବରଣୀ, କାର୍ଯ୍ୟ ବାବଦକୁ ବିଲ୍ ପ୍ରଦାନ ଓ କାର୍ଯ୍ୟସ୍ଥିତି ସଂପର୍କରେ ତଥ୍ୟ ଉପ୍‌ନ୍ନ କରାଯାଇ ଅନ୍-ଲାଇନ୍ ଜରିଆରେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ସ୍ତରରେ ବ୍ୟବସ୍ଥିତ ହୋଇପାରିବ । ଓସିସିଏଲ୍‌ର ଅଧକ୍ଷା, ନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନେ ଡ୍ୟାସବୋର୍ଡ ବ୍ୟବହାର କରି ପ୍ରକଳ୍ପୱାରୀ ,ଜିଲ୍ଲା ୱାରୀ, ପ୍ରକଳ୍ପର ପ୍ରକାର ଭେଦ ଏବଂ ପ୍ରକଳ୍ପରୁ ଉପକୃତ ହେଉଥିବା ସେବାର୍ଥୀଙ୍କ ସଂପର୍କରେ ସ୍ଥିତି ଅନୁଧାନ ସହିତ ଧାର୍ଯ୍ୟ ଲକ୍ଷ୍ୟ-ଖର୍ଚ୍ଚ ପରିମାଣ ଗ୍ରାଫ୍‌ରୁ କେତେ କାର୍ଯ୍ୟ ହୋଇଛି, ସେ ସଂପର୍କରେ ଜାଣିପାରିବେ ।

ଏହି କାର୍ଯ୍ୟକ୍ରମରେ ବୋର୍ଡର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ୍ କୁମାର ସାମଲ, ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ, ଭିଜିଲାନ୍ସ ତଥା ଓସିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଇଂ, ଅସୀମ କୁମାର ମହାପାତ୍ର, ଓସିସିର ପରିଚାଳନା ନିର୍ଦ୍ଦେଶକ ଚିନ୍ମୟ ରାଉତ, ବୋର୍ଡ ଅଫ୍ ଡିରେକ୍ଟର୍ସର ଅନ୍ୟତମ ସଦସ୍ୟ ଦେବରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଲୋକମାନଙ୍କ ଯାତାୟାତ ଅଧିକ ରହୁଥିବାରୁ ଏଠି ସଂକ୍ରମଣ ଅଧିକ ରହୁଛି : ଡିଏମଇଟି

ଭୁବନେଶ୍ୱର,୨୭/୭ (ନି.ପ୍ର) : ରାଜ୍ୟରେ ସଂକ୍ରମଣ ତଳ ଉପର ହେଉଛି, ଯେଉଁଠି ଅଧିକ ରହୁଛି ସେଠି ଆମେ ଅଧିକ ଫୋକସ୍ ଦେଇ କମେଇବାକୁ ଚେଷ୍ଟା କରୁଛୁ ବୋଲି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି । ସେ କହିଛନ୍ତି, ଭୁବନେଶ୍ୱରରେ ଲୋକମାନଙ୍କ ଯାତାୟାତ ଅଧିକ ରହୁଥିବାରୁ ଏଠି ସଂକ୍ରମଣ ଅଧିକ ରହୁଛି । ତେଣୁ ଭୁବନେଶ୍ୱରରେ ଆମେ ସର୍ଭିଲାନ୍ସ ବଢ଼େଇଛୁ । ଆଶା କରିବା ଆଗକୁ ଏଠି ବି କମିବ ।ଡିଏମଇଟି ଆହୁରି ମଧ କହିଛନ୍ତି, ଆବଶ୍ୟକ ପଡ଼ିଲେ ସମ୍ପୂର୍ଣ୍ଣ ଅନଲକ୍ ହେବ । ଯଦି ସେମିତି ଆବଶ୍ୟକ ନ ହୁଏ ତେବେ ଅନଲକ ହେବ ନାହିଁ । ପରିସ୍ଥିତିକୁ ଆକଳନ କରି ନିଷ୍ପତ୍ତି ନିଆଯିବ ତରବରିଆ ନିଷ୍ପତ୍ତି ନେଲେ ଆମ ପାଇଁ ବିପଦ ସୃଷ୍ଟି ହେବ । ଦେଶରେ ଯଦି କେଉଁଠି ସଂକ୍ରମଣ ବଢୁଛି ତେବେ ଏହା ତୃତୀୟ ଲହର ଲକ୍ଷଣ ବୋଲି ଧରାଯିବ । କାରଣ ପ୍ରତି ପାଣ୍ଡେମିକରେ ଏମିତି ଦେଖାଯାଇଛି । ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସର ନିର୍ମାଣକାମ ଶେଷ ହୋଇଛି । ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି ତେଣୁ ପଛେଇବାର ପ୍ରଶ୍ନ ନାହିଁ । ରାଜ୍ୟ ସରକାର ଜମି ଓ ଅର୍ଥ ବି ଯୋଗାଇ ଦେବାକୁ ରାଜି ଅଛନ୍ତି । ମାତ୍ର ଆମେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ । ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ହେଲେ ପଶ୍ଚିମ ଓଡ଼ିଶାର ଆଦିବାସୀ ବହୁଳ ଲୋକ ଅଧିକ ଉପକୃତ ହେବେ । ମେଡିକାଲ କଲେଜ ସନ୍ତୁଳିତ ଭାବେ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ।

# ୧୨ ଟ୍ରେନ୍ ବାତିଲ



ଭୁବନେଶ୍ୱର,୨୭/୭ (ନି.ପ୍ର) : ଟିଟିଲାଗଡ଼-ରାୟପୁର ରେଳ ସେକ୍ସନ ଅନ୍ତର୍ଗତ ବେଲସୋଣ୍ଡା-ଲାଖୋଲି-ଆରଙ୍ଗ ମହାନଦୀ ରେଳ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସହିତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଏହି ମାର୍ଗରେ ଚଳାଚଳ କରୁଥିବା ୧୨ ଟି ବାତିଲ ହେବାକୁ ଥିବା ବେଳେ ୨ ଟି ଟ୍ରେନ୍ ର ସମୟର ପରିବର୍ତନ କରାଯାଇଛି । ୦୨୮୫୭ ବିଶାଖାପାଟନମ୍-ଏଲଟିଟି ସ୍ପେସିଆଲ ୧ ଅଗଷ୍ଟ ରେ ବିଶାଖାପାଟନମ୍ ରୁ ବାତିଲ ରହିବ । ୦୨୮୫୮ ଏଲଟିଟି-ବିଶାଖାପାଟନମ୍ ସ୍ପେସିଆଲ ୩ ଅଗଷ୍ଟ ୨୦୨୧ ରେ ଏଲଟିଟି ରୁ ବାତିଲ ରହିବାକୁ ଥିବା ବେଳେ ୦୨୮୨୭ ପୁରୀ-ସୁରଟ ସ୍ପେଶାଲ ୧ ଅଗଷ୍ଟ ରେ ପୁରୀ ଠାରୁ ,୦୨୮୨୮ ସୁରଟ-ପୁରୀ ସ୍ପେଶାଲ ୩ ଅଗଷ୍ଟରେ ସୁରଟରୁ , ୦୭୪୮୧ ତିରୁପତି-ବିଲାସପୁର ସ୍ପେଶାଲ୍ ତିରୁପତିରୁ ୨୯ ଜୁଲାଇ ଏବଂ ୧ ଅଗଷ୍ଟ ରେ , ୦୭୪୮୨ ବିଲାସପୁର-ତିରୁପତି ସ୍ପେଶାଲ୍ ବିଲାସପୁରରୁ ୩୧ ଜୁଲାଇ ଏବଂ ୩ ଅଗଷ୍ଟ ରେ ବାତିଲ ରହିବ । ସେହିପରି ୦୯୪୯୪ ପୁରୀ-ଗାନ୍ଧିଧାମ ସ୍ପେଶାଲ ୨ ଅଗଷ୍ଟରେ ପୁରୀରୁ ,୯୪୯୩ ଗାନ୍ଧିଧାମ-ପୁରୀ ସ୍ପେଶାଲ ୩୦ ଜୁଲାଇ ଏବଂ ୬ ଅଗଷ୍ଟରେ ଗାନ୍ଧୀଧାମରୁ , ୦୨୧୪୫ ଏଲଟିଟି-ପୁରୀ ସ୍ପେଶାଲ୍ ୧ ଅଗଷ୍ଟ ରେ ଏଲଟିଟିରୁ , ୦୨୧୪୬ ପୁରୀ- ଏଲଟିଟି ସ୍ପେଶାଲ ୩ ଅଗଷ୍ଟ ରେ ପୁରୀରୁ , ୦୮୫୨୮ ବିଶାଖାପାଟନମ୍-ରାୟପୁର ସ୍ପେଶାଲ୍ ବିଶାଖାପାଟନମରୁ ୨୫ ଜୁଲାଇରୁ ୫ ଅଗଷ୍ଟ ପର୍ଯ୍ୟନ୍ତ ଏବଂ ୦୮୫୨୭ ରାୟପୁର-ବିଶାଖାପାଟନମ୍ ସ୍ପେଶାଲ୍ ରାୟପୁରରୁ ୨୬ ଜୁଲାଇରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ବାତିଲ ରହିବ ।

ଅପରପକ୍ଷରେ ୦୨୮୮୭ ବିଶାଖାପାଟନମ୍-ନିଜାମୁଦ୍ଦିନ ସ୍ପେଶାଲ୍ ଜୁଲାଇ ମାସ ୨୭ ଓ ୨୯ ତାରିଖ ଏବଂ ୫ ଅଗଷ୍ଟ ଦିନ ବିଶାଖାପାଟନମରୁ ଏହାର ନିର୍ଦ୍ଧାରିତ ସମୟ ଠାରୁ ୩ ଘଂଟା ବିଳମ୍ବରେ ଛାଡିବ । ୦୮୫୭୩ ବିଶାଖାପାଟନମ୍-ଭଗତ-କି-କୋଠି ସ୍ପେଶାଲ୍ ଅଗଷ୍ଟ ମାସ ୫ ତାରିଖ ଦିନ ବିଶାଖାପାଟନମ୍ ଠାରୁ ୭ ଘଂଟା ବିଳମ୍ବରେ ଛାଡିବ ।

# କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ କୃଷକ ବିରୋଧୀ : କଂଗ୍ରେସ

ଭୁବନେଶ୍ୱର,୨୭/୭ (ନି.ପ୍ର): କେନ୍ଦ୍ର ସରକାର ପାରିତ କରିଥିବା ତିନୋଟି ନୂତନ କୃଷି ଆଇନ ବିରୋଧରେ ଦୀର୍ଘ ୮ ମାସ ଧରି ଦିଲ୍ଲୀର ରାଜରାସ୍ତାରେ ଭାରତବର୍ଷର କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବାରମ୍ବାର କୃଷକମାନଙ୍କ ସହିତ ଆଲୋଚନା ଆଳରେ କେନ୍ଦ୍ର ସରକାର କେବଳ ପ୍ରତାରଣାର ପନ୍ଥା ଅବଲମ୍ବନ କରିଚାଲିଛନ୍ତି । ବିଜୁଜନତା ଦଳର ସାଂସଦମାନେ ସଂସଦରେ କୃଷକମାନଙ୍କ ସପକ୍ଷରେ ପାଟି ଖୋଲୁନାହାନ୍ତି । ନିଜର ଦାବି ସପକ୍ଷରେ କୃଷକମାନଙ୍କର ଆନ୍ଦୋଳନ ଓ ଏକତାକୁ ଐତିହାସିକ ବୋଲି ଅବତାରଣା କରି ତୁରନ୍ତ କୃଷକ ବିରୋଧୀ ତିନୋଟି ଯାକ କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଆଜି ରାଜ୍ୟ କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ଦାବି ଉପସ୍ଥାପିତ କରାଯାଇଛି । ରାଜ୍ୟ ବିଧାନସଭାରେ ସର୍ବସମ୍ମତି କ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରାଯାଉ ବୋଲି ପ୍ରସ୍ତାବ ପାରିତ ହୋଇଥିଲା । ଏହି ପ୍ରସଙ୍ଗରେ ଓଡ଼ିଶାରୁ ସର୍ବଦଳୀୟ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପିତ କରିବାକୁ ବାରମ୍ବାର ବାରମ୍ବାର ଚେଷ୍ଟା କରିଥିଲେ ସୁଦ୍ଧା ପ୍ରଧାନ ମନ୍ତ୍ରୀଙ୍କ ପକ୍ଷରୁ ସମୟ ଦିଆଗଲା ନାହିଁ । ସେହିପରି ଚଳିତ ଖରିଫରେ ବୀମା ପଞ୍ଜିକରଣ ସମୟ ଯାହା ଜୁଲାଇ ୩୧ ତାରିଖ ପରିବର୍ତେ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ଓ ଖରିଫ ଧାନ ପଞ୍ଜିକରଣ ସମୟ ଅଗଷ୍ଟ ୧୫ ପରିବର୍ତେ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କଂଗ୍ରେସ ଦାବି କରିଛି । ଚଳିତ ବର୍ଷ ଖରିଫ ଋତୁର ଚାଷକାମ ଆରମ୍ଭ ହୋଇଥିଲେ ମଧ ସରକାର ଚାଷୀଙ୍କୁ ଆବଶ୍ୟକ ପରିମାଣର ବିହନ ଓ ସାର ଯୋଗାଇବାରେ ବିଫଳ ହୋଇଛନ୍ତି । ସାର ଦୁଇଗୁଣ ଚଢ଼ା ଦରରେ କଳାବଜାରି ହେଉଛି । ଚଳିତ ବର୍ଷ ଜୁଲାଇ ମାସ ସରିବାକୁ ବସିଲାଣି, ଆଶାନୁରୂପ ମୌସୁମୀ ବର୍ଷା ନାହିଁ, କୃଷକମାନେ ଚାଷକାର୍ଯ୍ୟ ପାଇଁ କେନାଲ ପାଣିକୁ ଅପେକ୍ଷା କରି ଦିନ ଗଣୁଛନ୍ତି ଅଥଚ କେନାଲରେ ପାଣି ଆସୁନାହିଁ ଓ ଅଧିକାଂଶ ସ୍ଥାନରେ ଏବେ ନାମକୁ ମାତ୍ର କେନାଲ ମରାମତି କାମ ନାମରେ ଅର୍ଥ ହରିଲୁଟ ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ସରକାର ଜାଣିସୁଣି ଦୀର୍ଘଦିନ ହେଲାଣି ସମବାୟ ନିର୍ବାଚନ ଘୁଂଚାଇ ଚଳିଛନ୍ତି ବୋଲି ଆରୋପ କରିବା ସହିତ ତୁରନ୍ତ ଏହି ନିର୍ବାଚନ କରିବା ପାଇଁ ଆଜିର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଡକ୍ଟର ଗୋବିନ୍ଦ ଭୂୟାଁ, ମୁଖପାତ୍ର ମନୋଜ ମହାପାତ୍ର ଓ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଦାବି ଜଣାଇଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ମୃତ୍ୟୁରେ ଓଡିଶା କୃଷକ ସଭା ଗଭୀର ଶୋକ

ଭୁବନେଶ୍ୱର,୨୭/୭ (ନି.ପ୍ର): ରଣପୁର ଅଂଚଳର ଟାଣୁଆ କୃଷକନେତା ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ମୃତ୍ୟୁରେ ଓଡିଶା କୃଷକ ସଭା ଗଭୀର ଶୋକ ପ୍ରକାଶ କରୁଛି । ସାଥୀ ସାମନ୍ତରାୟ ତାଙ୍କ ଛାତ୍ର ଜୀବନରେ ରଣପୁର ଅଂଚଳର କୃଷକ ଆନ୍ଦୋଳନର ଜଣେ ଛାମୁଆ କର୍ମୀ ଭାବରେ କାର୍ଯ୍ୟ କରିଥିଲେ । ପରବର୍ତୀ ସମୟରେ ଅବିଭକ୍ତ ପୁରୀ ଜିଲ୍ଲା କୃଷକ ସଭା ଏବଂ ରାଜ୍ୟ କମିଟିର ସହ - ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ । ରଣପୁରରେ ଖାଦ୍ୟ ଆନ୍ଦୋଳନ, ରଣଛାଡ ଅଭିଯାନ, କ୍ରୋକ ନିଲାମ ବିରୁଦ୍ଧରେ ପ୍ରତିରୋଧ ଆନ୍ଦୋଳନ, ଅନ୍ୟାୟ ଜଳକର ବାତିଲଆନ୍ଦୋଳନ, ରିଲିଫ୍ ଓ କ୍ଷତିପୂରଣ ପାଇଁ ଆନ୍ଦୋଳନ, ଜମି ଦଖଲ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଥିଲେ । ଧାନମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରିବା ଦାବୀରେ ଲଗାତର ଆନ୍ଦୋଳନ କରି ଅନ୍ୟାନ୍ୟ ନେତୃତ୍ୱକାରୀ ସାଥୀଙ୍କ ସହ ସେ କାରବରଣ କରିଥିଲେ । ସେ କିଛି ବର୍ଷ ଭୁବନେଶ୍ୱର ରାଜ୍ୟ କେନ୍ଦ୍ରରୁ କାର୍ଯ୍ୟ କରିଥିଲେ । ପରବର୍ତୀ ସମୟରେ ରଣପୁରରେ ଜଣେ ଆଇନଜୀବି ଭାବରେ ଆନ୍ଦୋଳନକାରୀମାନଙ୍କୁ ଆଇନଗତ ସାହାଯ୍ୟ କରି ଆସୁଥିଲେ । ସେ ଜଣେ କଳାକାର, ମୃଦଙ୍ଗବାଦକ, କବି ଓ ସଂଗ୍ରାମୀ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ଭଦ୍ର ସରଳ, ସ୍ୱଭାବ ଯୋଗୁଁ ସେ ବହୁ ଲୋକଙ୍କ ପ୍ରିୟ ପାତ୍ର ଥିଲେ ।

## ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ

# ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ମିଛୁଆ ରାଧୁଆର କାହାଣୀ କହୁଛନ୍ତି ମୁଖ୍ୟମନ୍ତ୍ରୀ : ବିଜେପି

ଭୁବନେଶ୍ୱର,୨୭/୭ (ନି.ପ୍ର): ଗତକାଲି ମୁଖ୍ୟମନ୍ତ୍ରୀ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପର ଉଦଘାଟନ କରି ପୁରୀବାସୀଙ୍କୁ ସ୍ୱଚ୍ଛ ପାଣି ଯୋଗାଇବେ ବୋଲି କହିଛନ୍ତି । ସମାନ ଢଙ୍ଗରେ ୧୩ ଅକ୍ଟୋବର ୨୦୨୦ରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ବିଜ୍ଞାପନ ଦେଇ ଲାଗୁ କରିଥିଲେ ବୋଲି କହିଥିଲେ । ସେହି ସମାନ ଯୋଜନାକୁ ପୁଣି ଗତକାଲି ଦୋହରାଇଲେ । ଦୁଇଟିଯାକ ବିଜ୍ଞାପନ ବିଭିନ୍ନ ଗଣମାଧ୍ୟମ ଓ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ସମେତ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶିତ ହୋଇଥିଲା । ୧୩ ଅକ୍ଟୋବର ୨୦୨୦ରେ ଉଲ୍ଲେଖ ଥିଲା ଟ୍ୟାପ୍‌ରେ ମିଳିବ ବିଶୁଦ୍ଧ ପାଣି ଆଜି ଗଣମାଧ୍ୟମରେ ବାହାରିଛି ପୁରୀବାସୀଙ୍କୁ ଟ୍ୟାପ୍ ଯୋଗେ ମିଳିବ ଶୁଦ୍ଧ ପାଣି । ତେବେ ସେଦିନ ରାଜ୍ୟସରକାର କେଉଁ ପାଣି ଦେଇଥିଲେ ଆଉ ଆଜି କେଉଁ ପାଣି ଦେଲେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ୨୦୧୩ରେ କହିଥିଲେ ସାରା ବିଶ୍ୱରେ ଆମେ ଏକ ଆଜି ବି କହୁଛନ୍ତି ସାରା ବିଶ୍ୱରେ ଆମେ ଏକ । ଜଗନ୍ନାଥ ଧାମ ଲୋକଙ୍କୁ ମୁଖ୍ୟମନ୍ତ୍ରୀ କେତେ ସତ କହୁଛନ୍ତି ? ଜଗନ୍ନାଥଙ୍କ ଦେଶରେ କେଉଁଭଳି ଭାବରେ ରାଜ୍ୟସରକାର ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ମିଛୁଆ ରାଧୁଆର କାହାଣୀ କହୁଛନ୍ତି ଏହା ହେଉଛି ତାର ଏକ ଉଦାହରଣ । ୨୪ ଜୁଲାଇ ୨୦୨୧ ସୁଦ୍ଧା ରାଜ୍ୟର ସହରାଂଚଳରେ ୨୦ଲକ୍ଷ ୩୦ହଜାର ୭୮୫ ପରିବାରକୁ ପିଇବା ପାଣି ଯୋଗାଇ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି । ଯଦି ୨୦୧୧ ଜନଗଣନାକୁ ଦେଖିବା ତେବେ ଓଡିଶାରେ ଅରବାନ ହାଉସ୍ ହୋଲ୍ଡ ହେଉଛି ୭୦ଲକ୍ଷ ୩ହଜାର ୬୫୬ । ୨୦୧୩ରେ ରାଜ୍ୟ ସରକାର କହିଥିଲେ ସମସ୍ତଙ୍କ ଘରକୁ ପାଣି ଯୋଗାଇ ଦିଆଯିବ । ଏବେ ରାଜ୍ୟ ସରକାର କହୁଛନ୍ତି ୨୦୨୨ ସୁଦ୍ଧା ସମସ୍ତ ସହରର ସବୁ ଘରକୁ ପାଇପ୍ ଯୋଗେ ପାଣି ଦିଆଯିବ । ବାସ୍ତବରେ ୨୦୨୦ ସୁଦ୍ଧା ସମୁଦାୟ ୨୦ଲକ୍ଷ ଲୋକ ପାଣି ପାଇଛନ୍ତି ବାକି ଅଛନ୍ତି ୮୦ଲକ୍ଷ ଲୋକଙ୍କୁ ଟ୍ୟାପ ଯୋଗେ ପାଣି ରାଜ୍ୟ ସରକାର ଯୋଗାଇ ପାରି ନାହାଁନ୍ତି । ସେହପରି ଭାବରେ ରୁରାଲ୍ ହାଉସ୍ ହୋଲ୍ଡ ହେଉଛନ୍ତି ୮୫ଲକ୍ଷ ୬୬ହଜାର ୫୧୩ । ବର୍ତମାନ ସୁଦ୍ଧା ରାଜ୍ୟ ସରକାର ୨୨ଲକ୍ଷ ୯୪ହଜାର ୮୦୩ ପରିବାରକୁ ପାଣି ଯୋଗାଇଛନ୍ତି । ଅର୍ଥାତ୍ ଆହୁରି ୬୨ଲକ୍ଷ ଲୋକ ବାକି ଅଛନ୍ତି । କିପରି ୨୦୨୨ସୁଦ୍ଧା ରାଜ୍ୟ ସରକାର ସମସ୍ତଙ୍କୁ ପାଣି ଯୋଗାଇ ପାରିବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣର କ୍ଷେତ୍ରସ୍ତରୀୟ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

## ଉନ୍ନୟନ କମିସନରଙ୍କ ଅଧକ୍ଷତାରେ ପ୍ରକଳ୍ପ ରୂପରେଖ କମିଟି ଗଠନ

ଭୁବନେଶ୍ୱର,୨୭/୭ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ଐତିହ୍ୟ କ୍ୟାବିନେଟ୍‌ଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟାନ୍ୱୟନ ବିଷୟ ସମୀକ୍ଷା କରିଛନ୍ତି । ରାଜ୍ୟ ଲୋକସେବା ଭବନରୁ ଭର୍ଚୁଆଲ ମୋ୍ ?ଡରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ଆର୍ଥିକ ଓ ପ୍ରଶାସନିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଓଡ଼ିଆ ଭାଷା, ସଂସ୍କୃତିର ସମୃଦ୍ଧି ଓ ପ୍ରସାର ନିମନ୍ତେ ବିଭିନ୍ନ ବିଭାଗକୁ ସଂଯୋଜିତ କରି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏଥି ପାଇଁ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଏକ ସବ୍-କମିଟି ଗଠନ କରାଯାଇଥିଲା । ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ନିମନ୍ତେ ଗୁଣାତ୍ମକ ପୁସ୍ତକ, ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର, ନୂଆ ଯୁବ ପିଢ଼ୀଙ୍କୁ ଓଡ଼ିଆ ଭାଷା ଆଡ଼କୁ ଆକର୍ଷଣ ଆଦି ବିଷୟରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା ।

ସୁଆଣ୍ଡୋ ଗ୍ରାମରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ କରି ଏହାକୁ ଏକ ପର୍ଯ୍ୟଟକ ଆକର୍ଷଣ ସ୍ଥାନରେ ପରିଣତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ରଂଜନ କୁମାର ଦାଶ ଜଣାଇଥିଲେ ଯେ, ସୁଆଣ୍ଡୋଠାରେ ଉତ୍କଳମଣିଙ୍କ ସଂଗ୍ରହାଳୟ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ସେଠାରେ ଥିବା ପୁରୁଣା ମନ୍ଦିରର ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ଇତି ମଧ୍ୟରେ ଜାତୀୟ ରାଜପଥରୁ ସୁଆଣ୍ଡୋ ଗ୍ରାମକୁ ୫କିମି ଲମ୍ବ ପ୍ରଶସ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରାୟ ସରିଛି । ଗୋପବନ୍ଧୁଙ୍କ ପୈତୃକ ବାସଭବନର ବିକାଶ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯାଇଛି । ଜନ୍ମପୀଠରେ ଥିବା ବଡ଼ ପୋଖରୀର ପୁନର୍ବିନ୍ୟାଶ କାମ ପ୍ରାୟ ସରିଛି । ଏହି ପୋଖରୀରେ ନୌକା ବିହାର ବ୍ୟବସ୍ଥା ସହ ଜନ୍ମପୀଠରେ ପରିକ୍ରମା ରାସ୍ତା, ବସିବା ସ୍ଥାନ, ଓଡ଼ିଆ ସଂସ୍କୃତି ସଂପନ୍ନ କାର୍ଯ୍ୟକ୍ରମ ଏବଂ ଓଡ଼ିଆ ଖାଦ୍ୟ ନିମନ୍ତେ ରେଷ୍ଟୋରାଁ ଆଦି ସ୍ଥାପନ ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଇତି ମଧ୍ୟରେ ଜମି ଅଧିଗ୍ରହଣ ଓ କ୍ରୟ କାର୍ଯ୍ୟ ସରିଛି ଏବଂ ବିଶ୍ୱବିଦ୍ୟାଳୟ ନିର୍ମାଣ ପ୍ରାୟ ୬୨ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି ବୋଲି ପୂର୍ତ୍ତ ସଚିବ କ୍ରିଶନ କୁମାର ଜଣାଇଥିଲେ । ପ୍ରଶାସନିକ ଓ ଆର୍ଥିକ ଅନୁମୋଦନ ଏବଂ ଟେଣ୍ଡରିଂ ପ୍ରକ୍ରିୟା ଆଦି ଶେଷକରି ୩ ମାସ ମଧ୍ୟରେ କ୍ଷେତ୍ରସ୍ତରୀୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# କପ୍ତିପଦା ଉପଖଣ୍ଡର ସାମଗ୍ରିକ ବିକାଶର ଦାବି ନେଇ ଧାରଣା ଦେବ ଭଞ୍ଜସେନା

ଉଦଳା,୨୮/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡର ସାମଗ୍ରୀକ ବିକାଶର ଦାବୀ ନେଇ ଭଞ୍ଜସେନା ଆଜି ଏକ ପ୍ରେସ ବିବୃତିରେ ଜଣାଇଛି ଯେବହୁତ ଦିନରୁ ସର୍ଭେ ସରିଥିବା ୮୭୫ କିମି ଭଦ୍ରାଚଳମ - ଖଡ଼ଗପୁର ରେଳପଥର ନିର୍ମାଣ କାମ ତୁରନ୍ତ ଆରମ୍ଭ କରାଯାଉ । ଏହାଦ୍ୱାରା କପ୍ତିପଦା ଉପକଣ୍ଡର ଅଧିବାସୀ ରେଳସେବା ପାଇ ପାରିବେ । ତାହାଛଡ଼ା ନୀଳଗିରି-ଉଦଳା ୨୨ କିମି ରୁଟ ପାଇଁ ତୁରନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଉ । ସେହିପରି କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ଦେବକୁଣ୍ଡ, ସମୀବୃକ୍ଷ, ଟୁଙ୍କି ଜଳ ପ୍ରପାତ, ମାଛ କାନ୍ଦଣା, ଚିଙ୍ଗୁଡ଼ିଆ ଜଳ ପ୍ରପାତ ଇତ୍ୟାଦି ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଉ । କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଡ଼ାକ୍ତର ଓ କର୍ମଚାରୀ ଅଭାବ ସମସ୍ୟାର ସମାଧାନ କରାଯାଉ । ଏହିଦାବୀ ଗୁଡ଼ିକର ପୁରଣ ପାଇଁ ଭଞ୍ଜସେନା ତରଫରୁ ଆସନ୍ତା ଅଗଷ୍ଟ ୪ ତାରିଖ ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବାର କାର୍ଯ୍ୟକ୍ରମ ରହିଛି ଏବଂ ଏ ବାବଦରେ ଦାବୀପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ରସରକାରଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଛି । ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ପର୍ବ ସରିଥିବାର ଭଞ୍ଜସେନା ତରଫରୁ ଘୋଷଣା କରାଯାଇଛି । ତେବେ ଆଜିର ଏହି ପ୍ରେସ ବିବୃତି ପ୍ରଦାନ ସମୟରେ ଭଞ୍ଜ ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଆଦିବାସୀ ସେଲର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶିବ ସିଂ, ଜିଲ୍ଲାର ଉପସଭାପତି ଜିତେନ୍ଦ୍ର ହେମ୍ବ୍ରମ, ସମ୍ପୂର୍ଣ୍ଣ ହେମ୍ବ୍ରମ , ତାଜେନ୍ଦ୍ର ହେମ୍ବ୍ରମ, ଦିପୁ ସିଂ, ଶିବ ଶଙ୍କର ହାଁସଦାଃ, ମୁନା ସାଇବ ପ୍ରମୁଖ ଉପସ୍ଥିତ ଥିଲେ ।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ



ନୀଳଗିରି,୨୮/୦୭ (ନି.ପ୍ର): ଖନ୍ତାପଡ଼ା ଥାନା ଅଧିନସ୍ଥ ବରୁଣସିଂ ଗ୍ରାମର ଭିକା ଦାସ ଙ୍କ ସ୍ତ୍ରୀ ତୁଳସି ଦାସ ବିଲେଇ କାମୁଡ଼ା ଇଞ୍ଜେକସନ ନେବା ପାଇଁ ନୀଳଗିରି ଡାକ୍ତରଖାନାକୁ ଏକ ବାଇକରେ ଆସୁଥିବା ବେଳେ ସେରଗଡ଼ ନୀଳଗିରି ୧୯ନଂ. ରାଜ୍ୟ ରାଜପଥର ହେନ୍ତସୁରା ଠାରେ ହଠାତ୍ ଏକ ଛେଳି ରାସ୍ତାକୁ ବାହାରି ପଡ଼ିବାରୁ ବାଇକ୍ ଚଳକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ପଛରେ ବସିଥିବା ତୁଳସି ଗାଡ଼ି ରୁ ଗଳିପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ସଂଗେ ସଂଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବିଧାନସଭାରେ ପି.ଏନ୍.ବି. ଏ.ଟି.ଏମ୍. ଉଦଘାଟିତ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ବିଧାନସଭା ପରିସରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏ.ଟିଏମ୍. ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ଏ.ଟିଏମ୍. ଶାଖା ଉଦଘାଟନ କରିଥିଲେ । ବିଧାନସଭା ପରିସରରେ ଏ.ଟିଏମ୍. ଖୋଲିବା ଦ୍ୱାରା ବିଧାନସଭା କର୍ମଚାରୀ ଓ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ବାଚସ୍ପତି ଡ଼ଃ ପାତ୍ର ଆଶା ପ୍ରକାଶ କରିଥିଲେ । ଉକ୍ତ ଉଦଘାଟନ ଉତ୍ସବରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପି.ଏନ୍.ବି. ଜୋନାଲ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ, ସର୍କଲ ମୁଖ୍ୟ ପରେଶ କୁମାର ଦାଶ, ମୁଖ୍ୟ ପ୍ରବନ୍ଧକ ଆଶିଷ କୁମାର ସେଠୀ, ଆସୋସିଏସନ୍ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଧାନସଭା ଶାଖା ପରିଚାଳକ ନିବେଦିତା ଓଝା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଲିଆପାଳ ବ୍ଲକ ଯୁବ ବିଜେଡିର କାର୍ଯ୍ୟକାରିଣୀ ବୈଠକ

## ତୃଣମୂଳ ସ୍ତରରେ ବିଜେଡିକୁ ଅଧିକ ସୁଦୃଢ କରିବାକୁ ଆହ୍ୱାନ



ବାଲିଆପାଳ,୨୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଯୁବ ବିଜେଡି ପକ୍ଷରୁ ଆଜି ଏକ କାର୍ଯ୍ୟକାରିଣୀ ଏବଂ ସଦସ୍ୟତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି ।ସ୍ଥାନୀୟ ପାରୁଳିଆ ସ୍ଥିତ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗ ଦେଇ ବିଜୁ ଜନତା ଦଳର କାର୍ଯ୍ୟ ଶୈଳୀ ଓ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ବନ୍ଧରେ କର୍ମୀଙ୍କୁ ଅବଗତ କରାଇଥିଲେ । ଏଥିସହିତ ତୃଣମୂଳ ସ୍ତରରେ ବିଜେଡିକୁ ଅଧିକ ସୁଦୃଢ ଓ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ଯୋଗ ଦେଇ ଦଳର ଯୁବ କର୍ମୀଙ୍କୁ ଶୃଙ୍ଖଳିତ ଭାବେ ଏକଜୁଟ ହୋଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡା, ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ଡିଜିଟାଲ ସମ୍ପାଦକ ଅଭିନାଶ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ର ନାଥ ଅଣ୍ଡିଆ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଦାସ, ବିଜେଡି ନେତା ଅଜୟ ପାତ୍ର, ବିମଳ ସାହୁ, ମନ୍ମଥ ଗିରି, ଦୋଳଗୋବିନ୍ଦ ମୁର୍ମୁ, ଜିଲ୍ଲାପରିଷଦ ସଦସ୍ୟା ମିନତୀ ଜେନା, ବେଣୁଧର ଜେନା, ବାଲିଆପାଳ ବ୍ଲକ ଆଇ.ଟି କୋଡିନେଟର ଚନ୍ଦନ ଜେନା, ବାଲିଆପାଳ ବ୍ଲକ ଛାତ୍ର ବିଜେଡି ସଭାପତି ଲକ୍ଷ୍ମୀଧର ପାତ୍ର, ବାଲିଆପାଳ ବ୍ଲକ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରତାପ କେଶରୀ ସାହୁ, ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଉଜ୍ଜଳ କୁମାର ଗିରି, ବ୍ଲକ ଛାତ୍ର ବିଜେଡି ସମ୍ପାଦକ ଆଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## କେନ୍ଦ୍ର କୃଷି ଗବେଷଣା ମହାନିର୍ଦ୍ଦେଶକଙ୍କ ମାତୃ ବିୟୋଗରେ ଶୋକ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ଭାରତ ସରକାରଙ୍କ କେନ୍ଦ୍ରୀୟ କୃଷି ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡଃ ତ୍ରିଲୋଚନଙ୍କ ମହାପାତ୍ରଙ୍କ ମା' ଲବଙ୍ଗଲତା ମହାପାତ୍ରଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ ସେବା ଦଳର ମୁଖ୍ୟ ତଥା ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗଭୀର ଶୋକ ପ୍ରକାଶ କରିବା ସହ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତା ମହାପାତ୍ର ଏରଂଚ କସରଦା ଅଂଚଳରେ ବିଶିଷ୍ଟ ସଂସ୍କାରବାଦୀ ଓ ସମାଜସେବୀ ସ୍ୱର୍ଗତ ଶତୃଘ୍ନ ମହାପାତ୍ରଙ୍କ ପତ୍ନୀ ଭାବେ ସେ ଅଂଚଳରେ ବେଶ୍ ପରିଚିତ ଥିଲେ। ଜଣେ ଅତ୍ୟନ୍ତ ସ୍ନେହୀ, ବନ୍ଧୁବତ୍ସଳ ମହିଳା ଭାବେ ସମସ୍ତଙ୍କ ଦ୍ୱାରା ଆଦୃତ ଥିଲେ। ତାଙ୍କ ବିୟୋଗରେ ଏରଂଚ, କସରଦା ଅଂଚଳବାସୀ ବିଶେଷ ମର୍ମାହତ। ପରଲୋକଗତ ଆତ୍ମାର ଶାନ୍ତି କାମନା କରିବା ସହ ପରିବାରବର୍ଗଙ୍କୁ ଡଃ ଜ୍ଞାନେନ୍ଦ୍ର ଗଭୀର ସମବେଦନା ଜଣାଇଛନ୍ତି।

## ସିଆରପିଏଫର ୮୩ ତମ ସ୍ଥାପନା ଦିବସ ପାଳିତ

କନ୍ଧମାଳ,୨୮/୦୭ (ନି.ପ୍ର): କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ତଥା ସିଆରପିଏଫର ୮୩ ତମ ସ୍ଥାପନା ଦିବସ ବାଲିଗୁଡା ଉପଖଣ୍ଡ ବାରଖମାଠାରେ ପାଳିତ ହୋଇଯାଇଛି । ୧୯୩୯ଜୁଲାଇ ୨୭ରେ ପ୍ରତିଷ୍ଠା ହୋଇଥିବା ଏହି ସାମରିକ ବାହିନୀ ଆଜି ବିଶ୍ୱର ସବୁଠାରୁ ବଡ଼ ସାମରିକ ବାହିନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ୧୨୭ ବାଟାଲିୟନ ପରିସରରେ କମାଣ୍ଡେଣ୍ଟ ଓ ଯବାନ ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିବା ବେଳେ ଶହୀଦ ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ୧୨୭ ବାଟାଲିୟନ ସିଆରପିଏଫର କମାଣ୍ଡେଣ ଡି.ଜି ବିଜୟ କୁମାର ମଧ୍ୟ ସାମିଲ ହୋଇଥିଲେ ।

# ସ୍କୁଲରେ ପିଲାଙ୍କୁ ମାସ୍କ ବାଂଟିଲେ ଛାତ୍ରନେତା



ବାରିପଦା,୨୮/୦୭ (ନି.ପ୍ର): କରୋନା କଟକଣା କାରଣରୁ ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ଥିବା ବେଳେ, ଜୁଲାଇ ୨୬ ତାରିଖ ପାଖରୁ କଟକଣା ଭିତରେ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲା ଯାଇଛି। ତେବେ ବହୁଦିନ ପରେ ବିଦ୍ୟାଳୟକୁ ଆସି ପାଠ ପଢିବାର ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀ ମାନେ ବେଶ ଉତ୍ସାହିତ ଥିବାର ଦେଖା ଯାଇଛି। ତେବେ ବିଦ୍ୟାଳୟ ଖୋଲିବା ପରେ ବିଜୁ ଛାତ୍ର ଜନତା ଦଳର ମୟୂରଭଞ୍ଜ-୧ ଜିଲ୍ଲା ଉପ-ସଭାପତି ଶ୍ରୀ ରବୀନ୍ଦ୍ର କୁମାର ମହାନ୍ତି ମରୋଡା ବ୍ଲକ ଅନ୍ତର୍ଗତ ଖୁରୁଂଟିଆ ଠାରେ ଥିବା ବିଦ୍ୟାଳୟରେ ପିଲା ମାନଙ୍କ ସୁସ୍ଥ ନୀରାମୟ ଜୀବନ କାମନା କରି ବିଦ୍ୟାଳୟ ପରିସରରେ ପିଲାଙ୍କୁ ମାସ୍କ ଓ ସାନିଟାଇଜର ବଂଟନ କରିଥିବାର ଦେଖାଯାଇଛି। ଛାତ୍ରନେତାଙ୍କର ଏଭଳି କାର୍ଯ୍ୟକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ମାନେ ପ୍ରଶଂସା କରିଛନ୍ତି।

# ପଛୁଆ ବର୍ଗ ଛାତ୍ରଛାତ୍ରୀ ଡାକ୍ତର ହେବାର ଅଧିକାରରୁ ବଂଚିତ ହେଉଥିବା ଅଭିଯୋଗ

## ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଧାରଣା ଓ ଦାବିପତ୍ର ପ୍ରଦାନ



ବାରିପଦା,୨୮/୦୭ (ନି.ପ୍ର): ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଛୁଆ ବର୍ଗ ଛାତ୍ରଚାତ୍ରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ନୀଟ ପରୀକ୍ଷାରେ ଆରକ୍ଷଣ ନଦେବା ବିରୋଧର ମୋର୍ଚ୍ଚାର ଜିଲ୍ଲା ସହ ସଂଯୋଜକ ସରୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଧାରଣା ପ୍ରଦର୍ଶନ ସହିତ ଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି। ଦାବୀପତ୍ରରେ ବର୍ଣ୍ଣିତ ପ୍ରମୁଖ ଦାବୀ ଗୁଡିକ ମଧ୍ୟରେ ଓବିସି ମାନଙ୍କର ନ୍ୟାର୍ଯ୍ୟ ଅଧିକାର ସମର୍ଥନରେ ନୀଟ ପରୀକ୍ଷାକୁ ରଦ୍ଦ କରାଯିବା, ନୀଟ ପରୀକ୍ଷା ବ୍ୟବସ୍ଥା ଲାଗୁଥିବା ପର୍ଯ୍ୟନ୍ତ ପଛୁଆବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ୨୭ ପ୍ରତିଶତ ଆରକ୍ଷଣ କେନ୍ଦ୍ର ଏବଂ ରାଜ୍ୟର ମେଡିକାଲ କଲେଜ ମାନଙ୍କରେ ଯୋଗାଇଦେବା, ପଛୁଆବର୍ଗ ମାନଙ୍କର ଜାତି ଆଧାରିତ ଜନଗଣନା କରାଯାଇ ସେମାନଙ୍କର ସଂଖ୍ୟା ଅନୁପାତରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିନିଧିତ୍ୱ ଆରକ୍ଷଣ ଭିତ୍ତିରେ ଲାଗୁ କରାଯିବା, ରାଷ୍ଟ୍ରୀୟ ସ୍ତରରେ ନୀଟର ସମୀକ୍ଷା କରାଯିବା ସହିତ ସମୀକ୍ଷାରେ ବାମସେଫର ରାଷ୍ଟ୍ରୀୟ ଅଧକ୍ଷଙ୍କୁ ସାମିଲ କରାଯିବା ପ୍ରମୁଖ ଦାବୀ ରଖା ଯାଇଛି। ଏହି ଧାରଣା କାର୍ଯ୍ୟକ୍ରମରେ ଭାରତ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି ଭାଦୁରାମ୍ ସୋରେନ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ କାର୍ତ୍ତିକ ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରଘୁନାଥ ମହାନ୍ତ, ଚାମରୁ ମାଝୀ, ରାକେଶ ମହାନ୍ତ, ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘର ଜିଲ୍ଲା ସଭାପତି କରମଜିତ୍ ସିଂ, ବୁଧୁରାମ ସିଂ, ସୁନାରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା

ନୀଳଗିରି,୨୮/୦୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଭାରତୀୟ ଜନତା ଯୁବ ମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାକେଶ ମହାପାତ୍ର ବିଜେପିର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା କରିଛନ୍ତି । ଏହି ଟିମ୍‌ରେ ୫ଜଣ ଉପସଭାପତି, ୨ଜଣ ସାଧାରଣ ସଂପାଦକ, ୮ଜଣ ସମ୍ପାଦକ ଓ ଜଣେ କୋଷାଧକ୍ଷଙ୍କ ସହିତ ଉକ୍ତ ଟିମ୍‌ରେ ୧୭ଜଣ କାର୍ଯ୍ୟକାରିଣୀ ସଦସ୍ୟ, ୫ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ୨୧ଜଣ ସଂଯୋଜକ ଅଛନ୍ତି । ଏହି କମିଟିରେ ନୀଳଗିରି ନିର୍ବାଚନ ମଣ୍ଡଳୀର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଂପାଦକ ଭାବେ ଦେବାଶିଷ ଆଚାର୍ଯ୍ୟ ଓ ବିକ୍ରମ କେଶରୀପାତ୍ର, ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିନୋଦ ମହାନ୍ତି ଓ ଚନ୍ଦ୍ରଶେଖର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି । ଏ ସମସ୍ତ ପଦାଧିକାରୀ ଓ ସଦସ୍ୟ ମାନେ ମାନ୍ୟବର ବିଧାୟକ, ମାନ୍ୟବର ସାଂସଦ, ଜିଲ୍ଲା ସଭାପତି, ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୪ହଜାରରୁ ଊର୍ଦ୍ଧ୍ୱ ପଡ଼ା....

ଅନୁମୋଦନ କରିଥିବା ମାର୍ଗଦର୍ଶିକାର ଅନୁପାଳନ ପାଇଁ ପତ୍ର ଲେଖିଛନ୍ତି । ନୂତନ ମାର୍ଗଦର୍ଶିକା ଅନୁସାରେ ମୂଳ ରାଜସ୍ୱ ଗ୍ରାମଠାରୁ ୫୦୦ ମିଟରରୁ ଅଧିକ ଦୂରରେ ଅବସ୍ଥିତ ୨୫୦ କିମ୍ବା ତଦୂର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ପଡ଼ା ବା ବସତିଗୁଡ଼ିକୁ ନୂତନ ରାଜସ୍ୱ ଗ୍ରାମ ଭାବରେ ଘୋଷଣା କରାଯିବା ଅନୁରୂପ ଭାବରେ ମୂଳ ରାଜସ୍ୱ ଗ୍ରାମରୁ ୫୦୦ ମିଟର ମଧ୍ୟରେ ଥିବା ୩୦୦ରୁ ଅଧିକ ଜନସଂଖ୍ୟାବିଶିଷ୍ଟ ପଡ଼ା ବା ବସତିଗୁଡ଼ିକୁ ନୂତନ ରାଜସ୍ୱ ଗ୍ରାମ ଭାବରେ ଗ୍ରହଣ କରାଯିବ । ୨୫୦ରୁ କମ୍ ଜନସଂଖ୍ୟାବିଶିଷ୍ଟ ପଡ଼ା ବା ବସତିଗୁଡ଼ିକ ମୂଳ ରାଜସ୍ୱ ଗ୍ରାମରୁ ପ୍ରାକୃତିକ ଭାବେ ବିଚ୍ଛିନ୍ନ ଥିଲେ ସେଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଭାବରେ ମାନ୍ୟତା ଦିଆଯିବ । ବିଭାଗୀୟ ପ୍ରମୁଖ ଶାସନ ସଚିବ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟିବେଳେ ଗୋଚର ଏବଂ ଗୋଷ୍ଠୀଗତ ଜମିର ସୀମା ସଂରକ୍ଷଣ ବାବଦରେ ଜୋର ନଦେବାକୁ ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଇଛନ୍ତି । କିନ୍ତୁ ନୂତନ ଭାବେ ସୃଷ୍ଟି ହେଉଥିବା ଗ୍ରାମର ବାସିନ୍ଦାମାନେ ମୂଳ ଗ୍ରାମ ମଧ୍ୟରେ ଥିବା ଗୋଚର ଏବଂ ଗୋଷ୍ଠୀଗତ ଜମିକୁ ବ୍ୟବହାର କରିପାରିବେ ଓ ଏହା ଉଭୟ ଗ୍ରାମର ସାଧାରଣ ସଂପତି ଭାବେ ବିବେଚିତ ହେବ । ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ବାବଦରେ ବହୁବାର ରାଜ୍ୟ ବିଧାନସଭା ତଥା ଅନ୍ୟାନ୍ୟ ସାମ୍ମୁଖ୍ୟରେ ଦାବି ହୋଇ ଆସୁଛି। ଗୋଚର ଓ ଗୋଷ୍ଠୀଗତ ଜମି ଅଭାବରୁ ଅଧିକାଂଶ ପ୍ରସ୍ତାବ ବିଚାରକୁ ନିଆଯାଇ ପାରୁନଥିଲା। ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟ ସମୟରେ ଜମି ସଂରକ୍ଷଣ ବାବଦରେ ବହୁର୍ପୂବରୁ ଜାରି କେତେକ ପ୍ରଶାସନିକ ନିର୍ଦ୍ଦେଶନାମାକୁ କ୍ଷେତ୍ରୀୟ ଅଧିକାରୀମାନେ ସଠିକ୍ ଭାବେ ବୁଝିପାରିନଥିବାରୁ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ବାଧାପ୍ରାପ୍ତ ହେଉଥିଲା। ଫଳରେ ରାଜ୍ୟ ବିଭିନ୍ନ ସମ୍ବଳ ସଂଗ୍ରହରୁ ବଂଚିତ ହେଉଥିଲା। ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନକଲେ ପ୍ରାୟ ୪୦୦୦ ନୂତନ ଗ୍ରାମ ସୃଷ୍ଟି ହେବା ସହିତ ଲୋକମାନେ ଉପକୃତ ହେବେ ବୋଲି ଶ୍ରୀ ସେଠୀ ଉଲ୍ଲେଖ କରିଛନ୍ତି ଏବଂ ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀ ଏହା ଦ୍ୱାରା ନିଷ୍କ୍ରିୟ ହେବ ବୋଲି ଦର୍ଶାଇଛନ୍ତି ।

## ସ୍ପିରିଟ୍ ଢ଼ାଳି ପ୍ରେମିକାକୁ ପୋଡ଼ିଦେଲା....

ଭିତର ଏହି ସମ୍ପର୍କ ଭିତରେ ଏମିତି କିଛି ଘଟିଗଲା ଯେ, ପ୍ରେମରେ ଲାଗିଲା ନିଆଁ । ପୋଡ଼ିଗଲା ପ୍ରେମିକା । ପ୍ରେମରେ ବୁଝାମଣାର ଅଭାବ କେତେ ବଡ଼ ଅଘଟଣ ଘଟାଇପାରେ ତାର ଯେଉଁ ଚିତ୍ର ପୁରୁଷୋତ୍ତମପୁରରୁ ଆସିଛି, ତାହା ଦେଖିଲେ ଦେହ ଥରି ଉଠିବ । ପ୍ରେମରେ ଜିଦ୍ ଏବଂ ଜିଦରେ ବାହା ହେବାକୁ କେନ୍ଦ୍ରକରି ଜିଅନ୍ତା ଜଳିଯାଇଛି ପ୍ରେମିକା । ଆଉ ଏହି ଜଘନ୍ୟ କାଣ୍ଡ ପାଇଁ ସଂପୃକ୍ତ ଯୁବକଙ୍କୁ ଦାୟୀ କରିଛି ଯୁବତୀ । ଦୁନିଆରୁ ବିଦାୟ ନେବା ପୂର୍ବରୁ ଯେଉଁ ମୃତୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଛି, ତାହା ପ୍ରେମର ଆଉ ଏକ କରୁଣ କାହାଣୀ ବୟାନ କରୁଛି । ସୂଚନା ଅନୁସାରେ ପ୍ରତାପପୁରର କୃଷ୍ଣଚନ୍ଦ୍ର ସାହୁ ଏବଂ ସଦାଶିବପୁରର ପୀଡ଼ିତା ଯୁବତୀ, ୨୦୧୫ ମସିହାରେ ବ୍ରହ୍ମପୁରରେ ଏକାଠି ପଢୁଥିଲେ । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଥିଲା । ଉଭୟେ ଚାକିରି କରିବା ପରେ ବିବାହ କରିବା ପାଇଁ ନିଷ୍ପତ୍ତି ବି ନେଇଥିଲେ । ଏମିତି କି ୨୦୧୭ ମସିହାରେ ଉଭୟ ଅଭିଯୁକ୍ତ ଏବଂ ପୀଡ଼ିତା ଘର ଛାଡ଼ି ପଳାଇଯାଇଥିଲେ । ହେଲେ କିଛି ଦିନ ପରେ ପୁଅ ଘର ପରିବାର ବୁଝେଇ ସୁଝେଇ ଫେରାଇ ଆଣିଥିଲେ । ଆଉ ପୁଅକୁ ଅନ୍ୟତ୍ର ବାହା କରିବା ପାଇଁ ସ୍ଥିର କରିଥିଲେ । ପୁଅର ଅନ୍ୟତ୍ର ବାହାଘର ଖବର ପାଇବା ପରେ ପୀଡ଼ିତା ବ୍ୟସ୍ତ ହୋଇପଡ଼ିଥିଲେ । ଆଉ ଏହାରି ଭିତରେ ଅଭିଯୁକ୍ତ, ଯୁବତୀଙ୍କୁ ପ୍ରତାପପୁରର ଏକ ପରିତ୍ୟକ୍ତ ଘରକୁ ଡାକି ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ହେଲେ ଅଭିଯୁକ୍ତ, ଏହାକୁ ଖଣ୍ଡନ କରିବା ସହ ମୃତ ଯୁବତୀଙ୍କ ମାନସିକ ଅବସ୍ଥା ଭଲ ନଥିବା କହିଛି । ପୀଡ଼ିତାର ବୟାନ ଏବଂ ଅଭିଯୁକ୍ତର ସଫେଇ ଭିତରେ କିନ୍ତୁ ଘଟିଯାଇଛି ଏକ ବିଭତ୍ସକାଣ୍ଡ । ପୀଡ଼ିତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ବ୍ରହ୍ମପୁର ହସ୍ପିଟାଲରେ ଭର୍ତି କରାଯାଇଥିବା ସମୟରେ ସବୁଦିନ ପାଇଁ ଆଖି ବୁଜି ଦେଇଛି । ଆଉ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଧାର କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସାହୁକୁ ଗିରଫ କରିଛି ପୁଲିସ୍ । ଘଟଣାସ୍ଥଳରୁ ପୁଲିସ୍ ଯୁବତୀଙ୍କ ବ୍ୟାଗ୍, ପାଣି ବୋଟଲ ଏବଂ ମାସ୍କ ଆଦି ଉଦ୍ଧାର କରିଥିବା ବେଳେ ତଦନ୍ତ ଆଗକୁ ବଢ଼ାଇଛି । ଆଉ ଏସବୁ ଭିତରେ କିନ୍ତୁ ପ୍ରେମର ନିଆଁ ଲାଗି ପ୍ରେମିକା ସବୁ ଦିନ ପାଇଁ ଆଖିବୁଜି ଦେଇଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଘର ଆଗରେ....

ସେମାବେ ଅଭିଯୋଗ କରିଛନ୍ତି। ଗତକାଲି ସ୍କୁଲ ଫର୍ମଫିଲପ କରାଇ ନଥିବାରୁ ଉଭୟ ମା ପୁଅ କ୍ୟାପିଟାଲ ସ୍କୁଲ ଆଗରେ ଧାରଣା ଦେଇଥିଲେ। ଧାରଣା ଦେବା ସମୟରେ ମା' ଧମକ ଦେଇଥିଲେ ଯେ ଯଦି ତାଙ୍କ ପୁଅ ପରୀକ୍ଷା ଦେଇନପାରିଲା, ତାହେଲେ ସେ ଆତ୍ମହତ୍ୟା କରିବେ। ଗତକାଲି ଦୁହେଁ ସ୍କୁଲରେ ସାମ୍ନାରେ ଧାରଣା ଦେବା ସହିତ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଅପରପକ୍ଷରେ କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମର କୁମାର ବେହେରା କହିଛନ୍ତି, ଇମ୍ରାନ୍ ଙ୍କ ଅଭିଭାବକ ଦୁଇ ଥର ଆସି ଯୋଗାଯୋଗ କରିଥିଲେ। ଘରେ କଥାବାର୍ତା କରି ଫର୍ମ ପୂରଣ କରିବେ ବୋଲି କହିଥିଲେ। କିନ୍ତୁ ଫର୍ମପୂରଣ ଶେଷ ଦିନ ପର୍ଯ୍ୟନ୍ତ କେହି ଆସିଲେ ନାହିଁ। ଏବେ ଆଉ ଫର୍ମପୂରଣ ସମ୍ଭବ ନୁହେଁ।

## କଥାକାର ରାମଚନ୍ଦ୍ର ବେହେରାଙ୍କୁ ଅତିବଡ଼ୀ ....

ବାଇଧର ସାହୁ, ଡ. ଦିଗରାଜ ବ୍ରହ୍ମା, ବାବାଜୀ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ଶର୍ମା, ସୌଭାଗିନୀ ମିଶ୍ର, ଦେବେନ୍ଦ୍ର କୁମାର ଦାଶ, ଅଶୋକ କୁମାର ପଟ୍ଟନାୟକ, ଡ. ରୁଦ୍ର ନାରାୟଣ ପୃଷ୍ଟି । ଏକାଡେମୀର ସଭାପତି ବିଶିଷ୍ଟ କବି ଡ. ହୃଷିକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଏବଂ ଅତିରିକ୍ତ ଶାସନ ସଚିବ ତଥା ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ସାହିତ୍ୟ ସାଧକମାନେ ପାଠକ ସୃଷ୍ଟି ଦିଗରେ ତାଙ୍କର ଲେଖନୀ ଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିବଡ଼ୀ ପୁରସ୍କାର ପ୍ରାପକ ବିଶିଷ୍ଟ କଥାକାର ଡ. ବେହେରା ଜୀବନ ଶାଶ୍ୱତ ଓ ଅମୃତମୟ ବୋଲି ଉଲ୍ଲେଖ କରିବା ସହିତ ଲେଖକୀୟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

## ରାଜ୍ୟରେ ଖୋଲିବ ମେଡିକାଲ....

ସେଠାରେ ବିଭିନ୍ନ କଥାକୁ ଧ୍ୟାନ ଦେବାକୁ କୁହାଯାଇଛି। ଯେପରିକି, ଥିଓରି କ୍ଲାସ ପୂର୍ବଭଳି ଅନଲାଇନରେ ଜାରି ରହିବ। ପ୍ରାକ୍ଟିକାଲ କ୍ଲାସ ପାଇଁ ପିଲାମାନଙ୍କୁ ଗ୍ରୁପରେ ବିଭକ୍ତ କରାଯାଇ କ୍ଲାସ୍ ହେବ। କ୍ଲାସରେ ଯୋଗଦେବାକୁ ହେଲେ ପିଲାମାନଙ୍କୁ ସେମାନଙ୍କର ଅଭିଭାବକଙ୍କଠାରୁ ଅନୁମତି ଆଣିବାକୁ ହେବ। ତା ସହିତ ଶିକ୍ଷାନୁଷ୍ଠାନ ପିଲାମାନଙ୍କର ସ୍କ୍ରିନିଂ ପ୍ରତି ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଏହାସହିତ କ୍ୟାମ୍ପସରେ ପିଲାମାନେ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ହାତ ଧୋଇବା ଏବଂ ସାମାଜିକ ଦୂରତା କିଭଳି ପାଳନ କରିବେ ସେନେଇ ଦୃଷ୍ଟି ଦେବାକୁ ଏସିଏସି ଚିଠିରେ ଦର୍ଶାଇଛନ୍ତି । ଯେଉଁ ପିଲାମାନେ ଟିକାକରଣ କରିନାହାଁନ୍ତି କିମ୍ବା ଗୋଟିଏ ଡୋଜ୍ ନେଇଛନ୍ତି ସେମାନଙ୍କୁ ଅଲଗା କରି କ୍ଲାସ କରିବାକୁ କୁହାଯାଇଛି। ତତ୍ ସହିତ ପିଲାଙ୍କର ନିୟମିତ ସ୍କ୍ରିନିଂ ଉପରେ ମଧ୍ୟ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭିନ୍ନକ୍ଷମ ଯୁବକଙ୍କ କରୋନା ସଚେତନତା କାର୍ଯ୍ୟକ୍ରମ



ନୀଳଗିରି,୨୮/୦୭ (ନି.ପ୍ର): ଜୈନିକ ଭିନ୍ନକ୍ଷମ ଯୁବକଙ୍କ ନିଜ ସାଇକେଲରେ ଡାକ ବାଜି ଯନ୍ତ୍ର ଲଗାଇ ବିଭିନ୍ନ ଅଂଚଳରେ କରୋନା ସଚେତନତା ବାବଦର ବୁଝାଉଥିବା ଦେଖାଯାଇଛି । ସାମାଜିକ ଦୂରତା, ସାନିଟାଇଜର ବ୍ୟବହାର ଓ ମାକ୍ସ ପିନ୍ଧିବା ପାଇଁ ଗାଁ ଗାଁ ରେ ବୁଲି ସଚେତନ କରୁଥିବା ବେଳେ ଯେଉଁମାନଙ୍କ ମୁହଁରେ ମାକ୍ସ ନାହିଁ ସେମାନଙ୍କୁ ମାଗଣାରେ ମାକ୍ସ ପ୍ରଦାନ କରି କରୋନାରୁ କିଭଳି ମୁକ୍ତି ପାଇବେ ସେ ବାବଦରେ ସାଧାରଣ ଜନତାଙ୍କୁ ସଚେତନତା କରାଉଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ଅଯୋଧ୍ୟା ଗ୍ରାମର ଭିନ୍ନକ୍ଷମ ଯୁବକ ଅକ୍ଷୟ ଧଳ ନିଜ ସାଇକେଲରେ ଡାକବାଜି ଯନ୍ତ୍ର ଲଗାଇ ଆଜି ନୀଳଗିରି ସହରରେ କରୋନା ସଚେତନତା ବାର୍ତ୍ତା ବାଣ୍ଟୁଥିବା ବେଳେ କରୋନା ଠାରୁ ଦୁରେଇ ରହିବା ପାଇଁ ମାକ୍ସ ପିନ୍ଧନ୍ତୁ, ସାନିଟାଇଜର ବ୍ୟବହାର କରନ୍ତୁ ଓ ସାମାଜିକ ଦୂରତା ରକ୍ଷା କରନ୍ତୁ ବୋଲି ସାଧାରଣ ଜନତା ଓ ଦୋକାନଭାଇ ମାନଙ୍କୁ ହାତଯୋଡ଼ି ନିବେଦନ କରୁଥିବା ଦେଖାଯାଇଛି । ଭିନ୍ନକ୍ଷମ ଯୁବକଙ୍କର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଗୋଟିଏ ଦିନରେ ୧୭୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୭୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୨୫୧୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୪୯୩୫୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୭୪୧୧ ରହିଛି। ଆଜି ଚିହ୍ନଟ ହୋଇଥିବା ୧୭୦୩ ଜଣଙ୍କ ମଧ୍ୟରୁ ୯୮୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୬ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୮ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୨୪୦, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୨ ଜଣ, ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୫୧ ଜଣ, ଯାଜପୁରରୁ ୮୫ ଜଣ, ଝାରସୁଗୁଡ଼ାରୁ ୦୫ ଜଣ, କଳାହାଣ୍ଡିରୁ ୧୨ ଜଣ, କନ୍ଧମାଳ ଜିଲ୍ଲାରୁ ୮ ଜଣ. କେନ୍ଦ୍ରାପଡ଼ାରୁ ୧୪୯ ଜଣ, କେନ୍ଦୁଝରରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୩୮୬ ଜଣ, କୋରାପୁଟରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଜଟିଳ ହେଉଛି ଓକିଲଙ୍କୁ ପିଲିସର ମାଡ଼ ବିବାଦ
# ଆଜିଠାରୁ ବାଲେଶ୍ୱର ଓକିଲ ସଂଘର କାର୍ଯ୍ୟବନ୍ଦ



ବାଲେଶ୍ୱର,୨୮/୦୭ (ନି.ପ୍ର): ସୋର ଆଇନଜୀବୀଙ୍କ ଉପରେ ପୁଲିସର ଆକ୍ରମଣ ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ଘଟଣାର ଦୀର୍ଘଦିନ ପରେ ବି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ଯୋଗୁଁ ଏବେ କାର୍ଯ୍ୟବନ୍ଦ କରିବା ଭଳି ଚରମ ବାଣି ଶୁଣାଇଛି ଜିଲା ବାର ଆସୋସିଏସନ। ଆଇନଜୀବୀଙ୍କୁ ପୁଲିସର ରାତିଅଧିଆ ଆକ୍ରମଣ କରିବା ଘଟଣାକୁ ନିନ୍ଦା ସହ ବାଲେଶ୍ୱର ବାର ଆସୋସିଏସନ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ବାର ଆସୋସିଏସନର ସଭାପତି ମନୋଜ ନାୟକ ଯୋଗଦେଇ ପୁଲିସର ଅମାନବୀୟ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ଆଇନଜୀବୀଙ୍କୁ ଆକ୍ରମଣ ଘଟଣାକୁ ଦୀର୍ଘଦିନ ବିତି ଯାଇଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକରା ନଯିବା, ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ପ୍ରତିଫଳନ ବୋଲି ଶ୍ରୀ ନାୟକ ଆରୋପ କରିଛନ୍ତି। ଗତ ୪ ତାରିଖ ଭୋର ସମୟରେ ଭଡ଼ାଘରେ ରହୁଥିବା ସୋର ବାର ଆସୋସିଏସନର ସଦସ୍ୟ ଧୀରେନ୍ଦ୍ର କୁମାର ଦାସଙ୍କ ଉପରେ କୌଣସି ମାମଲା ନ ଥାଇ ସୋର ଓ ଭୁବନେଶ୍ୱରର ନୟାପଲ୍ଲୀ ପୁଲିସ ଟିମ ଯେପରି ଭାବେ ଅନ୍ୟାୟପୂର୍ଣ୍ଣ ଚଢ଼ଉ ସହ ଆକ୍ରମଣ କରିଛନ୍ତି ତାହା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ତେବେ ଏହି ଆକ୍ରମଣରେ ସମ୍ପୃକ୍ତ ସୋର ଥାନା ଆଇଆଇସି ମଧୁମିତା ମହାନ୍ତି ଓ ନୟାପଲ୍ଲୀ ଥାନା ପୁଲିସ ଅଧିକାରୀ ବସନ୍ତ କୁମାର ଭଲ୍ଲାଙ୍କ କାର୍ଯ୍ୟକଳାପ ଏବେ ସନ୍ଦେହ ଘେରରେ ଅଛି। ଏନେଇ ଏସପି ଓ ଆଇଜିଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ଅଦ୍ୟାବଧି କୌଣିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କ୍ଷୋଭର ସହ ପ୍ରକାଶ କରିଥିଲେ। ଆଇନଜୀବୀଙ୍କ ଜୀବନ ଓ ସାମାଜିକ ସ୍ୱାଭିମାନର ସୁରକ୍ଷା ପାଇଁ ଆସନ୍ତାକାଲି ତା ୨୯.୭.୨୦୨୧ରିଖଠାରୁ ସମଗ୍ର ଜଲାରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏମିତିକି କୌଣସି ବିଚାରପତିଙ୍କୁ ଅଦାଲତ ପରିସରରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ବାର ଆସୋସିଏସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓକିଲଙ୍କୁ ଆକ୍ରମଣରେ ସମ୍ପୃକ୍ତ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଆଇଗତ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତ ଓକିଲଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ବାର ଆସୋସିଏସନର ଦାବି ରହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଆସୋସିଏସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି, ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲା ଦାୟିତ୍ୱରେ ଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି, ଓଡିଶା ରାଜ୍ୟ ବାର କାଉନସିଲ, ବାଲେଶ୍ୱର ଜିଲ୍ଲା ଓ ଦୌରାଜଜ ପ୍ରମୁଖଙ୍କୁ ଅବଗତ କରାଯାଇଥିବା ଶ୍ରୀ ନାୟକ ସୂଚନା ଦେଇଥିଲେ।

# ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଫଲାଇନ୍‌ରେ ଟିକା ଲାଗି ନିବେଦନ
## ହୋଇ ପାରୁନି ସ୍ଲଟ ବୁକିଂ : ଜଳେଶ୍ୱରରେ ୪୬୦ଟିକା ବଳକା

ଜଳେଶ୍ୱର, ୨୮/୭(ନିପ୍ର) : ଜଳେଶ୍ୱର ବ୍ଲକ ଅଂଚଳରେ ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ନ ଥିବା, ସଚେତନତା ଅଭାବ ଓ ସ୍ଲଟ ବୁକିଂରେ ଅଭ୍ୟସ୍ତ ନଥିବାରୁ ୪୫ବର୍ଷରୁ ଉର୍ଦ୍ଧ୍ୱ ଲୋକେ କରୋନା ଟିକା ନେଇ ପାରୁନଥିବା ଜଣାଯାଇଛି। ଫଳରେ ସୋମବାର ଦିନ ୬୪୦ଟିକା ବଳକା ହେବା ସହିତ ସରକାରଙ୍କ ସମସ୍ତଙ୍କୁ ଟିକାକରଣ ମିଶନ ସଫଳ ହୋଇ ପାରୁନାହିଁ। ଜଳେଶ୍ୱର ବ୍ଲକର ଲୋକ ସଂଖ୍ୟା ପ୍ରାୟ ୨.୫ଲକ୍ଷ ହୋଇଥିବା ବେଳେ ରାଇବଣିଆ ଅଂଚଳରେ ୧ଲକ୍ଷ ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ଭାଗ ଲୋକେ ଆଦିବାସୀ। ଗରିବ ଲୋକଙ୍କ ପାଖରେ ସ୍ମାଟଫୋନ ନଥିବା ବେଳେ ସଚେତନତାର ଘୋର ଅଭାବ ରହିଛି। ଏ ପରିପ୍ରେକ୍ଷୀରେ ଲୋକେ ସ୍ଲଟ ବୁକିଂ କରିପାରୁନଥିବାରୁ ୪୫ବର୍ଷରୁ ଅଧିକ ଲୋକଙ୍କୁ ଦିଆଯାଇଥିବା ଟିକାର ସମୟସୀମା ପୁରିଥିଲେ ମଧ୍ୟ ସେମାନେ ଟିକା ପାଇପାରୁନାହାନ୍ତି। ଗତ ସୋମବାର ଦିନ ଜଳେଶ୍ୱର ବ୍ଲକରେ ୨୫ଶହ ଲୋକଙ୍କୁ ଟିକା ଦେବାଲାଗି ୧୩ଟି କେନ୍ଦ୍ର ନିରୂପଣ ହୋଇଥିଲା। କିନ୍ତୁ ଅତୀତରେ ୨ଶହ ଡୋଜ୍ ଅଧିକ ଥିବାରୁ ୨୭ଶହ ଲୋକ ନେବାଲାଗି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ୨୭ତାରିଖ ଟିକାକରଣ ପରେ ୬୪୦ଡୋଜ୍ ଟିକ୍ ବଳିଥିବାରୁ ସ୍ୱାସ୍ଥ୍ୟସେବା ବିଭାଗ ସୂତ୍ରରୁ ପ୍ରକାଶ। ଆଜି ଜଳେଶ୍ୱର ବ୍ଲକର ହାତୀଗଡଠାରେ ୧୦୦ଜଣ ଗର୍ଭବତୀ ମହିଳାଙ୍କୁ ଟିକାକରଣର ବ୍ୟବସ୍ଥା ହୋଇଥିବା ବେଳେ ୭୦ଜଣ ନେଇଥିବାରୁ ଅଧ୍ୟାବଧି ୫୭୦ଡୋଜ୍ ବଳକା ରହିଛି। ଆସନ୍ତା ୩୦ ଓ ୩୧ରେ ଜଳେଶ୍ୱର ବ୍ଲକ ଲାଗି ୨୪ଶହ ଓ ମ୍ୟୁନିସିପାଲଟି ଲାଗି ୮୦୦ ଏପରିକି ମୋଟ ୩୨୦୦ଟିକାରର ବ୍ୟବସ୍ଥା କରାଯାଇଛି। କିନ୍ତୁ ପଂଜିକରଣ ଓ ସ୍ଲଟ ବୁକିଂ ଯୋଗୁଁ ସବୁ ଲୋକେ ଟିକା ନେଇପାରିବାନେଇ ସନ୍ଦେହ ଉପୁଜିଛି। ସ୍ଲଟ ବୁକି ସହିତ ଅଫ୍‌ଲାଇନ୍‌ରେ ଟିକା ଦିଆଯିବାର ଜିଲା ପ୍ରଶାସନ ଘୋଷଣା କଲେ ଟିକକରଣ ସହଜ ହୋଇ ପାରିବ ବୋଲି କୁହାଯାଉଛି। ଏଥିଲାଗି ଜିଲାପାଳ ଓ ସିଡିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଦଳକୁ ତୃଣମୂଳ ସ୍ତରରେ ସଶକ୍ତ ଲାଗି ବିଜେପି ପ୍ରଭାରୀଙ୍କ ଆହ୍ୱାନ

ଜଳେଶ୍ୱର ୨୮/୭(ନି.ପ୍ର) : ଆଜି ଜଳେଶ୍ୱର ବ୍ଲକ ବଜାର ବିଜେପିର କାର୍ଯ୍ୟାଳୟରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଏଥିରେ ପୌରହିତ୍ୱ କରି ବିଜେପି ଦଳକୁ ଅଧିକ ସୁଦୃଢ କରିବାଲାଗି ଆହ୍ୱାନ ଦେଇଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଭାବେ ଯୋଗ ଦେଇଥିବା ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗ ଦେଇ ଆଗାମୀ ଦିନରେ ରାଜ୍ୟର ପଂଚାୟତ ଓ ପୌର ନିର୍ବାଚନ ଥିବାରୁ ସମସ୍ତ ଦଳ ମତ ଗୋଷ୍ଠିକନ୍ଦଳ ଭୁଲି ଦଳକୁ ଅଧିକ ସଶକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ନିର୍ବାଚନକୁ ସାମନା କରିବାଲାଗି ବୋଥ ସ୍ତରକୁ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଏଥିରେ ଜିଲା ସାଧାରଣ ସଂପାଦକ ସୁନୀଲ କୁମାର କର, ଉପସଭାନେତ୍ରୀ ସାବିତ୍ରୀ ଜେନା, ଅରୁଣ ବେଜ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଜୋନ୍ ସଭାପତି ପ୍ରଣବ ପଣ୍ଡା, ତପନ ବିଶ୍ୱାଳ, ପ୍ରତାପ ସେନାପତି, ପ୍ରକାଶ ମହାନ୍ତି, ଜିଲା ଆଦିବାସୀ ମୋର୍ଚ୍ଚ ସଭାପତି ରାମଚନ୍ଦ୍ର ବେସ୍ରା, ନନ୍ଦନ ଦତ୍ତ, ବରେନ୍ଦ୍ର ପରିଡା, ଆଦିତ୍ୟନାରାୟଣ ପାତ୍ର, ରବିନ୍ଦ୍ର ପାତ୍ର, ସମୀର ପାତ୍ର, ବିଶ୍ୱରୂପ ଦାସ, ରବିନ୍ଦ୍ର ଜେନା, ସଂଜିବ ରାଉତ, ହରିପଦ ମାନ୍ନା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଯୁବମୋର୍ଚ୍ଚା ସଂପାଦକ ରାମକୃଷ୍ଣ ସାହୁ, ତନ୍ମୟ ଚାନ୍ଦ, ମନମୋହନ ଆଚାର୍ଯ୍ୟ, ସତ୍ୟବ୍ରତ ପଣ୍ଡା, କମଳଲୋଚନ ପାଳ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲ। ତାଡଦା ପଂଚାୟତର ଅବସରପ୍ରାପ୍ତ ଶିକ୍ଷକ ତଥା କଳାକାର ପୁରୁଷୋତ୍ତମ ପାଳଙ୍କ ଆତ୍ମାର ସଦ୍‌ଗତି ଲାଗି ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମିଡିଆ କୋଡିନେଟର ଗୌରଗୋପାଳ ଦାସଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଥାନା ହାଜତରୁ ଅଭିଯୁକ୍ତ ଫେରାର୍

ଖୋର୍ଦ୍ଧା,୨୮/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ହାଜତରୁ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଫେରାର୍ ଅଭିଯୁକ୍ତ ଜଣକ ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ଅନ୍ତର୍ଗତ ଯାଜପୁର ଗ୍ରାମର ପ୍ରଭାତ ପାଟ୍ଟଶାଣୀ ବୋଲି ଜଣାପଡିଛି। ୨୦୧୩ ମସିହାରେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଯୁବକ ନାମରେ ମାମଲା ରୁଜୁ ହୋଇଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଜଣକ ଫେରାର୍ ଥିଲା। ତେବେ ଯୁବକ ଜଣକୁ ପୋଲିସ ଧରିବା ସହ ଥାନାରେ ଦୁଇ ଦିନ ଧରି ଅଟକ ରଖିଥିଲା। ଗତକାଲି ରାତି ୧୦ ଟା ସମୟରେ ଅଭିଯୁକ୍ତ ଜଣକ ଥାନା ହାଜତରୁ ଫେରାର୍ ହୋଇଯାଇଛି।

# ରୋଟାରୀ କ୍ଲବ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର
## ମୋଟ ୭୫ ୟୁନିଟ ରକ୍ତ ସଂଗୃହୀତ



ବାରିପଦା,୨୮/୦୭ (ନି.ପ୍ର): ଲକଡାଉନ ଓ ସଟଡାଉନ ସମୟରେ ବିଭିନ୍ନ ରକ୍ତ ଭଣ୍ଡାର ଗୁଡିକରେ ରକ୍ତର ଅଭାବକୁ ଲକ୍ଷ୍ୟରେ ରଖାଯାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାରିପଦା ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଭବନ ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୫ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ, ବାରିପଦା ରେଡକ୍ରସ ରକ୍ତଭଣ୍ଡାରର ମୁଖ୍ୟ ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ଏବଂ ତାଙ୍କର ସହଯୋଗୀ କର୍ମଚାରୀ ମାନେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରୀ କ୍ଲବର ସଦସ୍ୟ ଏବଂ ତାଙ୍କ ପରିବାର ବର୍ଗଙ୍କ ସହିତ ବାରିପଦା କ୍ଲଥ ମାର୍ଚ୍ଚେଂଟ ଏସୋସିଏସନ ଓ ବାରିପଦା ବଣିକ ସଂଘର କର୍ମକର୍ତ୍ତା ମାନେ ଏହି ଶିବିରରେ ରକ୍ତଦାନ କରିଥିଲେ। ବାରିପଦା ରୋଟାରୀ କ୍ଲବର ସଭାପତି ରାଜକୁମାର ଅଗ୍ରୱାଲା, ସମ୍ପାଦକ ରାକେଶ ସିଂ, କମିଟି ଚେୟାରମେନ ମହେନ୍ଦ୍ର କୁମାର ରାଉତ, ସମାଜସେବୀ ଅମର କୁମାର ସେଠୀ ପ୍ରମୁଖଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ କ୍ରମେ ଆୟୋଜିତ ଏହି ମେଗା ରକ୍ତଦାନ ଶିବିରରେ ରୋଟାରୀ କ୍ଲବର ୪୫ ଜଣ ସଦସ୍ୟଙ୍କ ସହିତ ଇନରହ୍ୟୁଲ କ୍ଲବର ସଦଶ୍ୟା ମାନେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୩,୬୫୪ ନୂଆ ମାମଲା

ନୂଆଦିଲ୍ଲୀ,୨୮/୦୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୪୩,୬୫୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ମୋଟ ୬୪୦ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୯୯,୪୩୬ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪,୨୨,୦୨୨ଜଣ ମୃତ୍ୟୁ ବରଣ କରିଛନ୍ତି।

# ୬ ଚୋରା ମଦବ୍ୟବସାୟୀ ଗିରଫ : ୧୨୭ ଲିଟର ମଦ ଜବଦ



ଜଳେଶ୍ୱର, ୨୮/୭(ନି.ପ୍ର) : ବାଲେଶ୍ୱର ଜିଲା ଅବକାରୀ ଏସ୍‌ପି ସେକ୍ ଆସଫ ଅଲ୍ଲିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦେବେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଟିମ୍ ଜଳେଶ୍ୱର ଥାନାର ବର୍ତ୍ତନା, ନାମ୍ପୋ, ତାଳବଣିଆ, ରାଇବଣିଆ, କୁମୁଡିଆ, ତେନ୍ତୁଳା, କମର୍ଦ୍ଦା ଥାନାର ଉଲୁଡା, ଦାହୁଣ୍ଡା, କାଜିବାଗ ଓ ନହରା ଗାଁରେ ଚଢାଉ କରି ମୋଟ ୧୨୭ଲି. ପଶ୍ଚିମବଂଗ ପ୍ରସ୍ତୁତ ଦେଶୀମଦ ଜବତ୍ କରିଛନ୍ତି। ଏହା ସହିତ ତେନ୍ତୁଳା ଗାଁର ରବିନ୍ଦ୍ର ମହନ୍ତ, ନାମ୍ପୋ ଗାଁର ସୁଧିର ମାରାଣ୍ଡି, କୁମୁଡିଆ ଗାଁର ପ୍ରଫୁଲ୍ଲ ସିଂ, ଦାହଣଦା ଗାଁର ରାଧାକାନ୍ତ ଦାସ, ଉଲୁଡା ଗାଁର ପିତାମ୍ବର ରଣା ଓ ବର୍ତ୍ତନା ଗାଁର ବସନ୍ତ ସାମଲକୁ ଗିରଫ କରି ଜଳେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି। ଏହି ଚଢାଉରେ ରାମଚନ୍ଦ୍ର ମହାନ୍ତି, ଶଶିଭୂଷଣ ସ୍ୱାଇଁ, ବାବାଜୀ ପଣ୍ଡିତ ଓ ପିଙ୍କି ମାରାଣ୍ଡି ସାମିଲ ଥିଲେ।

# କରତକଳ ଅଭାବରୁ ସମସ୍ୟାରେ ଗ୍ରାମାଞ୍ଚଳ ଲୋକେ
## ଜୀବନ ଜୀବିକା ସଂଯୁକ୍ତ ଗଣ ପରିଷଦ ପକ୍ଷରୁ ସେକେଣ୍ଡାରୀ ଲାଇସେନ୍ସ ଦାବି



ବାଲେଶ୍ୱର,୨୮/୦୭ (ନି.ପ୍ର): ଗ୍ରାମାଞ୍ଚଳରେ କରତ କଳ ଲାଇସେନ୍ସ ପ୍ରଦାନ ଉପରେ ସରକାରୀ ଅଙ୍କୁଶ ଯୋଗୁଁ ସମ୍ପ୍ରତି କାଠ କାରୀଗରଙ୍କ ସମେତ ଅନ୍ୟାନ୍ୟ ବର୍ଗର ହଜାର ହଜାର ଶ୍ରମିକ ଜୀବିକା ହରାଇ ଦୁର୍ଦ୍ଦଶାରେ ଥିବା ନେଇ ଅଭିଯୋଗ ଉଠାଇଛି ଜୀବନ ଜୀବିକା ସଂଯୁକ୍ତ ଗଣ ପରିଷଦ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ପାଦିକ ସମ୍ମିଳନୀରେ ଗଣ ପରିଷଦର କର୍ମକର୍ତ୍ତାମାନେ ସରକାରଙ୍କ ଜଙ୍ଗଲ ଓ କାଠକଟା ନୀତିକୁ ସମାଲୋଚନା କରିଥିଲେ। ୧୯୮୦ ମସିହାରେ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ ବଳରେ ଓଡ଼ିଶାର ୫୫୯ଟି କରତକଳକୁ ଲାଇସେନ୍ସ ପ୍ରଦାନ କରିଥିଲେ। ମାତ୍ର ଜଙ୍ଗଲ ସୀମାର ୧୦ କିମି ମଧ୍ୟରେ କରତକଳ ରହି ନପାରିବା ନେଇ ୨୦୦୨ ମସିହାର ସର୍ବୋଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପରିବର୍ତ୍ତେ ସରକାର ସମସ୍ତ କରତକଳ ଲାଇସେନ୍ସକୁ ପ୍ରତ୍ୟାହାର କରିନେଲେ। ଇତିମଧ୍ୟରେ ୨୫୬ଟି କରତକଳକୁ ଯଦିଚଃ ଲାଇସେନ୍ସ ଦେଇଛନ୍ତି, ମାତ୍ର ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟା ପ୍ରତି ଆଖି ବୁଜିଦେଇଛନ୍ତି ବୋଲି ଗଣ ପରିଷଦ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ସୋମନାଥପୁର ଅଞ୍ଚଳରେ ୨ଟି କରତକଳ ରହିଥିଲେ ବି ଜିଲାର ଅନ୍ୟାନ୍ୟ ବ୍ଲକର ଲୋକେ କାଠ କାଟି ନପାରି ସମ୍ପ୍ରତି ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ସହରର ଧନୀକ ତଥା ସ୍ୱଚ୍ଛଳ ବର୍ଗ ଲୋକେ ଦିଲୀ ଓ ମୁମ୍ବାଇରୁ ଆସୁଥିବା ବହୁମୂଲ୍ୟର କାଠ ଫର୍ଣ୍ଣିଚର କିଣି ପାରୁଛନ୍ତି ମାତ୍ର ଗ୍ରାମାଞ୍ଚଳର ଖଟିଖିଆ ଗରିବ, ଚାଷୀ ମୂଲିଆଙ୍କ ବାବଦରେ ସରକର କିଛି ବ୍ୟବସ୍ଥା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଜୀବନ ଜୀବିକା ସଂଯୁକ୍ତ ଗଣ ପରିଷଦ ପକ୍ଷରୁ ଆରୋପ ହୋଇଛି। ଝିଅ ବିଭାଘର ପାଇଁ ସାଧାରଣ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଖଟ, ପଲଙ୍କ ହେଉ କି ଗ୍ରାମଞ୍ଚଳର ପାରମ୍ପାରିକ ଚାଷୀ ନିଜର ହଳ ଲଙ୍ଗଳ ପାଇଁ କାଠ ଗଛଟିଏ କାଟି ପାରୁନି। ଅନ୍ୟପକ୍ଷରେ ଆବାସ ଯୋଜନାର ଛାତ ପକାଇବା ପାଇଁ ସାଧାରଣ ହିତାଧିକାରୀ ସେଣ୍ଟ୍ରିଂ ପଟା ବି ଯୋଗାଡ଼ କରିପାରୁ ନାହିଁ। ସେହିଭଳି ସମୁଦ୍ର ଉପକୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଭୁଟୁଭୁଟି, ଦେଶୀ ଡଙ୍ଗା ଆଦି ମରାମତି କରିବାକୁ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ପଶ୍ଚିବଙ୍ଗର କାଠ ବେପାରୀ ବେଶ ଲାଭବାନ ହେଉଛନ୍ତି। ସେମାନେ ବାଲେଶ୍ୱର ଲୋକଙ୍କ ବାଡ଼ିରୁ ଗଛ କାଟିନେଇ ତାକୁ ସେଠାକାର କରତକଳରେ ସୋଇଂ କରି ଅଧିକ ମୂଲ୍ୟରେ ପୁଣି ଏଠାକାର ଲୋକଙ୍କୁ ବିକ୍ରି କରୁଛନ୍ତି। ଅତଏବେ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ପଶ୍ଚିମବଙ୍ଗ ଭଳି ଓଡ଼ିଶାରେ ବି କାଠ ଚିରିବାକୁ ସେକେଣ୍ଡାରୀ ଲାଇସେନ୍ସ ପ୍ରଦାନ ପାଇଁ ପରିଷଦର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ନଚୁବା ଆଗାମୀ ଦିନରେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସଂଗଠନର ସଭାପତି ମଣିଭଦ୍ର ସାହୁ, ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ସେବା ପକ୍ଷରୁ ମେଡିକାଲରେ ମାଗଣା ରନ୍ଧା ଖାଦ୍ୟ ବଂଟନ



ବାରିପଦା,୨୮/୦୭ (ନି.ପ୍ର): ବାରିପଦା ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ସେବା ପକ୍ଷରୁ ସ୍ଥାନୀୟ ପିଆରଏମ୍ ମେଡିକାଲ ଠାରେ ମାଗଣା ରନ୍ଧା ଖାଦ୍ୟ ବଂଟନ କରା ଯାଇଛି। ଅନୁଷ୍ଠାନ ପକ୍ଷରୁ ଗତ ୬ ସପ୍ତାହ ଧରି ଏହି ଖାଦ୍ୟ ବଂଟନ କାର୍ଯ୍ୟ ସମ୍ପାଦନ କରା ଯାଉଛି। ପ୍ରକାଶ ଥାଉକି ସପ୍ତାହାନ୍ତ ସଟଡାଉନ ସମୟରେ ହସପିଟାଲରେ ଥିବା ରୋଗୀ ମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ହୋଇ ପାରୁଥିବା ବେଳେ, ସେମାନଙ୍କୁ ସେବା କରିବାକୁ ଆସୁଥିବା ସମ୍ପର୍କୀୟ ମାନଙ୍କ ପାଇଁ ଖାଦ୍ୟର ସେପରି କୌଣସି ବ୍ୟବସ୍ଥା ନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଅନେକ ନଜିର ରହିଛି। ଏଭଳି ଅସୁବିଧାକୁ ନଜରରେ ରଖି ଅନୁଷ୍ଠାନ ପକ୍ଷରୁ ଓଙ୍କ ଡାଉନରେ ଖାଦ୍ୟ ବଂଟନ ନିଷ୍ପତି ନିଆଯାଇ ଗତ ୬ ସପ୍ତାହ ଧରି ବାରିପଦା ପିଆରଏମ ମେଡିକାଲ ପରିସରରେ ରନ୍ଧାଖାଦ୍ୟ ବଂଟନ କରା ଯାଇ ଆସୁଛି। ଅନୁଷ୍ଠାନର ସଭାପତି ପରିତୋଷ ଦାଶଙ୍କ ଅଧକ୍ଷତାରେ ବାପୁ ପାତ୍ର, ଦିପ୍ ଦାସ, ଜିତେନ୍ଦ୍ର ବେହେରା, ଦେବଯାନୀ, ରେହେନା ସୁଲତାନ, ଲିଙ୍ଗରାଜ ମହାନ୍ତି, ପିଙ୍କି ଦାସ, ସମରକାନ୍ତି ଦାସ, ସଂଯୁକ୍ତା ଭୁଜବଳଙ୍କ ସମେତ ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଖାଦ୍ୟ ବଂଟନ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ତେବେ ଆଗାମି ଦିନରେ ସମସ୍ତଙ୍କ ଆଶିର୍ବାଦ ଏବଂ ସହାୟତା ରହିଲେ, ଏହିଭଳି ଅସହାୟ ଲୋକ ମାନଙ୍କୁ ଯଥା ସମ୍ଭବ ଅନ୍ୟାନ୍ୟ ସେବା ମଧ ଯୋଗାଇ ଦିଆଯିବ ବୋଲି ଶ୍ରୀ ଜଗନ୍ନାଥ ସେବା ସଂଗଠନ ପକ୍ଷରୁ କୁହା ଯାଇଛି। ତେବେ ସଂଗଠନର ଏଭଳି ସେବା ମନୋବୃତ୍ତିକୁ ସବୁ ମହଲରେ ପ୍ରଶଂସା କରା ଯାଇଛି। ବିନା କୌଣସି ସହାୟତାରେ ଏହି ସଂଗଠନ ବିଭିନ୍ନ ସମୟରେ ଅସହାୟ ଲୋକଙ୍କୁ ସେବା ଯୋଗାଇ ଦେଇଥାଏ। କେବଳ ଖାଦ୍ୟ ବଂଟନ ନୁହେଁ ସଂଗଠନ ପକ୍ଷରୁ କୌଣସି ଅପରିଚିତ ରୋଗୀ, ମସ୍ତିଷ୍କ ବିକୃତ ଅଥବା ଦୁଃସ୍ଥ ନିରାଶ୍ରିତ ମାନଙ୍କ ସମ୍ପର୍କରେ ଖବର ପାଇବା ମାତ୍ରେ ସଂଗଠନ ର କର୍ମକର୍ତ୍ତା ମାନେ ସେଠାରେ ପହଂଚି ସମସ୍ତ ପ୍ରକାର ସେବା ଯୋଗାଇ ଦେଇଥାନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo